

ରୋହିତଙ୍କଠାରୁ ଅଧିକ ଦରମା ପାଇବେ ଶ୍ରେୟସ

ପୃଷ୍ଠା ୭

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 246 | ଭାଗ ୩୨ | ସଂଖ୍ୟା୨୪୬ Bhubaneswar | Saturday 30 November 2024 | Page 8 Rs. 4.00 ଭୁବନେଶ୍ୱର | ଶନିବାର ୩୦ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ବିଶ୍ୱଗୁରୁ ଦେଲେ ବିକାଶର ମନ୍ତ୍ର

- ରାଜ୍ୟବାସୀଙ୍କ ସମ୍ପର୍କରେ ବାଧକ ହୋଇପାରିଲାନି ଭାଷା
- ବିଶ୍ୱ ମାନଚିତ୍ରରେ ଓଡ଼ିଶା ପାଉଛି ପ୍ରାଥମିକତା: ମୋଦୀ
- ହାରିଯିବା ପରେ ଲୋକଙ୍କ ଉପରେ ରାଗ ଶୁଝାଉଛନ୍ତି ବିରୋଧୀ
- ମିଛ ପ୍ରଚାର କରି ଲୋକଙ୍କୁ ଭ୍ରମିତ କରୁଛନ୍ତି କ୍ଷମତା ଲୋଭୀ

**ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ):** ଓଡ଼ିଶାକୁ କେବଳ ଦେଶରେ ନୁହେଁ ବରଂ ସମଗ୍ର ବିଶ୍ୱର ମାନଚିତ୍ରରେ ପ୍ରାଥମିକତା ମିଳୁ । ସେଥିପାଇଁ ଏଠାରେ ଜି-୨୦ ସମ୍ମିଳନୀଠୁ ଆରମ୍ଭ କରି ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ, ପୁଲିସ ଡିଜି ସମ୍ମିଳନୀ ଓ ନୌସେନା ଦିବସ ଆଦିର ଆୟୋଜନ କରାଯାଉଛି । ଏହା ଓଡ଼ିଶାକୁ ଦିଆଯାଉଥିବା ପ୍ରାଥମିକତାର ପ୍ରମାଣ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ନିର୍ଦ୍ଧାରିତ ସମୟରେ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିମାନ ବନ୍ଦର ପହଂଚିବା ପରେ ସେଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ପ୍ରଧାନମନ୍ତ୍ରୀ ମୋଦୀ ଉଦବୋଧନ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଜୟ ଜଗନ୍ନାଥ' କହି ନିଜର ଓଡ଼ିଆ ଭାଷାରେ ଆରମ୍ଭ କରିଥିଲେ । ପ୍ରଭୁ ଲିଙ୍ଗରାଜଙ୍କ ମାଟିକୁ ଆସିବାକୁ ଆଜି ସୁଯୋଗ ମିଳିଛି। ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରଣାମ କରୁଛି । ବିମାନବନ୍ଦରରେ ଏତେ ସଂଖ୍ୟକ ଲୋକଙ୍କ ଉପସ୍ଥିତି ଓ ଏଭଳି ଭଲପାଇବା ଦେଇଥିବାରୁ ମୁଁ କୃତଜ୍ଞ । ମହାରାଷ୍ଟ୍ର ଓ ହରିଆଣା ବିଧାନସଭା ନିର୍ବାଚନ ଓ ଦେଶରେ ବିଭିନ୍ନ ଉପନିର୍ବାଚନର ପରିଣାମ ସମଗ୍ର ଦେଶର ଲୋକଙ୍କ ମଧ୍ୟରେ କିଭଳି ଏକ ବିଶ୍ୱାସ ସୃଷ୍ଟି କରିଛି ତା'ର ଚମକ,ଖୁସି, ଆଗ୍ରହ ଓ ଉତ୍ସାହ ଏଠି ଉପସ୍ଥିତ ଲୋକଙ୍କ ମଧ୍ୟରେ ଅନୁଭବ କରୁଛି । ଓଡ଼ିଶାରୁ ଏହାର ଆରମ୍ଭ ହୋଇଥିଲା। ହରିଆଣା ଓ ମହାରାଷ୍ଟ୍ରରେ ବି ଦେଖିବାକୁ ମିଳିଲା । ଏହା ହିଁ ବିଜେପିର ବିଶେଷତ୍ୱ ଓ ଆମ ଦଳର କର୍ମୀମାନଙ୍କର ସାମର୍ଥ୍ୟ । ବିରୋଧୀ ଦଳ ସବୁବେଳେ ବିଜେପି ସରକାର ବିରୁଦ୍ଧରେ ଅପପ୍ରଚାର କରୁଛି । କିନ୍ତୁ ଲୋକେ ଆଶୀର୍ବାଦ ଦେଉଛନ୍ତି ।

ସେ କହିଥିଲେ ଯେ, ଦେଶରେ ପ୍ରାୟ ଶହେ ବର୍ଷ ଧରି ପୁଲିସ ଡିଜି ସମ୍ମିଳନୀ ହେଉଛି । କିନ୍ତୁ ଓଡ଼ିଶାରେ ଏହା ପ୍ରଥମଥର ପାଇଁ ଆୟୋଜିତ ହୋଇଛି। ଆଉ ୪ଦିନ ପରେ ପୁରୀରେ 'ନୌସେନା ଦିବସ' ପାଳନ କରାଯିବ। ପୁରୀ ବ୍ଲୁଫ୍ଲାଗ ବେଳାଭୂମିରେ ଏହି ଆୟୋଜନ ହେବ। ଏହା ଅର୍ଥ ଓଡ଼ିଶା ସମଗ୍ର ବିଶ୍ୱରେ କେନ୍ଦ୍ରବିନ୍ଦୁ ରହିବ । ଆଉ ଜାନୁୟାରୀ ମାସରେ ପ୍ରବାସୀ ଭାରତୀୟ ଦିବସର ଆୟୋଜନ ହେବ। ଜି-୨୦ରେ ଭିନ୍ନ ପ୍ରକାରର ଲୋକେ ଆସିଥିଲେ। ଏବେ ବିଦେଶରେ ରହୁଥିବା ଆମ ଲୋକେ ଆସିବେ । ପର୍ଯ୍ୟଟନର ସୁଯୋଗ ବଢ଼ିବ । ଓଡ଼ିଶାକୁ ⮊ପୃଷ୍ଠା-୬



## ତିସମାର୍ ଖାନଙ୍କୁ ତୀର୍ଯ୍ୟକ ବାଣ

ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ନିର୍ବାଚନର କିଛିମାସ ପୂର୍ବରୁ ବଡ଼ବଡ଼ ରାଜନୀତିକ ପଣ୍ଡିତମାନେ ଓଡ଼ିଶାରେ ବିଜେପିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରୁଥିଲେ। ଓଡ଼ିଶାରେ ବିଜେପି ଏତେବଡ଼ ଶକ୍ତି ନୁହେଁ ଯେ, ରାଜ୍ୟରେ ଏକାକୀ ସରକାର ଗଢ଼ିବ । ହେଲେ ଯେତେବେଳେ ଫଳାଫଳ ଆସିଲା ଯେଉଁମାନେ ନିଜକୁ ତିସମାର୍ ଖାନ ଭାବୁଥିଲେ ସେମାନେ ଚୁପ ହୋଇଗଲେ। ଫଳାଫଳ ଆସିବାପରେ ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ । କାରଣ ଓଡ଼ିଶାର ଲୋକେ ବିଜେପିର କେନ୍ଦ୍ର ସରକାରଙ୍କ କାର୍ଯ୍ୟକୁ ସ୍ୱୀକାର କରିଥିଲେ ଓ ବିଗତ ୧୦ବର୍ଷ ମଧ୍ୟରେ ଗାଁ ଗାଁ ଓ ଘରେଘରେ ଲୋକଙ୍କ ପାଖରେ କେନ୍ଦ୍ର ସରକାରଙ୍କ ଯୋଜନା ପହଂଚାଇବା ପାଇଁ କ୍ରମାଗତ କାର୍ଯ୍ୟ କରୁଥିଲୁ । ଏଠି ଆମ ଯୋଜନାର ନାଁ ପରିବର୍ତ୍ତନ କରିଦିଆଯାଉଥିଲା । ତଥାପି ଆମେ କାମ କରି ଚାଲିଥିଲୁ। କେନ୍ଦ୍ର ସରକାର ବା ମନ୍ତ୍ରିମଣ୍ଡଳରେ ଓଡ଼ିଆଙ୍କ ପ୍ରତିନିଧିତ୍ୱ ଯେତିକି ଏବେ ଅଛି ତାହା ପୂର୍ବରୁ କେବେ ନଥିଲା । ଓଡ଼ିଶା ପାଇଁ ବଜେଟ ପରିମାଣକୁ ୩ଗୁଣ କରିଥିଲୁ । କିଛି ଭେଦଭାବ କରିନଥିଲୁ । ସେଥିପାଇଁ ଓଡ଼ିଶାର ଲୋକେ ବିଜେପିକୁ ବିଶ୍ୱାସ କଲେ ଓ ଆଶୀର୍ବାଦ ଦେଲେ । ଆମର ଭାବ ଏତେ ସୁଦୃଢ଼ ଥିଲା ଯେ ଭାଷାଠୁ ବି ତାହା ବଳିଯାଇଥିଲା ।

## ଧର୍ମେନ୍ଦ୍ରଙ୍କୁ ଧନ୍ୟବାଦ

ସମ୍ବର୍ଦ୍ଧନା ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ସେ ନୂଆଦିଲ୍ଲୀରେ ଓଡ଼ିଶା ପର୍ବରେ ସାମିଲ ହୋଇଥିଲେ। ସେଠି ସେ 'ମସଲା ଚା' ପିଇବାର ସୁଯୋଗ ପାଇଥିଲେ। ଓଡ଼ିଶା ସମୃଦ୍ଧ ଐତିହ୍ୟ ଓ ସଂସ୍କୃତିର ପ୍ରଶଂସା କରିଥିଲେ ମୋଦୀ। ଏଥିସହ ଆଜି ବାବା ଲିଙ୍ଗରାଜଙ୍କ ମାଟିକୁ ଆସିବାକୁ ସୁଯୋଗ ମିଳିଲା ଓ ଏଠାରେ ଏତେ ସଂଖ୍ୟାରେ ଲୋକମାନେ ଆସିବା ଆଉ ଆପଣଙ୍କ ଏହି ଭଲ ପାଇବା ପାଇଁ ମୁଁ ଋଣି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

## ୧୫ ବର୍ଷ ପାଇଁ ରୋଡ୍ ମ୍ୟାପ

**ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ):** ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ ସାଂସଦ ଓ ବିଧାୟକଙ୍କୁ ଦେଇଛନ୍ତି ସଫଳତାର ଛଅଟି ଟିପ୍ସ। ଆଗାମୀ ୧୫ ବର୍ଷ ପାଇଁ ରାଜ୍ୟରେ କ୍ଷମତାରେ ରହିବାକୁ ହେଲେ ଦଳର ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତାଙ୍କ ଆଚରଣ ପରିବର୍ତ୍ତନ ପାଇଁ ମୋଦି ପରାମର୍ଶ ଦେଇଛନ୍ତି। ରାଜ୍ୟରେ ସରକାରର ସଫଳତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତେ ସହଯୋଗ କରିବା ସହ ତାଙ୍କ ହାତମୁଠାକୁ ଟାଣ କରିବାକୁ ପରାମର୍ଶ ଦେଇଛନ୍ତି ମୋଦି। ⮊ପୃଷ୍ଠା-୬

### ସାଂସଦ ଓ ବିଧାୟକଙ୍କୁ ମୋଦିଙ୍କ ୬ ଟିପ୍ସ

- ଟ୍ରାନ୍ସଫର-ଟ୍ରାପରୁ ଦୂରେଇ ରୁହ
- ଭଲ କାମର ପ୍ରଚାର ଠିକ୍ ସେ କର
- ଅପପ୍ରଚାରର ଦୃଢ ଭାବେ ମୁକାବିଲା କର
- ବିକାଶରେ ଅଫିସରଙ୍କୁ ସହଯୋଗ କର
- ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କର



## ଶାହ ମନ୍ତ୍ର

### ଓଡ଼ିଶାରେ ତିଆରି ହେଉଛି ଦେଶର ସୁରକ୍ଷା ରଣନୀତି

# ଶୂନ୍ୟ ସହନଶୀଳ ରଣନୀତି ସହ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଭୁବନେଶ୍ୱରରେ ୫୯ତମ ପୁଲିସ ଡିଜି/ଆଇଜି ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ଦ୍ୱିତୀୟ ଏବଂ ତୃତୀୟ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରିବେ। ହାଇବ୍ରିଡ୍ ମୋଡରେ ଆୟୋଜିତ ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ମୁଖ୍ୟ ଏବଂ ସିଏପିଏଫ୍/ସିପିଓ ର ମୁଖ୍ୟମାନେ ଯୋଗ ଦେଇଛନ୍ତି । ଆହୁରି ମଧ୍ୟ, ସାରା ଦେଶରୁ ଅନେକ ପୁଲିସ ଅଧିକାରୀ ଏହି ସମ୍ମିଳନୀରେ ଆଭାସୀ ମାଧ୍ୟମରେ ଅଂଶଗ୍ରହଣ କରୁଛନ୍ତି। ଆଜି ହୋଇଥିବା ଆଲୋଚନାରେ ଜାତୀୟ ସୁରକ୍ଷା ପରାମର୍ଶଦାତା, କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବ ମଧ୍ୟ ଯୋଗ ଦେଇଥିଲେ।

- ପୂର୍ବ ସୀମାରେ ଏବେ ପରିବର୍ତ୍ତନଶୀଳ ସୁରକ୍ଷା ଆହ୍ୱାନ
- ୫୯ତମ ପୁଲିସ ଡିଜି/ଆଇଜି ସମ୍ମିଳନୀ ଉଦ୍‌ଘାଟିତ
- ସହରୀ ପୁଲିସ ବ୍ୟବସ୍ଥା ଉପରେ ଧ୍ୟାନ ଦେବାକୁ ଗୁରୁତ୍ୱ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁଇନ୍ଦା ବ୍ୟୁରୋ ଅଧିକାରୀମାନଙ୍କୁ ବିଶିଷ୍ଟ ସେବା ପାଇଁ ପୁଲିସ ପଦକ ପ୍ରଦାନ କରିଥିଲେ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର 'ରାଙ୍କିଙ୍ଗ ଅଫ୍ ପୁଲିସ ଷ୍ଟେସନସ୍ ୨୦୨୪' ପୁସ୍ତକକୁ ମଧ୍ୟ ଉନ୍ମୋଚନ କରିଥିଲେ। ସେ ଦେଶର ତିନୋଟି ଶ୍ରେଷ୍ଠ ଥାନାକୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ।

ଉଦଘାଟନୀ ଅଭିଭାଷଣରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ୨୦୨୪ ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ଏବଂ ୩ଟି ନୂଆ ଅପରାଧିକ ଆଇନକୁ ବାଧାମୁକ୍ତ ଭାବେ କାର୍ଯ୍ୟକାରୀ କରିଥିବାରୁ ପୁଲିସ ନେତୃତ୍ୱଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜାମ୍ମୁ-କାଶ୍ମୀର, ଉତ୍ତର-ପୂର୍ବ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ସ୍ଥିତିରେ ସୁଧାର ଭଳି ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ।

ଶ୍ରୀ ଅମିତ ଶାହ କହିଥିଲେ, ୩ଟି ନୂଆ ଅପରାଧିକ ଆଇନ ଦ୍ୱାରା ଭାରତର ଅପରାଧିକ ନ୍ୟାୟ ପ୍ରଣାଳୀ, ଯାହା ପୂର୍ବରୁ ଦଣ୍ଡ-କେନ୍ଦ୍ରିତ ଥିଲା, ତାହା ଏବେ ନ୍ୟାୟ କେନ୍ଦ୍ରିତ ହୋଇପାରିଛି। ⮊ପୃଷ୍ଠା-୬

## ପାର୍ଟି ଅଫିସରେ ମୋଦୀ: ଏପାଖ ସେପାଖ

### କପଡ଼ାର ଦାମ ୨୦୦ ଟଙ୍କା

ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଧାୟକ ଓ ସାଂସଦଙ୍କ ସହ ଆଲୋଚନା ବେଳେ ପରିବହନ ମନ୍ତ୍ରୀ ବିଭୁତି ଜେନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କହିଥିଲେ ଯେ, ଲୋକେ କହୁଛନ୍ତି ଆପଣ ବହୁତ ଦାମୀ ପୋଷାକ ପିନ୍ଧୁଛନ୍ତି। ଏହାର ଉତ୍ତର ମୋଦି କହିଥିଲେ ମୁଁ ଯେଉଁ କପଡାର ପୋଷାକ ପିନ୍ଧୁଛି ତାର ଦାମ ଦୁଇ ଶହ ଟଙ୍କା ମିଟର। ମୁଁ ଯେଉଁଠି ସିଲେଇ କରୁଛି ତାର ଠିକଣା ଦେଉଛି, ଆତ୍ମସନ୍ତୋଷ ପାଇଁ ଯାଇ ପଚାରିପାରନ୍ତି ବୋଲି ସେ କହିଥିଲେ।

### କାହିଁକି ହାତକଟା କୁର୍ତ୍ତା ପିନ୍ଧନ୍ତି ?

ଗୁଜୁରାଟରେ ସଂଘର ପ୍ରଚାର ଦାୟିତ୍ୱରେ ଥିବା ବେଳେ ପାଖରେ ଯଥେଷ୍ଟ ପଇସା ନଥାଏ। ସବୁବେଳେ ଅର୍ଥର ଅଭାବ ରହୁଥିଲା। ଫୁଲ ହାତ କୁର୍ତ୍ତା ପିନ୍ଧିଲେ ହାତ ମଇଳା ହୋଇଯିବ ଏବଂ ସଫ କରିବା ପାଇଁ ସାବୁନ କିଣିବାକୁ ମଧ୍ୟ ପଇସା ନଥାଏ। ତେଣୁ କୁର୍ତ୍ତାର ହାତ ମଇଳା ନହେବା ପାଇଁ କୁର୍ତ୍ତାର ହାତ କାଟି ଦେଉଥିଲେ ମୋଦି। କର୍ମକର୍ତ୍ତାଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ନିଜର ବିଗତ ଦିନର ସ୍ମୃତି ମନେପକେଇ ଏହା କହିଥିଲେ।

### ପାଖରୁ ଦେଖିବାକୁ ଚାହୁଁଥିଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଜଣେ ସାଧାରଣ କର୍ମକର୍ତ୍ତାଙ୍କ ଭଳି ସବୁ ବିଧାୟକ, ମନ୍ତ୍ରୀ ଓ ସାଂସଦଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କୁ ସଫଳତା ଟିପ୍ସ ଦେବା ସହ ବନ୍ଧୁ ଭଳି କଥା ହୋଇଥିଲେ। ଏହି ସମୟରେ ସାଂସଦ ସିଦ୍ଧାନ୍ତ ମହାପାତ୍ର ପ୍ରଶ୍ନ କରିବାକୁ ହାତ ଟେକିଥିଲେ। ସିଦ୍ଧାନ୍ତ ହାତ ଟେକିବାର ଦେଖି ମୋଦି ତାଙ୍କ ପାଖକୁ ଯାଇଥିଲେ। ମୋଦି ତାଙ୍କ ପାଖରେ ପହଁଚିବା କ୍ଷଣି ସେ କହିଥିଲେ, ଆପଣଙ୍କୁ ମୁଁ ଟିକେ ପାଖରୁ ଦେଖିବାକୁ ଚାହୁଁଥିଲି ସେଥିପାଇଁ ପ୍ରଶ୍ନ କରିବାକୁ ହାତ ଟେକିଲି। ପ୍ରକୃତରେ କିନ୍ତୁ ମୋର କିଛି ପ୍ରଶ୍ନ ନାହିଁ। ଏକଥା ଶୁଣି ମୋଦି ଓ ସବୁ କର୍ମକର୍ତ୍ତା ହସିଦେଇଥିଲେ।

# ଲଲଙ୍କ ପାଇଁ ବଢୁଛି ଅଡୁଆ

**ଯାଜପୁର,୨୯।୧୧ (ସଂଚାର ବ୍ୟୁରୋ):** ବିରଜା ହାଟ ମାମଲାକୁ ନେଇ ଯାଜପୁରରେ ରାଜନୈତିକ ହଟଚମଟ ଲାଗି ରହିଥିବାବେଳେ ଶୁକ୍ରବାର ଯାଜପୁର ଜିଲା ଦୌରାଜକ୍ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭାଇ ଭବପ୍ରସାଦ ଦାସ (ଲଲ)ଙ୍କୁ ୪ ମାମଲା ମଧ୍ୟରୁ ଗୋଟିଏ ମାମଲାରେ ଜାମିନ ମଞ୍ଜୁର



ଯେ ନିକଟ ଭବିଷ୍ୟତରେ ଜେଲରୁ ମୁକୁଳିପାରିବେ ସେନେଇ ସନ୍ଦେହ ସୃଷ୍ଟି ହୋଇଛି। କାରଣ ଏଭିତରେ କରିଛନ୍ତି। ଜାମିନ ମଞ୍ଜୁର ହୋଇଥିଲେ ମଧ୍ୟ ଲଲ ଜେଲ୍‌ରୁ ମୁକୁଳି ପାରିବେ ନାହିଁ। କାରଣ ତାଙ୍କ ନାମରେ ପୂର୍ବରୁ ଆଉ ୩ ମାମଲା ବିଚାରାଧୀନ ରହିଛି। ଗୋଟିଏ ପରେ ଗୋଟିଏ ମାମଲାରେ ଛନ୍ଦି ହୋଇଥିବା ଲଲ କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେଇଥିବା ବେଳେ ଯେକୌଣସି ସମୟରେ ଲଲଙ୍କୁ ରିମାଣ୍ଡରେ ମଧ୍ୟ ନେଇପାରେ। ଏପରି ହେଲେ ଲଲଙ୍କ ପାଇଁ ଅଡୁଆ ଆହୁରି ବଢ଼ି ବୋଲି କୁହାଯାଉଛି।

ବିରଜା ହାଟକୁ ନେଇ ଚାଲିଥିବା ଆନ୍ଦୋଳନ ସ୍ଥଳରେ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ ଉପରେ ହୋଇଥିବା ଆକ୍ରମଣରେ ପୋଲିସ ଲଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଲଲଙ୍କ ଓକିଲ ଶୁକ୍ରବାର ଏହି ମାମଲା ପାଇଁ ଜାମିନ୍ ଆବେଦନ ⮊ପୃଷ୍ଠା-୬



## କାନ ଡେରିଥା

ଅଠର ଯୋଜନା ନାଁ ବଦଳିଛି
ଛମାସର ଏଇ ଶାସନେ,
ଯୋଜନାର
ଏଇ ନା' ବଦଳିରେ
ବିଜେଡ଼ି ପାଇବ ପାନେ।

## ବିଜେଡି ଉପରେ କଳା ବାଦଲ

# ଏବେ ଗଡ଼ ଜଗିବାର ବେଳ

**ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାର ଗଠନ ହେବାର ଛଅ ମାସ ପୂରିବା ବେଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ ଆରମ୍ଭକରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଗସ୍ତ ଏବେ ବିଜେଡି ମୁଣ୍ଡ ଉପରେ କଳାବାଦଲ ଘୋଟିଲା ଭଳି ଅବସ୍ଥା ସୃଷ୍ଟି କରିଛି। ଛଅ ମାସ ଭିତରେ ବିନା ହୋ ହଲ୍ଲାରେ ଦଳର ଦୁଇ ଦୁଇ ଜଣ ସାଂସଦ ବିଜେପିକୁ ପଳାଇଥିବାରୁ ଦଳ ପାଇଁ ଏବେ ଗଡ ଜଗିବାର ବେଳ ବୋଲି କୁହାଯାଉଛି ।

ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜନ ହେଉଥିବା ସର୍ବଭାରତୀୟ ଡିଜି ସମ୍ମିଳନୀରେ ଅବସରରେ ଆଗପଛ ହୋଇ ଆସିଛନ୍ତି ଅମିତ ଶାହ ଓ ନରେନ୍ଦ୍ର ମୋଦୀ । ଶ୍ରୀ ଶାହା ଡିଜି ସମ୍ମିଳନୀର ଉଦଘାଟନ କରିଥିବାବେଳେ ପ୍ରଧାନମନ୍ତ୍ରୀ ଖୋଲା ମଞ୍ଚରେ ଲୋକଙ୍କୁ ସମ୍ବୋଧନ କରିଛନ୍ତି । ଯଦିଓ ବିଜେଡି ବିରୁଦ୍ଧରେ ମୋଦୀ ପଦୁଟିଏ କହିନାହାନ୍ତି ତେବେ ନବୀନ ନିବାସ ସମ୍ମୁଖରେ ସଭାକରିବା ସହିତ ଦଳୀୟ କାର୍ଯ୍ୟାଳୟକୁ ଗସ୍ତ କରି ରାଜ୍ୟ ବିଜେପି ନେତାମାନଙ୍କ ସହିତ ନିଭୃତ ଆଲୋଚନା ଅନେକ ଦିଗକୁ ଇସାରା କରୁଛି ।

ଛଅ ମାସ ତଳେ ରାଜ୍ୟରେ ନିର୍ବାଚନ ପ୍ରଚାର ସମୟରେ ଅମିତ ଶାହ ଖୋଲାଖୋଲି ଭାବେ କହିଥିଲେ ଯେ ରାଜ୍ୟରେ ବିଜେପି ସରକାରା ଗଠନ କରିବ ଓ ଛଅମାସ ମଧ୍ୟରେ ବିଜେଡିର ଭାଡି ଖାଲି ହୋଇଯିବ। ଶାହାଙ୍କ କଥାକୁ ଇତି ମଧ୍ୟରେ ଛଅମାସ ପୂରିବାକୁ ଯାଉଛି । ଏହା ଭିତରୋ ବିଜେଡିର ଦୁଇ ସାଂସଦ ମମତା ମହାନ୍ତ ଓ ସୁଜିତ କୁମାର ଶଙ୍ଖ ଛାଡି ପଦ୍ମ ଧରିଛନ୍ତି । ପୂର୍ବରୁ ମମତା ବିଜେପି ଟିକଟରେ ରାଜ୍ୟସଭା ଯାଇଥିବାବେଳେ ଆସନ୍ତା ୨୦ ତାରିଖରେ ହେଉଥିବା ରାଜ୍ୟସଭା ନିର୍ବାଚନରେ ସୁଜିତ କୁମାର ବିଜେପି ପ୍ରାର୍ଥୀଭାବେ ରାଜ୍ୟସଭା ଯିବା ଥୟ । ଏହାପରେ ବିଜେଡିର ତୃତୀୟ ଉଇକେଟ୍ ଅର୍ଥାତ୍ ଆଉ ଜଣେ ସାଂସଦ ବିଜେଡି ଶିବିର ଛାଡିବା ନେଇ ଚର୍ଚ୍ଚା ହେଉଛି ।




ଡିଜିପି ସମ୍ମିଳନୀରେ ବିଜେପିର ଦୁଇ ଶୀର୍ଷ ନେତା ଓଡ଼ିଶା ଗସ୍ତରେ ଆସିଥିବାବେଳେ ଏହା ପରେ ହେବାକୁ ଥିବା ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ଅବସରରେ ମଧ୍ୟ ବିଜେପିର ଏକାଧିକ ଶୀର୍ଷନେତା ଓଡ଼ିଶା ଗସ୍ତରେ ଆସିବେ । ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ସେମାନେ ଦଳୀୟ ବ୍ୟାପାର ମଧ୍ୟ ବୁଝିବେ । ତେଣୁ ବିଜେପି କିଭଳି ଓଡ଼ିଶାରେ ଲମ୍ବା ଯାତ୍ରା କରିବ ସେଥିନେଇ ସେମାନେ ରଣନୀତି ପ୍ରସ୍ତୁତ କରିବା ଏକ ପ୍ରକାର ନିଶ୍ଚିତ ।

ଗତ ନିର୍ବାଚନରେ ସବୁ ଅଙ୍କ ଭୁଲ୍ କରି ବିଜେଡି ଓଡ଼ିଶାରେ ବିଜେଡି ହାତରୁ ଶାସନ କ୍ଷମତା ଛଡାଇ ନେଇଥିବାବେଳେ ଅତ୍ୟନ୍ତ ଉତ୍ସାହିତ ରହିଥିବା ଆଜି ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟରୁ ବାରିହୋଇ ପଡୁଛି । ପଶ୍ଚିମବଙ୍ଗ ପରେ କେନ୍ଦ୍ରୀୟ ବିଜେପି ନେତାମାନେ ଓଡ଼ିଶାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । କାରଣ ସେମାନେ ଜାଣିଛନ୍ତି ପୂର୍ବୋତ୍ତୋର ଦଖଲ କରିବାକୁ ହେଲେ ଓଡ଼ିଶାରେ ସେମାନଙ୍କ ସ୍ଥିତି ମଜବୁତହେବା ଜରୁରି । ଅନ୍ୟ ⮊ପୃଷ୍ଠା-୬

## ଆଜି ଆସିବେ ପିକେ ବିଜେଡିରେ ଛନକା

ଭୁବନେଶ୍ୱରରେ ତିନି ଦିନ ଧରି ରହୁଛନ୍ତି ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ। ଏଥିସହ ଆସନ୍ତାକାଲି ଆସୁଛନ୍ତି ପିଏମଓର ମୁଖ୍ୟ ପରାମର୍ଶଦାତା ପିକେ ମିଶ୍ର। ଡିଜିପି ସମ୍ମିଳନୀରେ ଯୋଗଦେବା ଆଳରେ ସେ ଓଡ଼ିଶା ଆସୁଛନ୍ତି। ତେବେ ପିକେ ଓଡିଶା ଆସିବା ଶୁଣି ବିଜେଡି ନେତାଙ୍କ ମଧ୍ୟରେ ଛନକା ପଶିଯାଇଛି। କାରଣ ବିଜେପି ସରକାରକୁ ଆସିବାର ଛଅ ମାସ ମଧ୍ୟରେ ବିଜେଡି ଭାଡି ଖାଲି ହୋଇଯିବ ବୋଲି ନିର୍ବାଚନ ପୂର୍ବରୁ ମୋଦି କହିଥିଲେ। ଡିସେମ୍ବର ୧୨ରେ ସରକାର ଗଠନକୁ ଛଅ ମାସ ପୂରୁଛି। ତା ପୂର୍ବରୁ ମୋଦି ଓ ଶାହଙ୍କ ସହ ଭୁବେଶ୍ୱରରେ ପିକେ ଏକାଠି ହେବା ନେଇ ରାଜନୈତିକ ମହଲରେ ଗୁଞ୍ଜରଣ ଆରମ୍ଭ ହୋଇଯାଇଛି।

### ଡାକ ଘରେ ହୋମିଓପାଥି ଚିକିତ୍ସା ଘଟଣା

# ପୋଷ୍ଟ ମାଷ୍ଟରଙ୍କୁ ଜେରା

### ପଞ୍ଚାୟତ ଅଫିସ୍‌କୁ ସ୍ଥାନାନ୍ତରିତ ହେଲା ଡ଼ାକ ଅଫିସ



**ମହାକାଳପଡ଼ା, ୨୯।୧୧ (ସଂଚାର ବ୍ୟୁରୋ):** ଡ଼ାକ ଅଫିସ ଘର ଭିତରେ ଚାଲିଥିଲା ହୋମିଓପାଥି ଚିକିତ୍ସାଳୟ। ଖୋଦ୍ ପୋଷ୍ଟ ମାଷ୍ଟର ଡାକ୍ତର ସାଜି ରୋଗି ଚିକିତ୍ସା କରୁଥିଲେ। ଏହି ଘଟଣା 'ସଂଚାର'ରେ ପ୍ରକାଶିତ ହେବା ପରେ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ଘଟଣାକୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ନାପସନ୍ଦ କରିବା ସହିତ ଘଟଣାରେ ଉଚ୍ଚ ସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହି ଖବରର ପେପର କଟିଂ ସାମାଜିକ ଗଣମାଧ୍ୟମରେ ବହୁଳ ଭାବରେ ସେୟାର ହେବାକୁ ଲାଗିଥିଲା। ତତ୍ ସହିତ ପ୍ରକାଶିତ ଖବରକୁ ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ କାର୍ଯ୍ୟାଳୟକୁ ଅଭିଯୋଗ କରିଥିଲେ ସଚେତନ ନାଗରିକ। ଘଟଣାର ଘନଘନ ଅଭିଯୋଗ ପରେ ଗତକାଲି ବିଭାଗୀୟ ତଦନ୍ତ ପୋଷ୍ଟ ଅଫିସରେ କରାଯାଇଥିଲା। ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ତଦନ୍ତ ପାଇଁ ଯାଇଥିବା ଅଧିକାରୀ।

**ସଂଚାର ପ୍ରଭାବ**

ପ୍ରକାଶିତ ଖବର ଅନୁଯାୟୀ ଘଟଣାର ସତ୍ୟାସତ୍ୟ ଅଛି ବୋଲି ତଦନ୍ତ ରିପୋର୍ଟରେ ଦର୍ଶାଯାଇଥିଲା। ଯାହାକୁ ଆଧାର କରି ଶାଖା ପୋଷ୍ଟ ଅଫିସକୁ ସୁନିତି ପଞ୍ଚାୟତ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପୋଷ୍ଟ ମାଷ୍ଟରଙ୍କୁ ହୋମିଓପାଥି ଚିକିତ୍ସା ପାଇଁ ତାଗିଦ୍ କରାଯିବା ସହିତ ଅନ୍ୟ ସମୟରେ ଏମିତି ଘଟଣା ଯେମିତି ନଜରକୁ ନଆସେ ସେଥିପାଇଁ ସତର୍କ କରାଯାଇଛି। ସୂଚନା ଥାଉକି ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତ ଅଧିନସ୍ଥ ଜଗରଜୋର ହାଟରେ ଥିବା ଶାଖା ଡାକଘରେ ଡ଼ାକ ମାଷ୍ଟର ସାକ୍ଷ କୁମାର ଦାସ ନାମକ ବ୍ୟକ୍ତି ଦୀର୍ଘଦିନ ଧରି ହୋମିଓପାଥି ଚିକିତ୍ସା ସେବା ଚଲାଇ ଆସୁଥିଲେ। ସଂଚାରରେ ଖବର ପ୍ରକାଶ ପରେ ଡ଼ାକଘର ପଞ୍ଚାୟତର ନୂତନ ଘରକୁ ସ୍ଥାନାନ୍ତରିତ କରାଯାଇଛି। ଏମିତି ପ୍ରୟାସ ପାଇଁ ସଂଚାରକୁ ପ୍ରଶଂସାର ସୁଅ ଛୁଟିଛି।

# ଧଳାଜହର କବଳରେ କେନ୍ଦ୍ରାପଡ଼ା ସହର

### ମାସିକ ୩୦ ଲକ୍ଷ ଟଙ୍କାର କାରବାର

**କେନ୍ଦ୍ରାପଡ଼ା, ୨୯।୧୧ (ସଂଚାର ବ୍ୟୁରୋ):** ଧଳାଜହର କବଳରେ ଏବେ କେନ୍ଦ୍ରାପଡ଼ା ପୌରାଞ୍ଚଳ । ସହରର ବିଭିନ୍ନ ଛକ ସ୍ଥାନରେ ଧଳାଜହର କାରବାରର ଅଘୋଷିତ କେନ୍ଦ୍ର ଖୋଲାଯାଇଥିବା ବେଳେ ଯୁବଗୋଷ୍ଠୀ ଏଥିପ୍ରତି ଆକୃଷ୍ଟ ହୋଇ ନିଶା କବଳିତ ହେଉଛନ୍ତି। ଏଥିପାଇଁ ଜନଶୂନ୍ୟ ଇଲାକାରେ ଯୁବକମାନଙ୍କର ମେଳି ହେଉଥିବା ବେଳେ ମାସିକ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଧଳା ଜହରର କାରବାର ଚାଲୁଛି।

କେନ୍ଦ୍ରାପଡ଼ା ପୌରାଞ୍ଚଳରେ ଉଭୟ ଦେଶୀ, ବିଦେଶୀ ମଦ ସାଙ୍ଗକୁ ଧଳାଜହର କାରବାର ବହୁ ମାତ୍ରାରେ ବଢ଼ିଚାଲିଛି। ପୁଲିସ, ଅବକାରୀ ବିଭାଗର ଅଣଦେଖା ଯୋଗୁ ନିଶା ବେପାରୀ ସେମାନଙ୍କ କଳା କାରବାର ବିସ୍ତାରକରି ଚାଲିଛନ୍ତି। ପୌରାଞ୍ଚଳର ଏକ ସରକାରୀ ସୀକୃତିପ୍ରାପ୍ତ ଦୋକାନରେ ନକଲି ମଦ କାରବାର ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ଆସୁଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଜିଲ୍ଲାର ମହାକାଳପଡା ଏବଂ ରାଜନଗର ଅଞ୍ଚଳରୁ ପ୍ରସ୍ତୁତ ଏହି ମଦକୁ ଏକ ନିର୍ଦ୍ଦିଷ୍ଟ ଦୋକାନରୁ ଗ୍ରାହକମାନେ ପିଇବା ପରେ ମୁଣ୍ଡରେ ଚକ୍କର ଆସିବା, ମୁଣ୍ଡବିନ୍ଧିବା ଭଳି ପ୍ରତିକ୍ରିୟା ଆସୁଥିବା ଅଭିଯୋଗ ହୋଇଛି। ନକଲି ମଦ ବିକ୍ରିକରି ମଦ ମାଫିଆ ମାଲାମାଲ ହେଉଥିବା ବେଳେ ଏଥିରେ ବିଭାଗୀୟ ସମ୍ପୃକ୍ତି ରହିଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି।



ଏ କେନ୍ଦ୍ରାପଡ଼ା ସହରକୁ ଧଳାଜହରର ଚେର ପଡୋଶୀ ବାଲେଶ୍ୱର, ଭଦ୍ରକ ଜିଲ୍ଲା ପର୍ଯ୍ୟନ୍ତ ଲମ୍ବିଥିବା ନେଇ ଜଣାପଡ଼ିଛି। କେନ୍ଦ୍ରାପଡ଼ା ସହରର କିଛି ଯୁବକ ଏହାର ଏଜେଣ୍ଟ ସାଜି ମାସିକ ଲକ୍ଷଲକ୍ଷ ଟଙ୍କାର କାରବାର ଚଳାଇଛନ୍ତି। ଏପରିକି ଏଠାକାର ଏଜେଣ୍ଟଙ୍କ ଚାହିଦା ଅନୁସାରେ ପଡ଼ୋଶୀ ଜିଲ୍ଲା ଅଞ୍ଚଳରୁ ବେପାରୀମାନେ ଆସି ଏଜେଣ୍ଟମାନଙ୍କୁ ଜିନିଷ ଦେଇ ଯାଉଛନ୍ତି। କେନ୍ଦ୍ରାପଡ଼ା ସହରର ଥିବା ସିନେମା ହଲ୍ ଛକ, ସାମନ୍ତସାହି ଛକ, କଲେଜ୍ ଛକ ନିକଟରେ ଏହି କାରବାର ଚାଲୁଥିବା ନେଇ ଆଲୋଚନା ହେଉଛି କିଛି ଯୁବକ ଏଥିପାଇଁ ସେମାନଙ୍କର କୋର୍ଡ ୱାର୍ଡ଼ ବ୍ୟବହାର କରୁଛନ୍ତି। ନିଶାଗ୍ରସ୍ତ ଯୁବକମାନେ ସର୍ବସାଧାରଣରେ ଉତ୍ପାତ କରୁଥିବା ବେଳେ ଅସାମାଜିକ କାର୍ଯ୍ୟରେ ମଧ୍ୟ ଲିପ୍ତ ହେଉଥିବା ଅଭିଯୋଗ ହୋଇଛି। କଲେଜ୍ ରେ ପଢୁଥିବା ଯୁବକ ମାନେ ପାଠ ପଢ଼ିବା ବଦଳରେ ଏହି ଧଳା ଜହର ଆଡ଼କୁ ଅଗ୍ରସର ହେଉଥିବା ଶୁଣିବାକୁ ମିଳୁଛି । ତୁରନ୍ତ ପୁଲିସ ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ନାକଚ ସୁଭଦ୍ରା ଆବେଦନ ପତ୍ରର ହେବ ସାନି ଯାଞ୍ଚ

**କେନ୍ଦ୍ରାପଡା, ୨୯।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ସୁଭଦ୍ରା ଯୋଜନାର ହିତାଧିକାରୀ ମାନଙ୍କ ଲାଭାର୍ଥେ ନାକଚ ହୋଇଥିବା ଆବେଦନପତ୍ର ଗୁଡିକର ସାନି ଯାଞ୍ଚ କରାଯିବ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତି ବ୍ଲକରେ ଯାଞ୍ଚ ଟିମ୍ ଗଠନ କରାଯାଇ ନାକଚ ଆବେଦନ ପତ୍ରଗୁଡିକୁ ତନଖି କରିବା ସହ ସାମାନ୍ୟ କାରଣ ଓ ତ୍ରୁଟି ପାଇଁ ଯଦି ଆବେଦନ ପତ୍ର ନାକଚ ହୋଇଥାଏ ତାହେଲେ ତାହାର ସଂଶୋଧନ କରାଯାଇ ସାନି ଆବେଦନ କରାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ ଆଜି ଅନୁଷ୍ଠିତ ସୁଭଦ୍ର ଯୋଜନା ସମୀକ୍ଷା ବୈଠକରେ ନିଷ୍ପତି ନେଇଛନ୍ତି।



ଏହି ବୈଠକରେ ଭାରପ୍ରାପ୍ତ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଲୁ ମହାପାତ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଦୟାସିନ୍ଧୁ ପରିଡା, ସମସ୍ତ ବ୍ଲକର ବିଡିଓ, ସମସ୍ତ ସିଡିପିଓ, ୨ ପୌର ନିର୍ବାହୀ ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ସହ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ରେଷ୍ଟୁରାଣ୍ଟରେ ଖାଇଲେ, ମଉକା ଦେଖି ମୋବାଇଲ ନେଇଗଲେ

**କେନ୍ଦ୍ରାପଡ଼ା, ୨୯।୧୧ (ସଂଚାର ବ୍ୟୁରୋ):** ଖାଇବାକୁ ଆସି ମୋବାଇଲ୍ ଫୋନ୍ ଧରି ଚମ୍ପଟ୍ ମାରିବା ଦେଖିବାକୁ ମିଳିଛି। ରେଷ୍ଟୁରାଣ୍ଟରେ ଖାଇବା ବାହାନାରେ ଜଣେ ମହିଳା ମାଲିକଙ୍କ ମୋବାଇଲ ନେଇଗଲେ । ଏହିଭଳି ଏକ ଘଟଣା କେନ୍ଦ୍ରାପଡ଼ା ଟାଉନ ଥାନା ଅଧିନ ଗୋପ ସେଣ୍ଟ ଜାଭିୟର ହାଇସ୍କୁଲ ନିକଟରେ ଥିବା ରବିନ୍ଦ୍ର ଦାସଙ୍କ ଆଦିତ୍ୟ ରେଷ୍ଟୁରାଣ୍ଟରେ ଦେଖିବାକୁ ମିଳିଛି। ଅଭିଯୋଗ ମୁତାବକ, ଗତ ବୁଧବାର ଦିନ ରବିନ୍ଦ୍ରଙ୍କ ରେଷ୍ଟୁରାଣ୍ଟକୁ ଜଣେ ମହିଳା ଖାଇବାକୁ ଆସିଥିଲେ । ମହିଳା ଜଣଙ୍କ ଖାଇବା ପରେ ମାଲିକ ଗ୍ରାହକଙ୍କ ସହିତ ବ୍ୟସ୍ତ ଥିବା ଦେଖି କ୍ୟାସ କାଉଣ୍ଟର ଟେବୁଲ ଉପରେ ଥିବା ଏକ ଦାମୀ ମୋବାଇଲକୁ ନେଇ ପଳାଇଛନ୍ତି । କିଛି ସମୟ ପରେ ରବିନ୍ଦ୍ର ମୋବାଇଲ ଖୋଜିବାରୁ ଆଉ ପାଇନଥିଲେ । ଶେଷରେ ପଡୋଶୀଙ୍କ ସିସିଟିଭି ଯାଞ୍ଚ କରିବାରୁ ମୋବାଇଲଟିକୁ ମହିଳା ଜଣଙ୍କ ନେଇ ଭ୍ୟାନିଟରେ ପୁରାଇ ଥିବାର ଦୃଶ୍ୟ ଦେଖିବାକୁ ପାଇଥିଲେ । ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଡିସେମ୍ବର ୨୮ରେ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ

**କେନ୍ଦ୍ରାପଡା, ୨୯।୧୧ (ସଂଚାର ବ୍ୟୁରୋ):** ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି କେନ୍ଦ୍ରାପଡ଼ା ଜିଲ୍ଲାରେ ରାଜ୍ୟ ସ୍ତରୀୟ ନାଟ୍ୟ ମହୋତ୍ସବ । ଆସନ୍ତା ଡିସେମ୍ବର ୨୮ ଓ ୨୯ ଦୁଇ ଦିନ ଧରି କେନ୍ଦ୍ରାପଡ଼ା ସହର ସନ୍ନିକଟ ଗୁହାଳସିଂ ସ୍ଥିତ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହେବ । ଜିଲ୍ଲାର ସମ୍ମିଳୀତ କଳା ମଞ୍ଚ 'ସିମ୍ଫୋନି' ଦ୍ୱାରା ଅନୁଷ୍ଠିତ ହେଉଥିବା ଏହି ନାଟ୍ୟ ମହୋତ୍ସବରେ ରାଜ୍ୟର ଚାରିଗୋଟି ସୁପ୍ରସିଦ୍ଧ ନାଟ୍ୟନୁଷ୍ଠାନ ସେମାନଙ୍କ ନିଖୁଣ ନାଟ୍ୟ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।




ଡିସେମ୍ବର ୨୮ ତାରିଖ ପ୍ରଥମ ଦିବସରେ ଦିବଂଗତ ସୁପ୍ରସିଦ୍ଧ ଓଡ଼ିଆ ଅଭିନେତା ଅଜିତ୍ ଦାସଙ୍କ ଦ୍ୱାରା ସ୍ଥାପିତ "ଅଜିତ୍ ନାଟ୍ୟ ଅନୁଷ୍ଠାନ" ଦ୍ୱାରା ନାଟକ ମଞ୍ଚସ୍ଥ ହେବ । ଏହା ଜାତୀୟ ରାଜପଥରେ ଆକସ୍ମିକ ଭାବେ ମଧ୍ୟ ରାତ୍ରିରେ ଏକ ସତ୍ୟ ଘଟଣା ଉପରେ ଆଧାରିତ କାହାଣୀ, ଯାହାକି ଅଚାନକ ଜୀବନର ମୋଡ଼ ପରିବର୍ତ୍ତନ ଆଡକୁ ମୁହାଁଇ ନିଏ। ଉକ୍ତ ଦିବସରେ ଦ୍ୱିତୀୟ ସୋ'ରେ ଭୁବନେଶ୍ୱରର ପ୍ରତିଷ୍ଠିତ ନାଟ୍ୟାନୁଷ୍ଠାନ "ଶତାବ୍ଦୀର କଳାକାର" ଜୀବନ୍ୟାସ ନାଟକ ପ୍ରଦର୍ଶନ କରିବେ । ଧର୍ମ ଓ ସଠତାର ଶିକାର ସାଧାରଣ ମଣିଷର ପ୍ରତିବାଦର ସ୍ୱରକୁ ନାଟ୍ୟରୂପ ଦେବ ।

ନାଟ୍ୟ ମହୋତ୍ସବର ଦ୍ୱିତୀୟ ଦିବସ ୨୯ ଡିସେମ୍ବରରେ ପ୍ରଥମ ସୋ'ରେ ଭୁବନେଶ୍ୱରର ସୁନାମଧନ୍ୟ ନାଟ୍ୟାନୁଷ୍ଠାନ "ବିଦ୍ୟା କନକ ସୃଜନାନୁଷ୍ଠାନ" ମାଗୁଣିର ଶଗଡ ନାଟକ ପ୍ରଦର୍ଶନ କରିବ । ଶିଳ୍ପ ଓ ଯନ୍ତ୍ର ସଭ୍ୟତାରେ ଚାପି ହୋଇ ରହିଥିବା ଖଟିଖିଆ ମେହନତି ମଣିଷ ମାଗୁଣି ଶଗଡ଼ର ଦୁର୍ଦ୍ଦଶାର କାହାଣୀ ନୂଆ ରୂପରେ ଜୀବନ୍ୟାସ ଦେବ। ଉକ୍ତ ଦିବସରେ ଦ୍ୱିତୀୟ ସୋ'ରେ ଭୁବନେଶ୍ୱରର ପ୍ରସିଦ୍ଧ କଳାନୁଷ୍ଠାନ ବାଗଦେବୀ ଲିଟରେଚର ଟ୍ରଷ୍ଟ୍ ତାହାର ଚର୍ଚ୍ଚିତ ନାଟକ "ଏବଂ କିଏ"? ପ୍ରଦର୍ଶନ କରିବ । ଦ୍ୱନ୍ଦ୍ୱଗ୍ରସ୍ତ ସାମ୍ପ୍ରତିକ ମଣିଷର କାହାଣୀକୁ ନାଟ୍ୟାଭିନୟରେ ପ୍ରଦର୍ଶନ କରିବ ।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜମେଣ୍ଟ (କେମ୍)ର ସହଭାଗୀତା ରହିବ ବୋଲି ସିମ୍ଫୋନିର ସମ୍ପାଦକ ଡ. ବିନାୟକ ପ୍ରସାଦ ପ୍ରଧାନ, ସଂଯୋଜକ ସ୍ୱପ୍ନାଂଶୁ କୁମାର ଦାସ, କୋଷାଧ୍ୟକ୍ଷ ବଂଶୀଧର ମହାନ୍ତି ଓ ବ୍ୟବସ୍ଥାପକ ଅଧ୍ୟାପକ ଡ. ହିମାଂଶୁ କୁମାର ପରିଡା ପ୍ରକାଶ କରିଛନ୍ତି ।

## ବିଜୁ ପଟ୍ଟନାୟକ କଲେଜରେ ୪୪ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ

**କେନ୍ଦ୍ରାପଡ଼ା, ୨୯।୧୧ (ସଂଚାର ବ୍ୟୁରୋ):** ଶୁକ୍ରବାର କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତେଇରେ ଥିବା ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ରେ ୪୪ ତମ ସ୍ୱନକ୍ଷତ୍ର ଦିବସ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ୍ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ମିଶ୍ର ,ମୁଖ୍ୟବକ୍ତା ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଗଙ୍ଗାଧର ପରିଡ଼ା, ନିମନ୍ତ୍ରିତ ଅତିଥି ଭାବେ ମହାବିଦ୍ୟାଳୟ



ପୂର୍ବତନ ଅଧ୍ୟକ୍ଷ ରଞ୍ଜନ କୁମାର ଦାସ, ପୂର୍ବତନ ପରିଚାଳନା ସମିତିର ସଭ୍ୟ ଗୋପାଳ ଚନ୍ଦ୍ର ସାମନ୍ତରାୟ ଯୋଗଦେଇଥିବା ବେଳେ କଲେଜର ଇଂରାଜୀ ଅଧ୍ୟାପକ ଚିନ୍ମୟ କୁମାର ରାଉତରାୟ ମଞ୍ଚ ପରିଚାଳନା କରିଥିଲେ । ଏହି ସଭାରେ ଡ଼. ମନ୍ଦାକିନୀ ଦାସ ଅଧ୍ୟାପକ ଧୀରେନ୍ଦ୍ର ନାଥ ମିଶ୍ର, ପ୍ରସନ୍ନ କୁମାର ପଣ୍ଡା,ଦେବଦତ୍ତ ବେହେରା,ବିଶ୍ୱରଂଜନ ପରିଡ଼ା ଅଧ୍ୟାପିକା ଶୁଭଶ୍ରୀ ସୁଭସ୍ମିତା ମହାନ୍ତି,ସୁଶ୍ରୀ ଲିପସା ମିଶ୍ର ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସଭାଟିକୁ ସଫଳ କରିଥିଲେ । ଶେଷରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଚୋରି ବାଇକ ଜବତ, ୪ ଗିରଫ

**ରାଜନଗର, ୨୯।୧୧ (ସଂଚାର ବ୍ୟୁରୋ):** ହଂସିଣା ନଦୀ ମଝିରୁ ଉଦ୍ଧାର ହୋଇଛି ଚୋରି ବାଇକ। ୬ଦିନ ତଳେ ଚୋରି ହୋଇଥିବା ବାଇକକୁ ପୁଲିସ ଉଦ୍ଧାର କରିବା ସହ ଏହି ଚୋରିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଚଳିତମାସ ୨୩ ତାରିଖ ଦିନ ସଂଧ୍ୟା ପ୍ରାୟ ୭ଘଟିକା ସମୟରେ ରାଜନଗର-ତାଳଚୁଆ ରାସ୍ତାର ବାରୁଣା ଛକ ନିକଟରେ ହିରୋହୋଣ୍ଡା ସ୍ପେଲଣ୍ଡର ପ୍ଲସ ବାଇକ ଚୋରି ହୋଇଥିଲା। କଣ୍ଡିରା ପଞ୍ଚାୟତ ମଧୁପୁର ଗାଁର ହେମନ୍ତ କୁମାର ରାଉତଙ୍କ ଏହି ବାଇକ ଚୋରି ହୋଇଥିଲା। ଏହି ଅଭିଯୋଗ ପାଇବା ପରେ ପୁଲିସ କଣ୍ଡିରା ଗାଁର ପ୍ରକାଶ ସେଠୀ ଉମାକାନ୍ତ ସେଠୀ, ପ୍ରାଣକୃଷ୍ଣ ମଲ୍ଲିକ ଓ ବିକ୍ରମ ସେଠୀଙ୍କୁ ଧରି ପଚରା ଉଚରା କରିଥିଲା। ସେମାନଙ୍କୁ ପଚରାଉଚରା ପରେ ସେମାନେ ବାଇକ ଚୋରି କରି ହଂସିଣା ପୋଲ ଉପରୁ ନଦୀ ମଧ୍ୟକୁ ଫିଙ୍ଗି ଦେଇଥିବା ସୂଚନା ଦେଇଥିଲେ। ରାଜନଗର ଆଇଆଇସି ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ପୁଲିସ ଟିମ୍ ଅଗ୍ନିଶମ ବାହିନୀ ସହାୟତାରେ ନଦୀ ମଝିରୁ ଚୋରି ହୋଇଥିବା ବାଇକକୁ ଉଦ୍ଧାର କରିବା ସହିତ ବାଇକ ଚୋରି କରିଥିବା ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି।



## ଜନ କଲ୍ୟାଣକାରୀ ଯୋଜନାର ସମୀକ୍ଷା ବୈଠକ

**କେନ୍ଦ୍ରାପଡା, ୨୯।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରିତାର ସମୀକ୍ଷା ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତା ରେ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦୟାସିନ୍ଧୁ ପରିଡା, ଗ୍ରାମୀଣ ଜଳ ଯୋଗାଣ ସଂସ୍ଥାର ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକଙ୍କ ସମେତ ପଦସ୍ଥ ଅଧିକାରୀ ମାନେ ବୈଠକରେ ଉପସ୍ଥିତ ରହି ସମୀକ୍ଷା କରିଥିଲେ । ଜିଲ୍ଲା ଜଳ ପରିମଳ କମିଟି ଅଧିନରେ ଜିଲ୍ଲାର ୪ଟି ମେଗା ଜଳ ପ୍ରକଳ୍ପ ଉପରେ ସମୀକ୍ଷା କରାଯାଇଥିଲା । ମାର୍ଶାଘାଇ ମହାକାଳପଡା, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ଅଦି ଅଂଚଳରେ ଏହି ଜଳ ପ୍ରକଳ୍ପ ଗୁଡିକର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ସେହିଭଳି ଗ୍ରାମାଂଚଳ, ଗୃହ ଯୋଗାଣ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଓ ଉପଯୁକ୍ତ ହିତାଧିକାରୀ ଚୟନ କରାଯାଇ ନୂତନ ସର୍ଭେ କରାଯିବାକୁ ଓ ଅସମ୍ପୂର୍ଣ୍ଣ ହୋଇଥିବା ଗୃହ ଗୁଡିକୁ ତୁରନ୍ତ ସାରିବାକୁ ଅଗ୍ରାଧିକାର ଦିଆଯାଇଛି। ସେହିଭଳି ମହାତ୍ମାଗାନ୍ଧୀ ନିଶ୍ଚିନ୍ତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ଅଧିନରେ ଗ୍ରାମାଂଚଳ ରେ ଅଧିକରୁ ଅଧିକ ଲୋକ ମାନଙ୍କୁ କର୍ମ ନିଯୁକ୍ତି ଯୋଗାଇବା ପାଇଁ ନିଯୁକ୍ତି ଭିତିକ ଯୋଜନା କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଛି । ପ୍ରାୟ ଜିଲ୍ଲାର ୧୪୧୪ ଟି ଗାଁରେ କରାଯାଉ ଥିବା ବିଭିନ୍ନ ସରକାରୀ ଯୋଜନାରେ ଅଧିକ ଲୋକଙ୍କୁ କାମରେ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ଜିଲ୍ଲାରେ ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ରର ଗୃହ କାର୍ଯ୍ୟକୁ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରିବାକୁ ସଂପୃକ୍ତ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ସାଂସଦ ଓ ବିଧାୟକ ମାନଙ୍କ ସହାୟତା ପାଣ୍ଠିର ସୁ-ବିନିଯୋଗ କରିବା ପାଇଁ ଥିବା ପ୍ରସ୍ତାବ ଗୁଡିକ ଉପରେ ଆଲୋଚନା କରାଯାଇଥିଲା । ଜନ ସାଧାରଣଙ୍କ କାର୍ଯ୍ୟରେ ଲାଗୁଥିବା ଉପଯୁକ୍ତ ପ୍ରସ୍ତାବରେ ସାଂସଦ ଓ ବିଧାୟକଙ୍କ ସହାୟତା ପାଣ୍ଠି ବିନିଯୋଗ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଛି ।

### ବ୍ଲକସ୍ତରୀୟ ଜ୍ଞାନ ବିଜ୍ଞାନ ଓ ବାଳ ବୈଜ୍ଞାନିକ ପ୍ରଦର୍ଶନୀ

## ସ୍ୱପ୍ନ ସାଧନା ଓ ଅଧ୍ୟବସାୟ ଛାତ୍ରଛାତ୍ରୀଙ୍କୁ ସଫଳତା ଦେବ

**ପଟ୍ଟାମୁଣ୍ଡାଇ, ୨୯।୧୧ (ସଂଚାର ବ୍ୟୁରୋ):** ଆଜିର ପ୍ରତିଯୋଗିତାମୂଳକ ଦୁନିଆରେ ଛାତ୍ରଛାତ୍ରୀମାନେ ନିଜର ନିର୍ଦ୍ଦିଷ୍ଟ ସ୍ୱପ୍ନ ହାସଲ କରିବା ପାଇଁ ସାଧନା ଓ ଅଧ୍ୟବସାୟ ଜାରି ରଖିଲେ ଅସମ୍ଭବ କୁ ସମ୍ଭବ କରି ଇପ୍ସିତ ସଫଳତା ହାସଲ କରିପାରିବେ ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ କଷଣଅଷ୍ଟା ହାଇସ୍କୁଲ ଠାରେ ଆୟୋଜିତ ପଟ୍ଟାମୁଣ୍ଡାଇ ବ୍ଲକ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଓ ବାଳ ବୈଜ୍ଞାନିକ ପ୍ରଦର୍ଶନୀର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଅତିଥି ଭାବେ ଯୋଗ ଦେଇ ପ୍ରକାଶ କରିଛନ୍ତି ।

ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇଙ୍କ ପୌରହିତ୍ୟ ଓ ରାଜ୍ୟସ୍ତରୀୟ ଶିକ୍ଷକ ନେତା ସି ଆର ସି ସି ମଳୟ ଜେନାଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ବଡ଼ ସ୍ୱପ୍ନ ଦେଖିଲେ ବଡ଼ ହେବା ପାଇଁ ସାହସ ଓ ଉତ୍ସାହ ପାଇପାରିବ ସହିତ ଲକ୍ଷ୍ୟ ସ୍ଥଳରେ ପହଂଚି ପାରିବେ ବୋଲି ମତ ପ୍ରକାଶ କରିଥିଲେ । ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ,ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ ବାରିକ କାଉନସିଲର ପ୍ରଶାନ୍ତ ବାରିକ, କଷଣଅଷ୍ଟା ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ କବି ସଚିତ୍ର ବେହୁରା, ପତ୍ରପୁର ହାଇସ୍କୁଲ ପ୍ରଧାନଶିକ୍ଷୟତ୍ରୀ ଆରାଧନା ଦାଶ,ଶିକ୍ଷାବିତ ସୁରେଶ ଜେନା, ବ୍ଲକ ବିଜ୍ଞାନ ସଂଯୋଜକ ପ୍ରଭାସ ରଞ୍ଜନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସି ଆର ସି ସି ସଂଘମିତ୍ରା ନାୟକ ସ୍ୱାଗତଭାଷଣ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରଦୀପ ତରାଇ ଧନ୍ୟବାଦ ଦେଇଥିଲେ। ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥି କୃତୀ ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଥିଲେ।

## ଶ୍ରୀ ଅଭିରାମ ସେବାଶ୍ରମରେ ଭାଗବତ ପାରାୟଣ ଉଦ୍‌ଯାପିତ



**ରାଜନଗର, ୨୯।୧୧ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଜଗତଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ସେବାଶ୍ରମ ଗୀତା ଭାଗବତ ଟୁଙ୍ଗୀର ୪୨ତମ ବାର୍ଷିକ ଭାଗବତ ପାରାୟଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସେବାଶ୍ରମର ସେବକ ଅଭୟ ଦାସଙ୍କ ତତ୍ତ୍ୱାବଧାନରେ ଚଳିତମାସ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଶାନ୍ତିଧାମ କରମଳାର ବାବାଜୀ ଭୀମସେନ ଦାସ, ବାବାଜୀ ନିଳମଣୀ ଦାସ, ବାବାଜୀ ବଦ୍ରିନାଥ ଦାସ, ବାବାଜୀ ଆତ୍ମାରାମ ଦାସ, ଛେଦରା ଗୋପିନାଥଜୀଉ ମଠର ମହନ୍ତ ବାବାଜୀ ଯଶୋବନ୍ତ ଦାସ, ଅବଧୂତ ଗୁରୁକୁଳ ଆଶ୍ରମ ଆଡୋଇର ବାବା ବିଶ୍ୱନାଥ ଦାସ, ପୁରୀ ଦିବ୍ୟ ଜୀବନ ଆଶ୍ରମର ସ୍ୱାମି ରଜତାନନ୍ଦ ସରସ୍ୱତୀ, ପଣ୍ଡିତ ପ୍ରଫୁଲ୍ଲ କୁମାର କଣ୍ଡ ପ୍ରମୁଖ ଭାଗବତ କଥା ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ ପ୍ରମୁଖ ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ। ଉତ୍ସବର ଉଦ୍‌ଯାପନୀ ଦିବସରେ ଆଞ୍ଚଳିକ ଭକ୍ତ ଗୋଷ୍ଠୀଙ୍କ ଦ୍ୱାରା ଅନୁଷ୍ଠିତ ନାମଯଜ୍ଞରେ ଅଞ୍ଚଳର ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ଏହାକୁ ଆଞ୍ଚଳିକ ଭକ୍ତଗୋଷ୍ଠୀର ସଭାପତି ଦିବାକର ପରିଡ଼ା, ଉପସଭାପତି ଅଭିରାମ ମହାନ୍ତି, ସମ୍ପାଦକ ଗୋଲୋକ ବିହାରୀ ରାଉତ, ଭକ୍ତ ଶ୍ରୀଧର ମହାରଣା, ରବିନାରାୟଣ ଲେଙ୍କା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି

**କେନ୍ଦ୍ରାପଡା, ୨୯।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାରେ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦୀର୍ଘ ବର୍ଷ ଧରି ବିଭିନ୍ନ ସ୍ତରରେ ଦାବି ହେଇ ଆସୁଛି। ଏହାକୁ ଏକ ସାମଗ୍ରିକ ରୂପ ଦେଇ ୨୦୧୬ମସିହାରେ କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନ ଆରମ୍ଭ କରିଛି । ଏହି ସଙ୍ଗଠନରେ ବିଭିନ୍ନ ରାଜନୈତିକ ଦଳ ସମେତ ବିଭିନ୍ନ ବର୍ଗର ଜନଗଣ ସାମିଲ ହେଇ ଲଗାତାର ଆନ୍ଦୋଳନ କରି ଆସିଛନ୍ତି।




**ମେଡିକାଲ କଲେଜ ପ୍ରାପ୍ୟ ଆମର ହକ: ମିଳିତ କ୍ରିୟାନୁଷ୍ଠାନ କମିଟି**

କେନ୍ଦ୍ରାପଡା ଜିଲ୍ଲାପାଳ ଅଫିସି ସମ୍ମୁଖରେ ଗଣଧାରଣା, ସହର ସମେତ ବିଭିନ୍ନ ଗାଁରେ ପଦଯାତ୍ରା, କନିକା ସହିଦ ପୀଠରୁ କେନ୍ଦ୍ରାପଡା ପୁରୁଣା ମେଡିକାଲ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ବାଇକ ଶୋଭାଯାତ୍ରା ସହିତ ସଭା, ପୂର୍ବ ବିଧାନସଭାର ଜିଲ୍ଲାରେ ଥିବା ସମସ୍ତ ଲୋକପ୍ରତିନିଧି ମାନଙ୍କୁ ଭେଟି ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିବା, ରାଜ୍ୟପାଳ ଭବନ ଆଗରେ ଗଣଧାରନା ଦେବା ସହିତ ପୂର୍ବତନ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରାଯାଇଥିଲା।ପୂର୍ବତନ ରାଜ୍ୟପାଳ କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ଯଥାର୍ଥତାକୁ ସମର୍ଥନ କରିଥିଲେ। ଏହାବାଦ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହିତ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଭେଟି ଆନ୍ଦୋଳନକାରୀମାନେ ମଧ୍ୟ ଆଲୋଚନା କରିଥିଲେ।

କେବଳ ସେତିକି ନୁହେଁ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଗରାପୁରସ୍ଥିତ ଗାନ୍ଧିମୂର୍ତ୍ତି ନିକଟରେ ୧୮ ଦିନ ଗଣ ଧାରଣା ଦିଆଯିବ ସହିତ ଗୋଟିଏ ଦିନ ସାରା ଜିଲ୍ଲାରେ ଅର୍ଥନୈତିକ ଅବରୋଧ ମଧ୍ୟ କରାଯାଇଥିଲା। କିନ୍ତୁ ଅଧିକାଂଶ ଜିଲ୍ଲାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ଘୋଷଣା ଓ ନବୀନ ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ୩ରୁ ବଢ଼େଇ ୧୩ଟି ମେଡିକାଲ କଲେଜ ପ୍ରତିଷ୍ଠା କରିଥିଲେବି କେନ୍ଦ୍ରାପଡା ଜିଲ୍ଲା ପ୍ରତି ପାତର ଅନ୍ତର ନୀତି ଅବଲମ୍ବନ କରିବା ଜିଲ୍ଲାବାସୀଙ୍କୁ ହତାଶ କରିଛି। ଏହା ମଧ୍ୟରେ ସରକାର ବଦଳିଛି। ନୂଆ ସରକାର କେନ୍ଦ୍ରାପଡା ଜିଲ୍ଲା ପ୍ରତି ଓ ମେଡିକାଲ କଲେଜ ପ୍ରତିଷ୍ଠାର ଯଥାର୍ଥତା ପ୍ରତି ଦୃଷ୍ଟି ଦେବେ ବୋଲି ଶୁକ୍ରବାର ଦିନ କେନ୍ଦ୍ରାପଡା ପବ୍ଲିକ ରିଡିଂ ରୁମ ପରିସରରେ ଅନୁଷ୍ଠିତ ମିଳିତ କ୍ରିୟାନୁଷ୍ଠାନ କମିଟିର ସାଧାରଣ ଅଧିବେଶନରେ ଦୃଢ଼ ମତ ପ୍ରକାଶ ପାଇଛି। ଆସନ୍ତା ୧୫ଦିନ ମଧ୍ୟରେ ବ୍ୟାପକ ସଚେତନତା ସହିତ ସମସ୍ତ ବ୍ଲକରେ ସଭାମାନ କରାଯିବ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭେଟି ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନା ପାଇଁ ଆଲୋଚନା କରିବାକୁ ସ୍ଥିର ହୋଇଥିବା ଜଣାପଡିଛି ।

### ନୂତନ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ ଓ ବିଶ୍ୱଶାନ୍ତି ମହାଯଜ୍ଞ

**କେନ୍ଦ୍ରାପଡା, ୨୯।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ଗୋତ୍ରବିଲ ଗ୍ରାମରେ ପ୍ରତିଷ୍ଠା ହୋଇଛନ୍ତି ପ୍ରଭୁ ଗୁପ୍ତେଶ୍ୱର ମହାଦେବ। ପ୍ରଥମ କରି ଗ୍ରାମରେ ନୂତନ ମନ୍ଦିର ସହ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ଗ୍ରାମରେ ସୃଷ୍ଟି ହୋଇଥିଲା ଭକ୍ତିମୟ ପରିବେଶ । ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞରେ ଗୁରୁବାର ଦିନ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି । ଏହି ଅବସରରେ ମଙ୍ଗଳବାର ସକାଳୁ ପବିତ୍ର ଚିତ୍ରୋତ୍ପଳା ନଦୀର ଶନିମନ୍ଦିର ଘାଟରୁ ମହାଯଜ୍ଞ ଓ ଘଟ ପ୍ରତିଷ୍ଠା ନିମନ୍ତେ କଳସ



ଶୋଭାଯାତ୍ରାରେ ଯାଇ ଗୋତ୍ରବିଲ ନୂତନ ଶୈବପୀଠ ଗୁପ୍ତେଶ୍ୱର ମହାଦେବ ଯଜ୍ଞମଣ୍ଡପରେ ପହଞ୍ଚି ଥିଲା । ସେଠାରେ ଜଳାବାସ, ସୂର୍ଯ୍ୟପୂଜା, ଗୋପୂଜା ଏବଂ ବିଗ୍ରହ ପ୍ରତିଷ୍ଠା ହୋଇଥିଲା । ଗୁରୁବାର ଦିନ ସଂଧ୍ୟାରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଏହି କାର୍ଯ୍ୟରେ ଗୋତ୍ରବିଲ ଗ୍ରାମବାସୀ ଏବଂ ବଜ୍ରସୁନା ଯୁବ ପରିଷଦ କର୍ମକର୍ତ୍ତା ପରିଚାଳନା ସହ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।

# ଗଞ୍ଜଣା ସହିନପାରି ଚୋରି

**ସମ୍ବଲପୁର,୨୯।୧୧(ସଂଚାର ବ୍ୟୁରୋ):** ଭିମସାର ଶିଶୁ ଚୋରି ଘଟଣାର କାହାଣୀ ବଖାଣିଛି ପୋଲିସ। ଡାକ୍ତରଖାନାରୁ ଶିଶୁ ଚୋରି କରିଥିବା ମହିଳା ନିଃସନ୍ତାନ ଥିବାବେଳେ ପାରିବାରିକ ତଥା ସାମାଜିକ ଅପବାଦ ସହି ନପାରି ଛୁଆ ଚୋରି କରିଥିବା କଥା ସାମ୍ନାକୁ ଆସିଛି । ଗର୍ଭସ୍ଥ ଶିଶୁର ମୃତ୍ୟୁ ପରେ ବି ଗର୍ଭବତୀ ରହିବାର ମିଛ ନାଟକ କରିଥିଲେ । ଶେଷର ଛୁଆ ଚୋରି କରିଥିବା ପୁଲିସ ଆଗରେ ସ୍ୱୀକାର କରିଛନ୍ତି ମହିଳା। ନିଜେ ମାଆ ହେବେ ବୋଲି ଆଉ ଜଣେ ମାଆର ମମତାକୁ ତାଙ୍କ ଠାରୁ ଅଲଗା କରିଦେଇଥିଲା। କୋଳକୁ ପିଲାଟିଏ ଆସିଲେ ପାଡ଼ିପଡ଼ିଶାଙ୍କ ବାହିଟାପରାରୁ ମୁକ୍ତି ମିଳିଯିବ। ଆଉ ନିନ୍ଦା ଅପବାଦ ଶୁଣିବାକୁ ମିଳିବନାହିଁ। ଏମିତି କିଛି ଭାବନା ନେଇ ସେଦିନ ବୁର୍ଲା ଡାକ୍ତରଖାନାରୁ ଶିଶୁପୁତ୍ରଟିକୁ ଚୋରି କରିଥିବା ପୁଲିସ ଆଗରେ କହିଛନ୍ତି ସଂପୃକ୍ତ ମହିଳା। ଭିମସାର ଶିଶୁ ଚୋରି ଘଟଣାରେ ଏମିତି କିଛି ରୋଚକ ତଥ୍ୟ ସାମ୍ନାକୁ ଆଣିଛି ପୁଲିସ। ପୁଲିସର କହିବା ଅନୁସାରେ, ଶିଶୁପୁତ୍ର ଚୋରି କରିଥିବା ମହିଳା ଜଣଙ୍କ ନିଜେ ଗର୍ଭବତୀ ଥିଲେ। ତାଙ୍କ ଗର୍ଭସ୍ଥ ଶିଶୁଟି ନଷ୍ଟ ହୋଇଯିବା ପରେ ସେ ସଂପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ସାହି ପଡ଼ିଶାଙ୍କ ଲାଞ୍ଛନା କଥା ଭାବି ଚିନ୍ତାରେ ପଡ଼ିଯାଇଥିଲେ। ଗର୍ଭ ନଷ୍ଟ ହେବା କଥା କାହାକୁ ନଜଣାଇ, ଗର୍ଭବତୀ ମହିଳାଙ୍କ ଭଳି ନାଟକ କରୁଥିଲେ। ଡାକ୍ତରଖାନାକୁ ଚେକ୍‌ଅପ୍ ପାଇଁ ଯାଉଛି କହି ଘରୁ ବାହାରିଥିଲେ । ୨ ଦିନ ଧରି ଡାକ୍ତରଖାନାରେ ବୁଲୁଥିଲେ । ଛତିଶଗଡ଼ରୁ ଆସିଥିବା ମହିଳାଙ୍କ ସହ ସୁ-ସଂପର୍କ ସ୍ଥାପନ କରିଥିଲେ। ପରେ ସୁଯୋଗ ଦେଖି ତାଙ୍କ ପିଲାଟିକୁ ନେଇ ଯାଇଥିଲେ। ଭିମସାର ଶିଶୁ ଚୋରି ଘଟଣାରେ ମହିଳା ଜଣଙ୍କ ଯାହା କହୁଛନ୍ତି ତାହା ଯଦି ସତ ହୋଇଥାଏ, ତେବେ ସାଙ୍ଘାତିକ । ସାମାଜିର ଅପବାଦ ସହିନପାରି ମହିଳା ଚୋରି କରିବାକୁ ପଛାଉନାହାନ୍ତି ।



# ଆଳୁଚାଷରେ ଆତ୍ମନିର୍ଭର ହେବ ଓଡ଼ିଶା

**ଭୁବନେଶ୍ୱର,୨୯।୧୧(ସଂଚାର ବ୍ୟୁରୋ):** ଆଜି କୃଷି ଭବନସ୍ଥିତ କୃଷି ସମୀକ୍ଷା କେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟରେ ଆଳୁ ବିହନ ଯୋଗାଣ ନେଇ ସମୀକ୍ଷା କରିଛନ୍ତି। ରବି ଆଳୁଚାଷ ସଂପର୍କିତ ଆଲୋଚନା ନିମନ୍ତେ ଅନୁଷ୍ଠିତ ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଆଳୁଚାଷରେ ରାଜ୍ୟକୁ ଆତ୍ମନିର୍ଭର କରିବା ପାଇଁ ରବି ଆଳୁ ଚାଷକୁ ଦୃଷ୍ଟିରେ ରଖି ସରକାର ଅକ୍ଟୋବର-ନଭେମ୍ବର ମାସରୁ ହିଁ ବିହନ ଯୋଗାଇ ଦେଇଛନ୍ତି। ପ୍ରଥମଥର ଲାଗି ୧୫, ୦୨୩ ହେକ୍ଟରରେ ଆଳୁଚାଷ ହେଉଛି। ଏଯାବତ୍ ୧ ଲକ୍ଷ ୨ ହଜାର ୯୬୪ କ୍ୱିଣ୍ଟାଲର ଉନ୍ନତ ମାନର ପ୍ରାମାଣିକ ଆଳୁ ବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଛି। ଅଦ୍ୟାବଧି ୫୬୪୯ ହେକ୍ଟର ଜମିରେ ଆଳୁ ବିହନ ଲାଗିସାରିଛି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଆଭାସି ମାଧ୍ୟମରେ ଯୋଗଦେଇଥିବା ସମସ୍ତ ଜିଲ୍ଲାର କୃଷି ଓ ଉଦ୍ୟାନ କୃଷି ଅଧିକାରୀଙ୍କଠାରୁ ଆବଶ୍ୟକ ପରିମାଣର ଆଳୁ ବିହନ ଯୋଗାଣ ବାବଦରେ ଅବଗତ ହୋଇଥିଲେ। ଚାଷୀମାନେ ପ୍ରାମାଣିକ ଆଳୁ ବିହନ କିଲୋଗ୍ରାମ ପିଛା ୨୦ ଟଙ୍କାରେ କ୍ରୟ କରିବେ ଏବଂ ବିହନ ଲଗାଇବା ପରେ କିଲୋଗ୍ରାମ ପିଛା ୧୦ଟଙ୍କା ନିଜ ଆକାଉଣ୍ଟକୁ ଫେରସ୍ତ ପାଇବେ। ଏହି ପ୍ରକ୍ରିୟାରେ କୌଣସି ପ୍ରକାର ଦୁର୍ନୀତି ଅଭିଯୋଗ ଆସିଲେ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସଂପୂର୍ଣ୍ଣ ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଅଧିକାରୀମାନେ ଯତ୍ନବାନ ହେବାକୁ ପ୍ରମୁଖ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ବିହନ ଯୋଗାଣ ନିମନ୍ତେ କେବଳ ଏନ୍‌ଏସ୍‌ସି ଅନୁବନ୍ଧିତ ଫାର୍ମ ହିଁ ଆଳୁ ବିହନ ଯୋଗାଉଛନ୍ତି। ଆଜି ସୁଦ୍ଧା ରାଜ୍ୟର ୩୦ ଗୋଟି ଜିଲ୍ଲାରେ ଏ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇସାରିଛି ଏବଂ ୩୪୭୦ଗୋଟି ସଚେତନତା ବୈଠକ କରାଯାଇ ଆଳୁଚାଷର ପ୍ରଣାଳୀ ବିଷୟରେ ଅବଗତ କରାଯାଇଛି। ରାଜ୍ୟରେ ୩୦୫୮ଟି କ୍ଲଷ୍ଟର ବଛାଯାଇଛି ଯେଉଁଥିରେ ପ୍ରମୁଖ ଭାବେ ଆଳୁଚାଷ କରାଯିବ ଏବଂ ଏଥି ପାଇଁ ୯୫, ୮୪୧ ଜଣ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ନିଖିଲ ପଓ୍ୱନ କଲ୍ୟାଣ, ଓଡ଼ିଶା ବିହନ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ଥିବାବେଳେ ରାଜ୍ୟର ସମସ୍ତ ଜିଲ୍ଲାରୁ ଜିଲ୍ଲା କୃଷି ଓ ଉଦ୍ୟାନ କୃଷି ଅଧିକାରୀ ଆଭାସି ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ।

**୧୫, ୦୨୩ ହେକ୍ଟରରେ ହେବ ଆଳୁଚାଷ**

**୧, ୦୨, ୯୬୪ କ୍ୱିଣ୍ଟାଲ ଉନ୍ନତ ମାନର ପ୍ରାମାଣିକ ଆଳୁ ବିହନ ଯୋଗାଇ ଦିଆଯାଇଛି**

**ଏନ୍‌ଏସ୍‌ସି ଅନୁବନ୍ଧିତ ଫାର୍ମ ହିଁ ଯୋଗାଇ ପାରିବେ ବିହନ**



# ଛାତ୍ରଛାତ୍ରୀଙ୍କ 'ବୃତ୍ତି ସଚେତନତା' ସମ୍ବନ୍ଧୀୟ କର୍ମଶାଳା



**ପୁରୀ,୨୯।୧୧(ସଂଚାର ବ୍ୟୁରୋ):** ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ବି.ବି.ଏ., ଏମ୍.ବି.ଏ. ଏବଂ ଏମ୍.କମ୍. (ଫାଇନାନ୍ସ ଓ କଣ୍ଟ୍ରୋଲ) ବିଭାଗର ଛାତ୍ରଛାତ୍ରୀଙ୍କ ପାଇଁ 'ଇନଷ୍ଟିଚ୍ୟୁଟ ଅଫ୍ କମ୍ପାନୀ ସେକ୍ରେଟାରୀଜ ଅଫ୍ ଇଣ୍ଡିଆ (ଓଉଝଓ)' ଦ୍ୱାରା 'କ୍ୟାରିଅର ଆୱାରନେସ ଫର ମ୍ୟାନେଜମେଣ୍ଟ ଷ୍ଟୁଡେଣ୍ଟସ' ଶୀର୍ଷକ ଉପରେ ଏକ ଦିନିକିଆ କର୍ମଶାଳା ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ତା୨୯/୧୧/୨୦୨୪ରିଖି ଦିନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦଘାଟନ କରିବା ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ମିହିର ପ୍ରସାଦ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ କର୍ମନିଯୁକ୍ତି ପାଇଁ ଲାଗିଥିବା ତୀବ୍ର ପ୍ରତିଯୋଗିତା ମଧ୍ୟରେ, ଏଭଳି ଏକ ଉପଯୋଗୀ କର୍ମଶାଳାର ସଦୁପଯୋଗ କରି କମ୍ପାନୀମାନଙ୍କରେ ଉପଲବ୍ଧ କର୍ମ ନିଯୁକ୍ତିର ଭରପୁର ଲାଭ ଉଠେଇବା ପାଇଁ ଆହ୍ୱାନ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡଃ ସତ୍ୟ ପ୍ରକାଶ ମିଶ୍ର ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। 'ଇନଷ୍ଟିଚ୍ୟୁଟ ଅଫ୍ କମ୍ପାନୀ ସେକ୍ରେଟାରୀଜ ଅଫ୍ ଇଣ୍ଡିଆ' ତରଫରୁ, ଭୁବନେଶ୍ୱର ଚାପ୍ଟରର ବରିଷ୍ଠ ପ୍ରଶିକ୍ଷକ ତଥା କମ୍ପାନୀ ସେକ୍ରେଟାରୀ ଉତ୍ତମ କୁମାର ମୋହାଲ୍ଲିକ ବିଭିନ୍ନ କମ୍ପାନୀରେ ଓ ପରିଚାଳନା କ୍ଷେତ୍ରରେ ଉପଲବ୍ଧ ଅସୀମିତ ନିଯୁକ୍ତି ସୁଯୋଗ ସମ୍ପର୍କରେ ଉଲ୍ଲେଖ କରିବା ସହିତ, ଏହାର ସଦ୍ ବ୍ୟବହାର କରିବା ପାଇଁ ଛାତ୍ରଛାତ୍ରୀମାନେ ନିଜକୁ କିପରି ସର୍ବୋତ୍କୃଷ୍ଟ ଭାବେ ପ୍ରସ୍ତୁତ କରିପାରିବେ, ସେ ସମ୍ବନ୍ଧରେ ଏକ ଚମତ୍କାର ଉପସ୍ଥାପନା ପ୍ରସ୍ତୁତ କରିଥିଲେ।

# ଆସିଫା ଇଣ୍ଡିଆ ଦ୍ୱାରା ୱେଭ୍ସ ଆୱାର୍ଡସ ଅଫ୍ ଏକ୍ସଲେନ୍ସ ଆୟୋଜିତ



**ନୂଆଦିଲ୍ଲୀ,୨୯।୧୧:** ଆନିମେସନକୁ ପ୍ରୋତ୍ସାହିତ କରୁଥିବା ୟୁନେସ୍କୋ ସ୍ୱୀକୃତିପ୍ରାପ୍ତ ବିଶ୍ୱସ୍ତରୀୟ ଏନଜିଓ ଆସିଫା ଇଣ୍ଡିଆ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସହଯୋଗରେ କ୍ରିଏଟ୍ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜର ଏକ ଅଂଶ ଭାବରେ ୱେଭ୍ସ ଆୱାର୍ଡସ ଅଫ୍ ଏକ୍ସଲେନ୍ସ ଆୟୋଜନ କରୁଛି, ଯାହା କି ବିଶ୍ୱସ୍ତରରେ ଭାରତର ସୃଜନଶୀଳ ନେତୃତ୍ୱକୁ ସୁଦୃଢ଼ କରିବା ପାଇଁ ଆନିମେସନ, ଭିଜୁଆଲ ଇଫେକ୍ଟସ ଏବଂ ଏକ୍ସଆରରେ ଅସାଧାରଣ ଉପଲବ୍ଧିକୁ ପାଳନ କରିବ। ଏହି ସମ୍ମାନଜନକ ପୁରସ୍କାର ପାଇଁ ୧୫ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଏଣ୍ଟ୍ରି ଖୋଲା ରହିବ ଏବଂ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ବିଶ୍ୱ ଅଡିଓ ଭିଜୁଆଲ ଆଣ୍ଡ ଏଣ୍ଟରଟେନମେଣ୍ଟ ସମିଟ (ୱେଭ୍ସ) ୨୦୨୫ରେ ଏହି ପୁରସ୍କାର ପ୍ରଦାନ କରାଯିବ।

# ଡିସେମ୍ବର ୬ରୁ ଅଗ୍ନିପଥ ଯୋଜନାରେ ସେନା ନିଯୁକ୍ତି

**ଭୁବନେଶ୍ୱର,୨୯।୧୧(ସଂଚାର ବ୍ୟୁରୋ):** ଆସନ୍ତା ଡିସେମ୍ବର ୬ରୁ ୯ ତାରିଖ ପର୍ଯ୍ୟନ୍ତ ରାଉରକେଲା ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରେ ସେନା ନିଯୁକ୍ତି ଶିବିର ଅନୁଷ୍ଠିତ ହେବ। ଏଥିରେ ଅନୁଗୁଳ, ବରଗଡ଼, ବଲାଙ୍ଗିର, ଢେଙ୍କାନାଳ, ଦେବଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାରୁ ଚୟନ ହୋଇଥିବା ପ୍ରାର୍ଥୀମାନେ ଭାଗ ନେଇପାରିବେ। ଅନଲାଇନ ଏକକ ପ୍ରବେଶିକା ପରୀକ୍ଷା (ସିଇଇ) ଜରିଆରେ ଚୟନ ହୋଇଥିବା ପ୍ରାର୍ଥୀମାନଙ୍କୁ ଶାରୀରିକ ଫିଟନେସ ପରୀକ୍ଷା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡକାଯାଇଛି। ଅନଲାଇନ ଏକକ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କୁ ସେମାନଙ୍କର ଇମେଲ୍ ଆଇଡିରେ ଆଡମିଟ୍ କାର୍ଡ ପଠାଯାଇଛି। ଭାରତୀୟ ସେନାର ନିଯୁକ୍ତି ୱେବସାଇଟ୍ www.joinindianarmy.nic.in ପ୍ରୋଫାଇଲ ସେକ୍ସନରେ ଲଗଇନ୍ କରି ମଧ୍ୟ ପ୍ରାର୍ଥୀମାନେ ସେମାନଙ୍କର ଆଡମିଟ କାର୍ଡ ଡାଉନଲୋଡ୍ କରିପାରିବେ। କୌଣସି ପ୍ରଶ୍ନ ପାଇଁ ପ୍ରାର୍ଥୀମାନେ ସମ୍ବଲପୁର ଏଆରଓଙ୍କୁ ୦୬୬୩-୨୯୫୦୩୫୯ ଏବଂ ୦୬୬୩-୨୫୨୦୮୪୫ ନମ୍ବରରେ ଯୋଗାଯୋଗ କରିପାରିବେ।

# ଶିବରାଜଙ୍କ ଅଧ୍ୟକ୍ଷତାରେ ମନରେଗା ସମୀକ୍ଷା ବୈଠକ




**ନୂଆଦିଲ୍ଲୀ,୨୯।୧୧:** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନ୍‌ଆରଇଜିଏସ୍)ର କାର୍ଯ୍ୟକାରିତା ଆକଳନ ପାଇଁ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଜି ନୂଆଦିଲ୍ଲୀର କୃଷି ଭବନଠାରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ଗ୍ରାମ୍ୟ ଉନ୍ନୟନ ସଚିବଙ୍କ ସମେତ ଡିଭିଜନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଯୋଜନାର ସଫଳତାକୁ ପ୍ରଶଂସା କରିବା ସହିତ ଯୋଜନାର ଫଳପ୍ରଦତା ବୃଦ୍ଧି ପାଇଁ ଅଭିନବ ଉପାୟ ଏବଂ ସଂସ୍କାରକୁ ପ୍ରୋତ୍ସାହିତ କରିବା ଉପରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ମନରେଗା ଅଧୀନରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ପାଣ୍ଠିର ଅପବ୍ୟବହାର ରୋକିବା, ହିତାଧିକାରୀଙ୍କ ସହ ଜବ୍ କାର୍ଡର ହେପାଜତ ସୁନିଶ୍ଚିତ କରିବା ଏବଂ କାର୍ଯ୍ୟସ୍ଥଳରେ ଯନ୍ତ୍ରପାତି ବ୍ୟବହାର ଉପରେ କଟକଣା ଲଗାଇବା ପାଇଁ ପଦକ୍ଷେପ ନିଆଯିବ। ମନରେଗା ଅଧୀନରେ ୨୦୨୪-୨୫ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଛି। ସମୁଦାୟ ୧୮୭.୫ କୋଟି ବ୍ୟକ୍ତି ଦିବସ ସୃଷ୍ଟି ହୋଇଛି, ଯାହା ୪.୬ କୋଟି ଗ୍ରାମୀଣ ପରିବାରକୁ ରୋଜଗାର ପ୍ରଦାନ କରିଛି। ଗ୍ରାମୀଣ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଏହି ଯୋଜନାର ଭୂମିକାକୁ ପ୍ରତିଫଳିତ କରି ୫୬ ଲକ୍ଷରୁ ଅଧିକ ସମ୍ପତ୍ତି ସୃଷ୍ଟି କରାଯାଇଛି। ମୋଟ ଖର୍ଚ୍ଚର ପ୍ରାୟ ୪୪% ଏବଂ ୫୫% କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ଏବଂ ବ୍ୟକ୍ତିଗତ ହିତାଧିକାରୀ କାର୍ଯ୍ୟ ରେ ଖର୍ଚ୍ଚ ହୋଇଛି, ଯାହା ଗ୍ରାମାଞ୍ଚଳରେ କୃଷି ଉପରେ ଧ୍ୟାନ ଦେବା ଏବଂ ଦୁର୍ବଳ ପରିବାରମାନଙ୍କ ପାଇଁ ଜୀବିକା ସୁଯୋଗ ବୃଦ୍ଧିକୁ ସୂଚାଇଥାଏ। ପ୍ରାୟ ୯୭% ପାଣ୍ଠି ସ୍ଥାନାନ୍ତର ଆଦେଶ (ଏଫଟିଓ) ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦ୍ୱାରା ଠିକ୍ ସମୟରେ ମଜୁରି ପ୍ରଦାନ ସୁନିଶ୍ଚିତ କରି ଠିକ୍ ସମୟରେ ପ୍ରଦାନ କରାଯାଉଛି। ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୭୪, ୭୭୦.୦୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ଠାରୁ ସର୍ବାଧିକ ପାଣ୍ଠି ପ୍ରଦାନ କରାଯାଇଥିବା ରାଜ୍ୟଗୁଡ଼ିକ ହେଲା ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, ତାମିଲନାଡୁ, ବିହାର, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ମହାରାଷ୍ଟ୍ର, ତେଲଙ୍ଗାନା ଏବଂ ଓଡ଼ିଶା। ଉଲ୍ଲେଖଯୋଗ୍ୟ, ଗତ ୫ ବର୍ଷ ଧରି ଏହି ଯୋଜନାରେ ମହିଳାଙ୍କ ଅଂଶଗ୍ରହଣ କ୍ରମାଗତ ଭାବେ ୫୦% ରୁ ଅଧିକ ରହିଛି, ଯାହା ଏହି ଯୋଜନା ଅଧୀନରେ ମହିଳା ସଶକ୍ତୀକରଣର ଅନ୍ତର୍ଭୁକ୍ତୀକରଣ ଏବଂ ବୃଦ୍ଧି ଉପରେ ଆଲୋକପାତ କରୁଛି।

# ମୋଦୀ ଓ ଶାହଙ୍କୁ ବାଲୁକା ଚିତ୍ରକଳାରେ ଶୁଭେଚ୍ଛା ଜଣାଇଛନ୍ତି ସୁଦର୍ଶନ




**ପୁରୀ,୨୯।୧୧(ସଂଚାର ବ୍ୟୁରୋ):** ଭୁବନେଶ୍ୱର ରେ ଆଜି ଠାରୁ ସର୍ବଭାରତୀୟ ପୋଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀ ଉଦଘାଟନ ହେବାକୁ ଯାଉଚି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରୀ ଏହି ସମ୍ମିଳନୀ ରେ ଯୋଗ ଦେବେ। ଦେଶର ବିଭିନ୍ନ ସୁରକ୍ଷା ପ୍ରସଙ୍ଗ ଉପରେ ଆଲୋଚନା ହେବ। ତେବେ ଓଡ଼ିଶା କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଆଗମନ କୁ ନେଇ ବାଲୁକା ଚିତ୍ରକଳା ରେ ଶୁଭେଚ୍ଛା ଜଣାଇଛନ୍ତି ବାଲୁକା ଚିତ୍ର ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ପୁରୀ ନିଳାଦ୍ରୀ ବିଚ୍ ରେ ସୁଦର୍ଶନ ଏକ ସୁନ୍ଦର୍ ବାଲୁକା ଚିତ୍ରକଳା ତିଆରି କରିଛନ୍ତି। ଯେଉଁ ଥିରେକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରି ଅମିତ୍ ଶାହା ଙ୍କ ପ୍ରତିକୃତି ଛବି କୁ ବାଲୁକା ଚିତ୍ର କଳା ଅତି ନିଖୁଣ ଭାବରେ ତିଆରି କରିଛନ୍ତି। ଓଡ଼ିଶାର ଗର୍ବ ଗୌରବ କୋଣାର୍କ ର ଚକ କୁ ମଧ୍ୟ ବାଲୁକା ଚିତ୍ରକଳା ରେ ସ୍ଥାନ ଦିଆଯାଇଛି। ସ୍ୱାଗତଂ ମୋଦୀ ଜି ଓ ଅମିତ୍ ଜି ଲେଖାଯାଇଛି। ବାଲୁକା ଚିତ୍ର ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ କହିଛନ୍ତି ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବା ଆମକୁ ବେଶ୍ ଉତ୍ସାହ ଦେଇଚି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁବେଳେ ଓଡ଼ିଶା ର କଳା, ସଂସ୍କୃତି, ଐତିହ୍ୟ ଓ କଳାକାର ଙ୍କୁ ପ୍ରଶଂସା କରିଆସିଛନ୍ତି। ଏଣୁ ଆମେ କଳାକାର ହିସାବ ରେ ବାଲୁକା ଚିତ୍ରକଳା ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରୀ ଅମିତ୍ ଶାହା ଙ୍କୁ ସ୍ୱାଗତ ବାର୍ତ୍ତା ଦେଇଛୁ।

# ନକଲି ନୋଟ କାରବାର ରାକେଟର ପର୍ଦ୍ଦାଫାଶ



**୩ ଗିରଫ, ନଗଦ ୧୯ ଲକ୍ଷ ଟଙ୍କା ସହ ମୋବାଇଲ ଜବତ୍**

**ବ୍ରହ୍ମପୁର,୨୯।୧୧(ସଂଚାର ବ୍ୟୁରୋ):** ନକଲି ନୋଟ୍ ଦେଇ ଅସଲି ନୋଟ୍ ଲୁଟ୍ ଘଟଣାରେ ବ୍ରହ୍ମପୁର ପୋଲିସ୍ କୁ ବଡ ସଫଳତା ମିଳିଛି। ଅଭିଯୋଗର କିଛି ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ କାବୁ କରିବାରେ ପୋଲିସ୍ ସଫଳ ହୋଇଛି। ସୂଚନା ଅନୁଯାୟୀ, ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କୁ ଠକି ୧୯ ଲକ୍ଷ ଟଙ୍କାର ନକଲି ନୋଟ ରଖି ସେହି ପରିମାଣର ଅସଲି ନୋଟ ନେଇ ଚମ୍ପଟ ମାରିଥିବା ଠକଙ୍କୁ ବ୍ରହ୍ମପୁର ବୈଦ୍ୟନାଥପୁର ପୋଲିସ କାବୁ କରିଛି। ନକଲି ନୋଟ୍ କାରବାରରେ ସଂପୃକ୍ତ ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଏବେ ବି ଜଣେ ଅଭିଯୁକ୍ତ ଫେରାର୍ ଅଛି । ତେବେ ଗିରଫ ଅଭିଯୁକ୍ତ ମାନେ ହେଲେ କଟକର ଅଜୟ ମହାପାତ୍ର, ବଟକୃଷ୍ଣ ପ୍ରଧାନ ଏବଂ ବ୍ରହ୍ମପୁରର ଶିବଶଙ୍କର ପଟ୍ଟନାୟକ । ପୂର୍ବ ଆଲୋଚନା ଅନୁଯାୟୀ ବ୍ରହ୍ମପୁରର ବ୍ୟବସାୟୀ ପ୍ରମୋଦ ସାହୁଙ୍କୁ ୬୦ ଲକ୍ଷ ଟଙ୍କାର ଝୁମର ପାଇଁ ପ୍ରଥମେ ୧୯ ଲକ୍ଷ ଟଙ୍କା ଦେବାକୁ ଦଲାଲ ମାନେ କହିଥିଲେ। ଏହି ବ୍ୟବସାୟୀ ଜଣକ ଟଙ୍କା ଦେବାକୁ କଟକର ୨ ଜଣ ବ୍ୟକ୍ତିଙ୍କୁ ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡ ନିକଟକୁ ଡାକିଥିଲେ । ସୁଯୋଗ ଦେଖି ଅଭିଯୁକ୍ତମାନେ ପ୍ରମୋଦଙ୍କ ଟ୍ରଙ୍କର ତାଲା ଖୋଲି ଅସଲି ୧୯ ଲକ୍ଷ ବାହାର କରି ନକଲି ୧୯ ଲକ୍ଷ ଟଙ୍କାର କାଗଜ ନୋଟ ଭର୍ତ୍ତି କରି ଦେଇଥିଲେ । ଏହାପରେ ଅଭିଯୁକ୍ତମାନେ ପ୍ରମୋଦ ଏବଂ ତାଙ୍କ ସହଯୋଗୀଙ୍କୁ ଟ୍ରଙ୍କଟିକୁ ଅନ୍ୟ ଏକ ସ୍ଥାନକୁ ଆଣିବାକୁ କହିଥିଲେ । ଟ୍ରଙ୍କଟି ପୂର୍ବାପେକ୍ଷା ଓଜନିଆ ଲାଗିବାରୁ ପ୍ରମୋଦ ଓ ତାଙ୍କ ସହଯୋଗୀ ଯାଞ୍ଚ କରିବା ବେଳେ ସେଥିରୁ ନକଲି କାଗଜ ନୋଟ୍ ବାହାରିଥିଲା । ଏନେଇ ଗୁରବାର ପ୍ରମୋଦ ବୈଦ୍ୟନାଥପୁର ଥାନାରେ ଖବର ଦେଇଥିଲେ । ଘଟଣାକୁ ଗୁରୁତର ସହ ନେଇ ବୈଦ୍ୟନାଥପୁର, ଗୋପାଳପୁର, ଗୋଳନ୍ଥରା ଓ ଛତ୍ରପୁର ଆଇଆଇସିଙ୍କୁ ନେଇ ଗଠିତି ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲେ । ଅଭିଯୁକ୍ତଙ୍କ ନିକଟରୁ ନଗଦ ୧୯ ଲକ୍ଷ ଟଙ୍କା ଜବତ ହୋଇଥିବା ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି । ଏବଂ ଅନ୍ୟ ଜଣେ ଫେରାର୍ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଓଡିଶା ମେଡିକାଲ ସେଣ୍ଟର ତରଫରୁ ଔଷଧୀୟ ବୃକ୍ଷ ରୋପଣ



**ଭୁବନେଶ୍ୱର,୨୯।୧୧(ସଂଚାର ବ୍ୟୁରୋ):** ଓଡିଶା ମେଡିକାଲ ସେଣ୍ଟର ତରଫରୁ ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସରକାରୀ ବାସଭବନ ପରିସରରେ ଔଷଧୀୟ ବୃକ୍ଷ ରୋପଣ କରାଯାଇଛି। ମନ୍ତ୍ରୀ ଡ.ମହାପାତ୍ର ବିଭିନ୍ନ କିସମର ଔଷଧିୟ ବୃକ୍ଷ ରୋପଣ କରିବା ସହିତ ଏହାର ଗୁଣ ସମ୍ପର୍କରେ ସୂଚନା ଦେଇଛନ୍ତି । ମନ୍ତ୍ରୀ ଡାକ୍ତର ମହାପାତ୍ର କହିଛନ୍ତି ଯେ କେଉଁ ଆଦିମ ଅନାଦି କାଳରୁ ମନୁଷ୍ୟ ବୃକ୍ଷଲତାର ବିଭିନ୍ନ ଅଂଶକୁ ଔଷଧ ଭାବରେ ବ୍ୟବହାର କରି ଆସୁଛି ଓ ଖ୍ରୀଷ୍ଟ ପୂର୍ବ ୪୦୦୦ ଠାରୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ମଧ୍ୟରେ ରଚନା କରାଯାଇଥିବା ଋକ ବେଦରେ ୬୭ ଗୋଟି, ଯଜୁର୍ବେଦରେ ୮୨ ଗୋଟି ଏବଂ ଅଥର୍ବ ବେଦରେ ୨୮୯ ଗୋଟି ଔଷଧୀୟ ବୃକ୍ଷ ତଥା ଏହାର ଉପଯୋଗ ଦ୍ୱାରା ରୋଗ ଚିକିତ୍ସା ବିଷୟରେ ବିଷଦ ଭାବରେ ବର୍ଣ୍ଣନା ଅଛି ଓ ଏହାର ପରବର୍ତ୍ତୀ କାଳରେ ରଚିତ ଅଷ୍ଟାଙ୍ଗ ଆୟୁର୍ବେଦ ହେଉଛି ବିଶ୍ୱର ପ୍ରାଚୀନତମ ଚିକିତ୍ସା ପ୍ରଣାଳୀ ଯେଉଁଥିରେ ମୁଖ୍ୟତ ବୃକ୍ଷଲତା ମାନଙ୍କର ସରଳ ପ୍ରୟୋଗ ତଥା ବିଭିନ୍ନ ପ୍ରକାରର ଔଷଧ ପ୍ରସ୍ତୁତିର ବିଧି ବିଧାନ ସହିତ ରୋଗ ଚିକିତ୍ସାର ବର୍ଣ୍ଣନା ରହିଛି। ମନ୍ତ୍ରୀ ଡାଃ ମହାପାତ୍ର କହିଛନ୍ତି ଯେ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଅଞ୍ଚଳରେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ଏକ ସଂସ୍ଥା ଏହି ଔଷଧୀୟ ବୃକ୍ଷ ରୋପଣ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ମୟୂରଭଞ୍ଜ ଅଞ୍ଚଳ ସହ ରାଜ୍ୟର ରାଜଧାନୀ ଭୁବନେଶ୍ୱର ରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ପାଇଁ ଆଗେଇ ଆସିଛି ଓ ପ୍ରଥମେ ଏହି ଔଷଧୀୟ ବୃକ୍ଷ ରୋପଣ ନିମନ୍ତେ ସେମାନେ ମୋର ସରକାରୀ ବାସଭବନ ସ୍ଥିତ ବଗିଚାକୁ ଚୟନ କରିଥିବାରୁ ସେ ଅତ୍ୟନ୍ତ ଖୁସି ବୋଲି ପ୍ରକାଶ କରିଛନ୍ତି। କ୍ରମଶଃ ଏହା ଅନ୍ୟ ସରକାରୀ ଅଧିକାରୀଙ୍କ ବାସଭବନ ପ୍ରାଙ୍ଗଣ, ପାର୍କ, ସ୍ୱତନ୍ତ୍ର ବଗିଚା, ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ରାସ୍ତା କଡରେ ଏହି ଔଷଧୀୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବାର ପ୍ରସ୍ତାବ ରଖିଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶ୍ରୀମତୀ ସୋନାଲି ସ୍ୱାଇଁ ଓ ଭାରତ ସରକାରଙ୍କ କେନ୍ଦ୍ରୀୟ ଆୟୁର୍ବେଦ ବିଜ୍ଞାନ ଗବେଷଣା ପରିଷଦ ର ପୂର୍ବତନ ଭାରପ୍ରାପ୍ତ ନିର୍ଦ୍ଦେଶକ ଡ଼ଃ ମଦନ ମୋହନ ପାଢ଼ୀ ମହୋଦୟଙ୍କ ପ୍ରଚେଷ୍ଟା ପ୍ରଶଂସା ଯୋଗ୍ୟ, ସେଥିପାଇଁ ସେମାନଙ୍କୁ ମଧ ଆନ୍ତରିକ ଶୁଭେଚ୍ଛା ଜଣାଉଛି ଓ ଟ୍ରଷ୍ଟିର ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି ।

# ବଢ଼ୁଛି ଇଭି ବିକ୍ରି: ନାହିଁ ଚାର୍ଜିଂ ସୁବିଧା




**ଭୁବନେଶ୍ୱର,୨୯।୧୧:** ରାଜ୍ୟରେ ବର୍ଷକୁ ବର୍ଷ ବୈଦ୍ୟୁତିକ ଯାନ (ଇଭି) ବିକ୍ରି ବଢ଼ି ଚାଲୁଥିବାବେଳେ ଏହାର ଚାର୍ଜିଂ ପାଇଁ ସେଭଳି ସୁବିଧା ନାହିଁ। ଯାନ ବିକ୍ରି କରୁଥିବା କମ୍ପାନୀ କିମ୍ବା ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଯାହା ଫଳରେ ପରିବେଶ ଅନୁକୂଳ ଏହି ଯାନ କିଣିବାପାଇଁ ଅନେକ ବ୍ୟକ୍ତି ଆଗ୍ରହୀ ଥିଲେ ମଧ୍ୟ ପଛଘୁଞ୍ଚା ଦେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ୨୦୨୧-୨୨ ବର୍ଷରେ ରାଜ୍ୟରେ ୧୦, ୩୮୮ଟି ଇଭି ବିକ୍ରି ହୋଇଥିବାବେଳେ ଏହା ପରବର୍ଷ ଅର୍ଥାତ୍ ୨୦୨୨-୨୩ ଇଭିଯାନ ପଞ୍ଜିକରଣ ତିନିଗୁଣରୁ ଅଧିକ ବୃଦ୍ଧି ପାଇ ୩୩୨, ୩୩୩ ରେ ପହଞ୍ଚିଥିଲା। ୨୦୨୩-୨୪ରେ ଏହି ସଂଖ୍ୟା ୫୨ହଜାରକୁ ଟପିଥିବାବେଳେ ଚଳିତ ଆର୍ଥବର୍ଷର ନଭେମ୍ବର ୨୪ ତାରିଖ ସୁଦ୍ଧା ଇଭି ବିକ୍ରି ୨୭ହଜାରକୁ ଟପିଗଲାଣି। ରାଜ୍ୟରେ ଉଭୟ ଦୁଇ ଚକିଆ ଓ ଚାରି ଚକିଆ ଇଭି ବିକ୍ରି ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ୨୦୨୧-୨୨ ରେ ରାଜ୍ୟର ୧୩୪ ଟି ଚାରିଚକିଆ ଇଭି ବିକ୍ରି ହୋଇଥିବାବେଳେ ୨୦୨୩-୨୪ରେ ଏହା ୧୬୪୯ରେ ପହଞ୍ଚିଛି। ଦୁଇ ଚକିଆ ଇଭି ଯାନ ବିକ୍ରି ଏହିବର୍ଷ ୪୪ହଜାର ଟପିଛି। ତେବେ ରାଜ୍ୟରେ ଏତେ ସଂଖ୍ୟାରେ ଇଭି ବିକ୍ରିହେଉଥିବାବେଳେ ଚାର୍ଜିଂର ସେଭଳି କୌଣସି ବ୍ୟବସ୍ଥା ନାହିଁ। ପେଟ୍ରୋଲ ପମ୍ପ ଠାରୁ ମଲ ପର୍ଯ୍ୟନ୍ତ ସବୁଆଡେ ଚାର୍ଜିଂ ଷ୍ଟେସନ ଖୋଲିବା ଯୋଜନା ଏକ ପ୍ରକାର ନାଲିଫିତା ତଳେ ରହିଯାଇଛି। ଫଳରେ ଦୂର ଦୂରାନ୍ତକୁ ଯିବାକୁ ଥିବା ଲୋକେ ନିଜ ନିଜର ଇଭିଯାନ ନେଇ ଯିବାକୁ ଡରୁଛନ୍ତି। ରାଜଧାନୀରେ କାଁ ଭାଁ କେତୋଟି ଚାର୍ଜିଂ ଷ୍ଟେସନ ଥିବାବେଳେ ଅନ୍ୟ କୌଣସି ଠାରେ ଏହା ପ୍ରାୟତଃ ନାହିଁ। ପ୍ରାୟତଃ ଇଭିଯାନଗୁଡିକୁ ଲୋକେ ନିଜ ଘରେ ଚାର୍ଜିଂ କରୁଛନ୍ତି। ଏଥିପାଇଁ ଅଧିକ ସମୟ ସହିତ ଅଧିକ ଖର୍ଚ୍ଚାନ୍ତ ବି ହେବାକୁ ପଡୁଛି। ଚାର୍ଜିଂ ଷ୍ଟେସନରେ ସୁଲଭ ଦରରେ କମ୍ ସମୟରେ ଏହା ହୋଇପାରନ୍ତା। ଯେହେତୁ ବାହାରେ ଚାର୍ଜିଂଷ୍ଟେସନ ସେଭଳି ଭାବେ ଉପଲବ୍ଧ ନାହିଁ, ତେଣୁ ଲୋକେ ଗାଡିର ଚାର୍ଜିଂ ସରିବା ପୂର୍ବରୁ ଘରକୁ ଫେରି ଆସୁଛନ୍ତି। ଅନ୍ୟ ପକ୍ଷରେ ରାଜ୍ୟ ସରକାର କିନ୍ତୁ ଇଭି ଯାନ ଉପରେ ଟିକସ ସମ୍ପୂର୍ଣ୍ଣ ଛାଡ କରିଥିବାବେଳେ କ୍ରୟ ମୂଲ୍ୟ ଉପରେ ରିହାତି ପ୍ରଦାନ କରୁଛନ୍ତି। ଦୁଇ ଚକିଆ ଯାନ ପାଇଁ କିଲୋୱାଟ ପିଛା ୫୦୦୦ ଟଙ୍କା ଏବଂ ସର୍ବୋଚ୍ଚ ୨୦ହଜାର ଟଙ୍କା ଦିଆ।ଯାଉଛି। ତିନି ଚକିଆ ଯାନ ପାଇଁ ସର୍ବୋଚ୍ଚ ୩୦ହଜାର ଟଙ୍କା ଦିଆଯାଉଥିବାବେଳେ ଚାରି ଚକିଆ ଯାନ ପାଇଁ କିଲୋୱାଟ ପ୍ରତି ୧୦ହଜାର ଏବଂ ସର୍ବୋଚ୍ଚ ଦେଢ଼ ଲକ୍ଷ ଟଙ୍କା ରିହାତି ଦିଆଯାଉଛି। ପରିବେଶ ଅନୁକୂଳ ଯାନ ହୋଇଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରିହାତି ପ୍ରଦାନ ଠାରୁ ଆରମ୍ଭ କରି ଟିକସ ଛାଡ କରୁଥିବାବେଳେ ଚାର୍ଜିଂ ଷ୍ଟେସନ ନଥିବାରୁ ଏହାର ବିକ୍ରି ଯେଉଁଳି ହାରରେ ହେବାକଥା ତାହା ହେଉନଥିବା ଲକ୍ଷ୍ୟ କରାଯାଉଛି। (ତଥ୍ୟ)

# ଡିଜିଟାଲ ଆରେଷ୍ଟ ମାମଲାରେ ରାଜ୍ୟର ପ୍ରଥମ ଗିରଫଦାରୀ

**କଟକ,୨୯।୧୧(ସଂଚାର ବ୍ୟୁରୋ):** ଡିଜିଟାଲ ଆରେଷ୍ଟ ମାମଲାରେ ରାଜ୍ୟର ପ୍ରଥମ ଗିରଫଦାରୀ । ତେଲେଙ୍ଗାନାରୁ ଜଣେ ସାଇବର ଠକକୁ ଗିରଫ କଲା କ୍ରାଇମବ୍ରାଞ୍ଚ । ଗିରଫ ଅଭିଯୁକ୍ତ ନାଁ ଅବଦୁଲ ସଲିମ । ନିଜକୁ ମୁମ୍ବାଇ ସାଇବର କ୍ରାଇମ ଅଧିକାରୀ ପରିଚୟ ଲୁଟିଥିଲା କୋଟି କୋଟି ଟଙ୍କା । ବ୍ରହ୍ମପୁରର ଜଣେ ବ୍ୟକ୍ତିଙ୍କୁ କରିଥିଲା ଡିଜିଟାଲ ଆରେଷ୍ଟ । ବିଭିନ୍ନ ଆଳରେ ତାଙ୍କ ଠାରୁ ଏକ କୋଟି ଟଙ୍କା ଲୁଟ କରିଥିଲା । ଅବଦୁଲ ବ୍ୟବହାର କରିଥିବା ଆକାଉଣ୍ଟ ନାଁରେ ରହିଛି ଆହୁରି ୧୩ଟି ଅଭିଯୋଗ । ଏନେଇ ଆଜି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ପୋଲିସ ଜାରି କରିଥିବା ପ୍ରେସ ବିଜ୍ଞପ୍ତି ଅନୁସାରେ, ଅଭିଯୁକ୍ତ ଅବଦୁଲ ସଲିମ ନିଜକୁ ଟ୍ରାଇ ଏବଂ ମୁମ୍ବାଇ ସାଇବର କ୍ରାଇମ ଡିଭିଜନ ପୋଲିସ କର୍ମଚାରୀର ପରିଚୟ ଦେଇ ଲୋକଙ୍କୁ ଗିରଫ କରିବାକୁ ଧମକ ଦେଉଥିଲା । ଜଣେ ବ୍ୟକ୍ତି ଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ତାକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଉଛନ୍ତି ତେଲେଙ୍ଗାନା ନିଜାମାବାଦର ଅବଦୁଲ ସଲିମ । ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତ ଠାରୁ ମୋବାଇଲ ଫୋନ, ୩ଟି ସିମ କାର୍ଡ, ସାଉଦି ଆରବର ସିମକାର୍ଡ, ପାସବୁକ, ପାସପୋର୍ଟ, ଆଧାର କାର୍ଡ, ପାନ କାର୍ଡ, ଡେବିଟ କାର୍ଡ ଓ କ୍ରେଡିଟ କାର୍ଡ ଜବତ କରିଛି । ଅଭିଯୁକ୍ତ ସଲିମ ନାମରେ ସାରା ଦେଶରେ ୧୩ରୁ ଅଧିକ ମାମଲାରେ ସମ୍ପୃକ୍ତି ଥିବା ତଦନ୍ତରେ ପୋଲିସ ଜାଣିବାକୁ ପାଇଛି ।

# ଆଦିବାସୀ ଲୋକ ମହୋତ୍ସବକୁ ବେଦାନ୍ତର ସମର୍ଥନ

**କଳା, ସଂସ୍କୃତିର ସୁରକ୍ଷା ପାଇଁ ବେଦାନ୍ତ ପ୍ରତିବଦ୍ଧ**

**କୋରାପୁଟ,୨୯।୧୧(ସଂଚାର ବ୍ୟୁରୋ):** ଭାରତର ସର୍ବ ବୃହତ ଆଲୁମିନିୟମ୍ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍ ବାର୍ଷିକ ଆଦିବାସୀ ଲୋକ ମହୋତ୍ସବ ପରବ-୨୦୨୪କୁ ସମର୍ଥନ କରିଛି, ଯାହା ସ୍ଥାନୀୟ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରିଥାଏ। କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକର କୋଡିଙ୍ଗମାଳି ଖଣି ନିକଟରେ ଆୟୋଜିତ ଏହି ଉତ୍ସବରେ ୫୦୦୦ରୁ ଅଧିକ ଲୋକ ଯୋଗ ଦେଇଥିଲେ ଏବଂ ଆଦିବାସୀ କଳା, ସଙ୍ଗୀତ, ନୃତ୍ୟ ଏବଂ ସଂସ୍କୃତିର ଚିତ୍ତାକର୍ଷକ ପ୍ରଦର୍ଶନ କରିଥିଲେ। ଲକ୍ଷ୍ମୀପୁର ବିଡିଓଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଧାୟକ ପବିତ୍ର ସାଉନ୍ତା, ବ୍ଲକ ଅଧ୍ୟକ୍ଷ ସୁଆଇ କୁଲେସିକା ଏବଂ ଲକ୍ଷ୍ମୀପୁର ବ୍ଲକର ସରପଞ୍ଚ ଏବଂ ସମିତି ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଉତ୍ସବକୁ ବେଦାନ୍ତ ଭିତ୍ତିଭୂମି ସହାୟତା ଯୋଗାଇ ଦେଇଥିଲା, ଯାହା ଓଡିଶାର ସାଂସ୍କୃତିକ ପରମ୍ପରାକୁ ବଢାଇ ରଖିବା ପାଇଁ ନିଜର ପ୍ରତିବଦ୍ଧତାକୁ ନିଶ୍ଚିତ କରିଥିଲା। ଏହି ପଦକ୍ଷେପ ସ୍ଥାନୀୟ କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଛାତ୍ରମାନଙ୍କୁ ସେମାନଙ୍କର ପ୍ରତିଭା ଏବଂ କୌଶଳ ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା। ଲକ୍ଷ୍ମୀପୁର ବିଡିଓ ଗୁରେଶ୍ୱର ଭୋଇ ବେଦାନ୍ତର ସମର୍ଥନକୁ ପ୍ରଶଂସା କରି କହିଛନ୍ତି, ପରବ ହେଉଛି ବାର୍ଷିକ ଉତ୍ସବ ଯାହା ଓଡିଶାର ସମୃଦ୍ଧ ସଂସ୍କୃତିକୁ ପ୍ରୋତ୍ସାହିତ ଏବଂ ସଂରକ୍ଷଣ କରିଥାଏ୍ୟ ତୃଣମୂଳ ସ୍ତରର ସାଂସ୍କୃତିକ ପଦକ୍ଷେପ ତଥା ସ୍ଥାନୀୟ ସମ୍ପ୍ରଦାୟକୁ ଉତ୍ସାହିତ କରିଥିବାରୁ ମୁଁ ବେଦାନ୍ତକୁ ଧନ୍ୟବାଦ ଦେଉଛି। ବେଦାନ୍ତ ଆଲୁମିନିୟମ ସ୍ଥାନୀୟ କଳାକାରଙ୍କ ପ୍ରତିଭା ବୃଦ୍ଧି କେବଳ ସାଂସ୍କୃତିକ ସ୍ପନ୍ଦନକୁ ବଢ଼ାଇବ ନାହିଁ ବରଂ ଭବିଷ୍ୟତ ପୀଢ଼ିପାଇଁ ପାରମ୍ପାରିକ କଳା ଅଭ୍ୟାସକୁ ମଧ୍ୟ ବଞ୍ଚାଇ ରଖିବ। ସ୍ଥାନୀୟ କଳା ଏବଂ ସଂସ୍କୃତିର ବିକାଶ କରୁଥିବା କମ୍ପାନୀର ଅନ୍ୟାନ୍ୟ ପ୍ରଭାବଶାଳୀ ପ୍ରୟାସରେ ସୁନ୍ଦରଗଡ଼ରେ ବିଶ୍ୱର ଦୀର୍ଘତମ ସମ୍ବଲପୁରୀ ଥିଏଟରକୁ ସମର୍ଥନ କରିବା, କୋରାପୁଟରେ ବିଶ୍ୱ ଆଦିବାସୀ ଦିବସର ସମ୍ପ୍ରଦାୟ ଉତ୍ସବ ନାମଯଜ୍ଞ ଏବଂ ଜାମଖାଣିରେ ବାହୁଡା ଯାତ୍ରା ଅନ୍ତର୍ଭୁକ୍ତ। ଏହାପୂର୍ବରୁ କମ୍ପାନୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ଓଡିଆ ସଂସ୍କୃତିରେ ଅବଦାନ ପାଇଁ ଉତ୍ସାହିତ କରି ତାହାର ପ୍ରତିବଦ୍ଧତାକୁ ସୂଚାଇଛି।



### ଜୀବନ ଅମୃତ ଅନୁଚିନ୍ତା

ସତକର୍ମର ଫଳ- ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି ଯେ, ପ୍ରତ୍ୟେକ ସତ କର୍ମ ହେଉଛି ଗୋଟିଏ ଗୋଟିଏ ଯଜ୍ଞ ସଦୃଶ। ଏହାର ଫଳ ଯଜ୍ଞକର୍ତ୍ତାଙ୍କୁ ମିଳିଥାଏ। ଯିଏ ଯେପରି କର୍ମ କରେ ତାକୁ ସେପରି ଫଳ ପ୍ରାପ୍ତି ହୋଇଥାଏ।

SANCHAR
ସଂଚାର

# ପାୱାରଙ୍କ ପାୱାର ସରିଗଲା

ଗତ ଚାରି ଦଶନ୍ଧି ହେବ ମହାରାଷ୍ଟ୍ର ରାଜନୀତିର ସାରଥୀ ସାଜିଥିବା ଶରଦ ପାୱାର ତାଙ୍କ ରାଜନୈତିକ ଜୀବନର ସାୟାହ୍ନରେ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଛନ୍ତି। ଏଥିପାଇଁ ସେ କାହାରିକୁ ଦୋଷ ଦେଇପାରିବେ ନାହିଁ। ସେ ନିଜ କୃତକର୍ମର ଫଳ ଭୋଗୁଛନ୍ତି। ଯଦି ମହାରାଷ୍ଟ୍ରରେ କ୍ଷମତା ଦଖଲ ନିମନ୍ତେ ସେ ଶିବସେନା ସହ ହାତ ମିଳାଇନଥାନ୍ତେ ତେବେ ଆଜି ତାଙ୍କ ଦଳ ବିଭାଜିତ ହୋଇନଥାନ୍ତା। ଯେଉଁ ଦଳ ବିରୋଧରେ ନିର୍ବାଚନ ଲଢିବ ହେ ଦଳ ସହ ହାତ ମିଳାଇବା ଏକ ଅନୈତିକ କାର୍ଯ୍ୟ। ଏହାର ପରିଣାମ ଭୋଗିବା ସୁନିଶ୍ଚିତ। ଉଭୟ ରାଜ୍ୟ ଏବଂ ଜାତୀୟ ରାଜନୀତିରେ ଅତୀତରେ ଅନେକ ଥର ନିର୍ଣ୍ଣାୟକ ଭୂମିକା ନେଇଥିବା ଏବଂ ମେଣ୍ଟ ରାଜନୀତିର କର୍ଣ୍ଣଧାର ସାଜିଥିବା ଶରଦ ପାୱାରଙ୍କ ଲୋକପ୍ରିୟତା ଅକ୍ଷୁର୍ଣ୍ଣ ରହିଛି ସତ୍ୟ ମାତ୍ର ତାଙ୍କ ଗ୍ରହଣୀୟତା ଯଥେଷ୍ଟ ହ୍ରାସ ପାଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ଏହାକୁ ପ୍ରମାଣିତ କରିଛି। ୧୯୯୯ରେ ବାଜପେୟୀ ସରକାର ମାତ୍ର ଗୋଟିଏ ଭୋଟରେ ଆସ୍ଥା ଭୋଟରେ ପରାଜିତ ହେବା ପରେ ସୋନିଆ ଗାନ୍ଧି ବିରୋଧୀ ଦଳମାନଙ୍କୁ ଏକାଠି କରି ଦେଶର ପ୍ରଧାନମନ୍ତ୍ରୀ ହେବାକୁ ଉଦ୍ୟମ କରିଥିଲେ। ସେତେବେଳେ ଶରଦ ପାୱାର ଏହାକୁ ବିରୋଧ କରିଥିଲେ ଏବଂ ସୋନିଆଙ୍କ ବିଦେଶିନୀ ପ୍ରସଙ୍ଗ ଉଠାଇ କଂଗ୍ରେସରୁ ଓହରି ଯାଇଥିଲେ। ଏହା ସହିତ ସେ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟୀ (ଏନସିପି) ନାମରେ ଏକ ନୂତନ ଦଳ ଗଠନ କରିଥିଲେ। ସୋନିଆଙ୍କୁ କ୍ଷମତା ଦଖଲରୁ ରୋକି ଶରଦ ପାୱାର ହୋଇଯାଇଥିଲେ ନ୍ୟାସନାଲ ହିରୋ। ସେତେବେଳେ ଆଶା କରାଯାଉଥିଲା ଯେ, ଶରଦ ପାୱାରଙ୍କ ଏନସିପି ଜାତୀୟ ରାଜନୀତିରେ କଂଗ୍ରେସର ବିକଳ୍ପ ହେବ। କିନ୍ତୁ ଏହା ନୈରାଶ୍ୟରେ ପରିଣତ ହେଲା। ୨୦୦୪ରେ ଶରଦ କଂଗ୍ରେସ ସହ ହାତ ମିଳାଇ କ୍ଷମତାର ଅଂଶୀଦାର ହେଲେ। ଏଥିରୁ ତାଙ୍କ ଦୋମୁହାଁ ନୀତି ଏବଂ କ୍ଷମତା ଲିପ୍ସା ପ୍ରମାଣିତ ହୋଇଥିଲା। ମହାରାଷ୍ଟ୍ରରେ ମଧ୍ୟ ଏନସିପି କଂଗ୍ରେସ ସହ ମେଣ୍ଟ ବା ଆସନ ବୁଝାମଣା କରିଥିଲା। ସେତେବେଳେ ଶରଦ ପାୱାର କାହିଁକି କଂଗ୍ରେସରୁ ବାହାରି ନିଜସ୍ୱ ଦଳ ଗଠନ କରିଛନ୍ତି, ସେଥିନେଇ ପ୍ରଶ୍ନ ଉଠିଲା। ସେ ଜେଣ ସୁବିଧାବାଦୀ ନେତା ବୋଲି ଲୋକେ ବିଚାର କଲେ। ଏଥିପାଇଁ ୨୦୧୪ ଏବଂ ୨୦୧୯ରେ ମହାରାଷ୍ଟ୍ରବାସୀ ତାଙ୍କୁ ଅଗ୍ରାହ୍ୟ କଲେ। ୨୦୧୯ ବିଧାନସଭା ନିର୍ବାଚନରେ ମହାରାଷ୍ଟ୍ରବାସୀ ଏନଡିଏ ସପକ୍ଷରେ ଭୋଟ ଦେଇଥିଲେ। କିନ୍ତୁ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧିନ ଶିବସେନା ବିଜେପି ହାତ ଛାଡ଼ି ଏନଡିଏରୁ ଓହରିଗଲା ଏବଂ ଜନାଦେଶକୁ ଅପହରଣ କରି କଂଗ୍ରେସ ତଥା ଏନସିପି ସହ ହାତ ମିଳାଇଲା। ସେତେବେଳେ ଉଦ୍ଧବଙ୍କୁ ମୁଖ୍ୟମନ୍ତ୍ରୀ କରାଇବାରେ ଶରଦ ପାୱାରଙ୍କ ବଡ଼ ଭୂମିକା ଥିଲା। କେବଳ ବିଜେପିକୁ କ୍ଷମତାରୁ ଦୁରେଇ ରଖିବାକୁ ସେ ଉଦ୍ଧବଙ୍କୁ ସମର୍ଥନ କରିଥିଲେ। ଏହା ଥିଲା ତାଙ୍କ ରାଜନୈତିକ ଜୀବନର ସବୁଠାରୁ ବଡ଼ ଭୁଲ। ଏହାର ପରିଣାମ ସ୍ୱରୂପ ତାଙ୍କ ଦଳ ବିଭାଜିତ ହେଲା ଏବଂ ସଦ୍ୟ ସମାପ୍ତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଶରଦ ପାୱାରଙ୍କ ଏନସିପି ମାଟି କାମୁଡ଼ି ପଡ଼ିଛି। ଲୋକେ ଶରଦଙ୍କୁ ନିର୍ବାଚନରେ ଉଚିତ ଶିକ୍ଷା ଦେଇଛନ୍ତି। ତାଙ୍କ ସୁବିଧାବାଦ ରାଜନୀତିକୁ ଲୋକେ ଅଗ୍ରାହ୍ୟ କରିଛନ୍ତି। ତାଙ୍କଠାରେ କଂଗ୍ରେସର ପରିବାରବାଦ ରାଜନୀତିର ପ୍ରଭାବ ରହିଛି। ତେଣୁ ସେ ତାଙ୍କ ଦଳକୁ ଏକ ପାରିବାରିକ ସମ୍ପତ୍ତିରେ ପରିଣତ କରିବାକୁ ଉଦ୍ୟମ କରୁଛନ୍ତି। ଏଥିପାଇଁ ତାଙ୍କ ଝିଅ ସୁପ୍ରିୟା ସୁଲେଙ୍କୁ ଦଳର ନେତ୍ରୀ କରିଛନ୍ତି। ଏହାକୁ ବିରୋଧ କରି ତାଙ୍କ ପୁତୁରା ଅଜିତ ପାୱାର ଦଳରୁ ଓହରି ନିଜ ଦଳ ଗଠନ କରିଛନ୍ତି ଏବଂ ବିଜେପି ସହ ହାତ ମିଳାଇ ଏନଡିଏରେ ସାମିଲ ହୋଇଛନ୍ତି। ସେ ମଧ୍ୟ ତାଙ୍କ ସୁବିଧାବାଦୀ ରାଜନୀତି ପାଇଁ ଦିନେ ରାଜନୀତିରୁ ମୂଳପୋଛ ହୋଇଯିବେ ସେଥିରେ ସନ୍ଦେହ ନାହିଁ। ତେବେ ଏନସିପି ପ୍ରତିଷ୍ଠାତା ଶରଦ ପାୱାରଙ୍କ ରାଜନୈତିକ ଜୀବନର ଅନ୍ତ ଘଟିଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ସେ ଏବେ ସମ୍ମାନର ସହ ରାଜନୀତିରୁ ଅବସର ଘୋଷଣା କରିବା ଉଚିତ। ଭଙ୍ଗାଗଢ଼ା ରାଜିନୀତି ପାଇଁ ତାଙ୍କର ଆଉ ବୟସ ନାହିଁ। ଅତୀତରେ ସେ ଅନେକ ଥର କଂଗ୍ରେସରୁ ଓହରିଛନ୍ତି, ପୁଣି ଫେରିଛନ୍ତି ବା ମେଣ୍ଟ କରିଛନ୍ତି। ଆଉ ସେ ଏହାର ପୁନରାବୃତ୍ତି ନକରିବା ଉଚିତ। ଏବେ ସେ ସମ୍ମାନର ସହ ରାଜନୀତିରୁ ଅବସର ନେବା ଉଚିତ।

# ମହାକାଶ ପର୍ଯ୍ୟନ୍ତ ପହଞ୍ଚିଲାଣି ପୁଞ୍ଜିବାଦ



**ଗୋପାଳ ମହାପାତ୍ର**

ଆମେରିକାର ବିଶିଷ୍ଟ ଶିଳ୍ପପତି ଏଲେନ ମସ୍କ ହେଉଛନ୍ତି ଷ୍ଟାରଲିଙ୍କର ମାଲିକ ଏବଂ ତାଙ୍କ ସଂସ୍ଥାର ଟେକନିକ ଶକ୍ତି ଏବଂ ସମ୍ପତ୍ତିର କଳ୍ପନା କରିବା କଷ୍ଟକର। ଷ୍ଟାରଲିଙ୍କ ଏବେ ଦୁନିଆରେ ସବୁଠାରୁ ଅଧିକ ସାଟେଲାଇଟ ବା ଉପଗ୍ରହ ପ୍ରେରଣ କରିଥିବା ସଂସ୍ଥା। ଏହି କମ୍ପାନୀ ମହାକାଶରେ ୭ହଜାର ଉପଗ୍ରହ ସ୍ଥାପିତ କରିସାରିଛି। ଏବେ ଏହି କମ୍ପାନୀ ୧୩୦୦୦ ଉପଗ୍ରହ ପ୍ରେରଣ କରିବାକୁ ଯାଉଛି। ଅର୍ଥାତ୍ ଉପଗ୍ରହ ସଂଖ୍ୟା ବୃଦ୍ଧି ପାଇ ୭୦ ହଜାରରେ ପହଞ୍ଚିଯିବ। ଷ୍ଟାରଲିଙ୍କ ବା ଅନ୍ୟ ଅର୍ଥରେ ଏଲନ ମସ୍କ ଯୋଜନା କରୁଛନ୍ତି ଯେ ୨୦୩୧ ସୁଦ୍ଧା ମହାକାଶକୁ ଆହୁରି ଉପଗ୍ରହ ପ୍ରେରଣ କରିବେ ଓ ଏହାର ସଂଖ୍ୟା ୪୦ ହଜାରକୁ ଟପିଯିବ। ଏହାର ଅର୍ଥ ହେଉଛି ସାରାବିଶ୍ୱର ସବୁ ଦେଶର ଆକାଶରେ ଷ୍ଟାରଲିଙ୍କର ଅଢ଼େଇଶହରୁ ଅଧିକ ଉପଗ୍ରହ ରହିଥିବ। ଏଥିସହିତ ସାରାବିଶ୍ୱ ଏଇ ନୂଆ ଟେକନିକର ୪୦ ହଜାର ତାରାକୁ ଦେଖିବେ ଓ ଏହାର କାର୍ଯ୍ୟ ଓ ପ୍ରଭାବ ଦେଖିବେ। ଆମେରିକା ସୁପର ପାୱାର ହେବା ପଛରେ ରହିଛି ଏଲନ ମସ୍କଙ୍କର ଷ୍ଟାରଲିଙ୍କ। ଆମେରିକାର ମହାକାଶ ଗବେଷଣା କେନ୍ଦ୍ର ନାଶାର ପାଖାପାଖି ୭୦୦ ଉପଗ୍ରହ ରହିଛି। ଭାରତ ମହାକାଶକୁ ମାତ୍ର ୭୦ଟି ଉପଗ୍ରହ ପ୍ରେରଣ କରିଛି ଏବଂ ଏସବୁର କ୍ଷମତା ମଧ୍ୟ ଷ୍ଟାରଲିଙ୍କ ଓ ନାସାର ଉପଗ୍ରହ ଠାରୁ କମ୍। ଏଥିରୁ ସ୍ପଷ୍ଟ ଯେ ଭାରତର ୧୦୦ ଗୁଣ ଏବଂ ଆମେରିକାର ୧୦ ଗୁଣ ଅଧିକ ଉପଗ୍ରହ ଷ୍ଟାରଲିଙ୍କ ମହାକାଶକୁ ପ୍ରେରଣ କରିଛି।

ଆମେ ଏବେ ଯେତେବେଳେ ଦେଶର ଶିଳ୍ପପତି ବା ଧନ କୁବେର ମାନଙ୍କ ଉପରେ ଚର୍ଚ୍ଚା କରୁଛେ ସେତେବେଳେ ମୁକେଶ ଅମ୍ବାନୀଙ୍କ ନାମ ପ୍ରଥମରେ ରହୁଛି। ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ୧୩ ଲକ୍ଷ କୋଟିରୁ ଅଧିକ ଏବଂ ବୋଧହୁଏ ମୁକେଶ ହେଉଛନ୍ତି ବିଶ୍ୱର ୩ୟ ବା ୪ର୍ଥ ଧନ କୁବେର। ଗୌତମ ଆଦାନୀ ଯାହାଙ୍କ ସମ୍ପତ୍ତି ୧୦ଲକ୍ଷ କୋଟିରୁ ଅଧିକ ସିଏ ମୁକେଶ ଅମ୍ବାନୀଙ୍କ ପଛରେ ଓ ବିଶ୍ୱର ୭ମ ବା ୮ମ ଧନକୁବେର ଅଟନ୍ତି। ଏକଦା ବିଶ୍ୱର ଏକନମ୍ବର ଧନୀ ଥିବା ବିଲ୍ ଗେଟସ୍ ଏବେ ତଳକୁ ଖସି ଆସିଛନ୍ତି। ୱ୍ୟାରେନ ବଫେଟ ଏବେ ଦୁନିଆର ଏକ ନମ୍ବର ଧନୀ ଅଟନ୍ତି ଯାହାଙ୍କ ପାଖରେ ୭୦ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି ଯାହା ଭାରତର ସରକାରୀ ବଜେଟର ପାଖାପାଖି ଦୁଇ ଗୁଣ ହେବ। ଏବେ ୱାରେନ ବଫେଟଙ୍କୁ ଚାଲେଞ୍ଜ କରି ଏଲନ ମସ୍କ ପ୍ରଥମ ଧନୀ ହେବାର ସ୍ଥିତିରେ ପହଞ୍ଚିବା ପାଇଁ ଉଦ୍ୟମ କରୁଛନ୍ତି। ଏକଦାକାର୍ଲମାକ୍ସ ପୁଞ୍ଜିବାଦୀ ବିକାଶର କ୍ରମ ପ୍ରସଙ୍ଗରେ କହିଥିଲେ ଯେ ବଡ଼ କାରଖାନା ଛୋଟ କାରଖାନାକୁ ଗିଳି ପକାଇବ। ପୁଞ୍ଜିବାଦର ସିଦ୍ଧାନ୍ତ ମଧ୍ୟ ଏହା ହିଁ ଯେ ବଡ଼ ମାଛ ଛୋଟ ମାଛକୁ ଗିଳି ଦେଇତାଏ। ପରନ୍ତୁ ଏହି ପାରମ୍ପରିକ ପୁଞ୍ଜିବାଦ କେବଳ ଯେ ତଳକୁ ଚାଲିଯିବ ତା ନୁହେଁ ବରଂ ପୁଞ୍ଜିବାଦ ଉପଗ୍ରହ ଟେକନିକ ପାଇଁ ଏହି ମାଲିକ ମାନଙ୍କ କାଠକଣ୍ଢେଇ ପାଲଟିଯିବ। ଏବେ ଭାରତରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ଭାରତର ଦୁଇ ଧନ କୁବେର କିଛି ଦିନ ତଳେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ଏଲନ ମସ୍କଙ୍କ ଷ୍ଟାରଲିଙ୍କ ଯେପରି ଭାରତ ଆକାଶରେ ତାର ଉପଗ୍ରହ ସ୍ଥାପନ କରି ନପାରେ ସେଥିପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। କିନ୍ତୁ ଏକ ଅସମର୍ଥୀତ ସୁତ୍ରରୁ ଜଣାପଡ଼ିଛି ଯେ ପ୍ରଧାନମନ୍ତ୍ରୀ ସ୍ପଷ୍ଟ ଭାବେ ଏଥିପାଇଁ ଅସମର୍ଥତା ପ୍ରକାଶ କରିଛନ୍ତି ଓ କହିଛନ୍ତି ଯେ ଟେକନିକର ବିକାଶ ଏବଂ ଏହାର ପ୍ରୟୋଗକୁ କେମିତି ରୋକାଯାଇ ପାରିବ। ବୋଧହୁଏ ଅମ୍ବାନୀ ଓ ଆଦାନୀ ପ୍ରଧାନମନ୍ତ୍ରୀଙ୍କ ଠାରୁ ଏଭଳି ଉତ୍ତର ଶୁଣିବେ ବୋଲି ଆଶା କରିନଥିଲେ। ଏଣୁ ସେମାନେ ଏବେ ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ଦ୍ୱାରସ୍ଥ ହେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଏକଥା ମଧ୍ୟ ସମ୍ଭବ ଯେ ଏ ଦୁହେଁ ସୁପ୍ରିମ କୋର୍ଟଙ୍କ ଶରଣ ନେବା ପଛରେ ପ୍ରଧାନମନ୍ତ୍ରୀଙ୍କ ମୌନ ସମ୍ମତି ରହିଛି। କାରଣ ପ୍ରଧାନମନ୍ତ୍ରୀ ଏକଥା ମଧ୍ୟ ଜାଣନ୍ତି ଯେ ସରକାରୀ ସ୍ତରରେ ଏଲନ ମସ୍କଙ୍କ ଷ୍ଟାରଲିଙ୍କର ଉପଗ୍ରହ ଉପରେ ପ୍ରତିବନ୍ଧକ ଲଗାଇବା ଅସମ୍ଭବ ନହେଲେ ମଧ୍ୟ କଷ୍ଟକର ନିଶ୍ଚୟ। ସରକାରୀ ସ୍ତରରେ ଷ୍ଟାରଲିଙ୍କ ବିରୁଦ୍ଧରେ ପ୍ରତିବନ୍ଧକ ଲଗାଇବାର ଅର୍ଥ ଅସୁବିଧାକୁ ଡାକି ଆଣିବା ଯାହା ପ୍ରଧାନମନ୍ତ୍ରୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଯିବ। ଏବେ ସେ ବାବଦରେ ଅଧିକ ଆଲୋଚନା କରାଯିବା ଅନୁଚିତ କାରଣ ଆଗକୁ କ'ଣ ହେବ ସେକଥା ସମୟ କହିବ।

ଟେକନିକ କେମିତି ଟେକନିକକୁ ଆତ୍ମସାତ କରି ପ୍ରଭାବି କରାଇଥାଏ ସେକଥା ଦେଖିବା କଥା। ସମୟ ଥିଲା ଯେତେବେଳେ ଲୋକେ ପାଦରେ ଚାଲିବା ବଦଳରେ ଶଗଡ଼ଗାଡି ବା ଘୋଡାଗାଡିକୁ ଆପଣେଇ ଥିଲେ। ଘୋଡ଼ାରେ ଚଢ଼ି ମଧ୍ୟ ସୈନିକ ମାନେ ଯୁଦ୍ଧ କରୁଥିଲେ। କେବେ କେବେ ଯୁଦ୍ଧବେଳେ ରଥରେ ଓ ଗାଡିରେ ଭୌଗୋଳିକ ପରିସ୍ଥିତି ଅନୁସାରେ ଓଟ ଓ ହାତୀଙ୍କୁ ମଧ୍ୟ ବ୍ୟବହାର କରାଯାଉଥିଲା। ଲୋକେ ମଧ୍ୟ ବଳଦଗାଡ଼ି, ଘୋଡାଗାଡ଼ି ଆଦି ଗତାଗତ ପାଇଁ ବ୍ୟବହାର କରୁଥିଲେ। ଚାଷ ପାଇଁ ବଳଦର ବ୍ୟବହାର କରାଯାଉଥିଲା। କାଳାନ୍ତରରେ ଗତାଗତ ବା ଯାତାୟାତ ପାଇଁ ମଟରର ବ୍ୟବହାର ହେଲା ଓ ଚାଷ ପାଇଁ ଟ୍ରାକ୍ଟରର ବ୍ୟବହାର ହେଲା। ଯାତାୟତ ପାଇଁ ସାଇକେଲ, ମଟର ସାଇକେଲ, କାର ଏବଂ ପରବର୍ତ୍ତୀ ସମୟରେ ବିମାନ ପର୍ଯ୍ୟନ୍ତ ପହଞ୍ଚିଥିଲା। ନଦୀରେ ଯାତାୟତ ପାଇଁ ଲୋକେ ପ୍ରଥମେ ଭେଳା ଓ ତାପରେ ନୌକାର ବ୍ୟବହାର କରୁଥିଲେ। ପରେ ଜଳଯାହାଜ ଆସିଲା। ସଞ୍ଚାର କ୍ଷେତ୍ରରେ ଲ୍ୟାଣ୍ଡଲାଇନ ଫୋନ ଆସିଲା; ତା ପରେ ମୋବାଇଲ ଏବଂ ଏବେ ଏଣ୍ଡ୍ରେଏଡ଼ ଟେକନିକ ଏବଂ ଇଣ୍ଟରନେଟ ଆସି ପୁରୁଣା ସମୟର ଟେଲିଫୋନ ବ୍ୟବସ୍ଥାକୁ ପ୍ରାୟତଃ ଶେଷ କରିଦେଇଛି। ଏପରିକି ଡାକ ବିଭାଗ ମଧ୍ୟ ଏବେ ହଜିଯିବାକୁ ବସିଲାଣି।

ଏକଥା ସତ୍ୟ ଯେ ଯେତେବେଳେ କୌଣସି ବି କ୍ଷେତ୍ରରେ ଉଚ୍ଚମାନର ଟେକନିକର ଆବିଷ୍କାର ହୋଇଥାଏ ତେବେ କେବଳ ଯେ ପୁରୁଣା ଟେକନିକ ଯେ ହଜିଯାଏ ବା ବନ୍ଦ ହୋଇଯାଏ ତା ନୁହେଁ ବରଂ ତାକୁ ମାଧ୍ୟମ କରି ଗୁଜୁରାଣ ମେଣ୍ଟାଉଥିବା ଲୋକେ ମଧ୍ୟ ରୋଜଗାର ହରାଇଥାନ୍ତି। ଏବେ ଆଉ ଗ୍ରାମାଞ୍ଚଳରେ ହଳ ବଳଦ ଦେଖାଯାଉନି ଦେଖାଯାଉଛି ଟ୍ରାକ୍ଟର। ଲୋକେ ଆଉ ଲୁଗା ସଫା କରିବା ପାଇଁ ଧୋବାଙ୍କ ଉପରେ ନିର୍ଭର ନକରି ୱାସିଂ ମେସିନ ବ୍ୟବହାର କରୁଛନ୍ତି। ଏବେ ଅମ୍ବାନୀଙ୍କ ଚିନ୍ତା ବଢ଼ିଯାଇଛି। ତାର କାରଣ ହେଉଛି ତାଙ୍କ ଜିଓ ସିମ୍ (ମୋବାଇଲ) ବିଏସ୍ଏନ୍ଏଲ ଓ ଅନ୍ୟ ସଞ୍ଚାର ସାଧନକୁ ଗିଳି ପକାଇଥିଲା। କିନ୍ତୁ ଏବେ ଜିଓକୁ ତଳିତଳାନ୍ତ କରିବା ପାଇଁ ସାଟଲାଇଟ ଟେକନିକ ଆସୁଛି। ଏକଥା ସତ୍ୟ ଯେ ଅମ୍ବାନୀ ପରିବାରର ସମ୍ପତ୍ତି ଧିରୁଭାଇଙ୍କ ପେଟ୍ରୋଲ ପମ୍ପ ଚାକିରୀରୁ ବଢ଼ିନାହିଁ ବରଂ ଦେଶର ଲୋକଙ୍କ ସାମୁହିକ ପୁଞ୍ଜିରୁ ହିଁ ବଢ଼ିପାରିଛି। ଜିଓରୁ ମଧ୍ୟ ବେଶ୍ ଆୟ କରୁଛି ଅମ୍ବାନୀ ପରିବାର। ସାଟେଲାଇଟ ଟେକନିକ୍ ଆସିଲେ ଜିଓ ଖତ ଖାଇଯିବ ନିଶ୍ଚୟ।

ଏହାହିଁ ହେଉଛି ପୁଞ୍ଜିବାଦ ଯାହା ଗାଁ- ସହର- ବଜାରରୁ ଆରମ୍ଭ ହୋଇ ଏବେ ମହାକାଶ ପର୍ଯ୍ୟନ୍ତ ପହଞ୍ଚିଗଲାଣି। ସାଟେଲାଇଟ ଟେକନିକର ପ୍ରଭାବ ଦେଶ ଓ ଦୁନିଆର ଲୋକଙ୍କ ଉପର ପଡ଼ିବ। ଅନୁମାନ ଅନୁସାରେ ଦେଶର ଇଣ୍ଟରନେଟ ଏବଂ ଏଣ୍ଡଏଡ଼ ଟେକ୍ନୋଲୋଜି ବ୍ୟବସାୟୀ ମୋବାଇଲ ବିକ୍ରେତା ଏପରିକି ମୋବାଇଲ ନିର୍ମାଣକାରୀ ସଂସ୍ଥା ଓ ସିମ୍ ପ୍ରସ୍ତୁତକାରୀ ସଂସ୍ଥା ଏହାଦ୍ୱାରା ପ୍ରଭାବିତ ହେବେ। ଲକ୍ଷ ଲକ୍ଷ ଲୋକ ରୋଜଗାର ହରାଇବେ। ସିମ ବା ଚିପ୍ ପ୍ରସ୍ତୁତ କରୁଥିବା କୋରିଆ, ଚୀନ ଓ ଭିଏତନାମର କମ୍ପାନୀ ମାନେ ମଧ୍ୟ ପ୍ରଭାବିତ ହେବେ କାରଣ ସାଟେଲାଇଟ ଫୋନରେ ସିମ୍‌ର ବ୍ୟବହାର ହେବନାହିଁ। ଏହି ଫୋନର ନିର୍ମାଣ କେବଳ ଏଲନ ମସ୍କଙ୍କ କମ୍ପାନୀ କରିବେ। ଆଉ ସ୍ପେକ୍ଟ୍ରମର ଆବଶ୍ୟକତା ପଡ଼ିବ ନାହିଁ କିମ୍ବା ସ୍ପେକ୍ଟ୍ରୀ ନିଲାମରେ ଭ୍ରଷ୍ଟାଚାର ମଧ୍ୟ ହେବ ନାହିଁ। ସାଟେଲାଇଟ ଟେଲିଫୋନର ନିର୍ମାଣ ଷ୍ଟାରଲିଙ୍କ କରିବ କାରଣ ସମ୍ପୃକ୍ତ ମେସିନକୁ ଚାଲୁ କରିବାର କ୍ଷମତା ବା ସାଟେଲାଇଟ ଫୋନକୁ ଜୀବନ୍ତ କରିବାର କ୍ଷମତା ଏଲନ ମସ୍କଙ୍କ ପାଖରେ ହିଁ ରହିଛି। ରୋବଟ ଉଦ୍ୟୋଗକୁ ମଧ୍ୟ ଏହା ପ୍ରଭାବିତ କରିବ। ଏବେ ଯେଉଁ କମ୍ପାନୀମାନେ ଏଆଇରେ ଚାଲୁଛନ୍ତି ସେମାନଙ୍କୁ ଚଳାଇବା ପାଇଁ ସାଟେଲାଇଟ ଟେକନିକର ବ୍ୟବହାର କରିବାକୁ ପଡ଼ିବ। ଆମାଜନ ହେଉଛି ବିଶ୍ୱର ସର୍ବ ବୃହତ୍ତମ ମାର୍କେଟିଙ୍ଗ କମ୍ପାନୀ। ଆମେରିକାର ୱ୍ୟାସିଂଟନ ଠାରେ ଥିବା ଏହାର ମୁଖ୍ୟ କାର୍ଯ୍ୟାଳୟରେ ୭ହଜାର ରୋବଟ କାମ କରୁଛନ୍ତି। ଯେଉଁଠି ଲକ୍ଷେରୁ ଅଧିକ ଲୋକ କାମ କରିଥାନ୍ତେ ୭ହଜାର ରୋବଟ ସେଇ କାମକୁ କରିପାରୁଛନ୍ତି। ଏଣୁ ଟେକନିକ କେତେ ଦୁରରେ ପହଞ୍ଚିଛି ସେ କଥା ଅନୁମେୟ। ଏସବୁରୁ ସ୍ପଷ୍ଟ ଯେ ପୁଞ୍ଜିବାଦ ଏବେ ଗାଁ-ସହର-ବଜାରରୁ ଯାଇ ମହାକାଶରେ ପହଞ୍ଚିବାକୁ ବସିଲାଣି ଓ ଟେକନିକ ଏହି ପୁଞ୍ଜିବାଦକୁ କାଠ କଣ୍ଢେଇ ପରି ଚଟେଇବାରେ ଲାଗିଛି। ଏଲେନ ମସ୍କଙ୍କ ସାଟେଲାଇଟ ଟେକନିକ କିନ୍ତୁ ଅନ୍ୟ ଦେଶ ମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ପ୍ରଭାବିତ କରିବ ନିଶ୍ଚୟ ଯେଉଁଥି ପାଇଁ ଏବେଠାରୁ ଏ ଦିଗରେ ସଚେତନ ହେବା ଆବଶ୍ୟକ।

ରାମଚନ୍ଦ୍ର ପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

# ମାଣ୍ଡିଆରୁ ଆମ୍ବଟାକୁଆ

**ବ୍ରଜ ରଞ୍ଜନ ଦାଶ**

ବାର ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଗଲା। କହୁ କହୁ ସେଦିନ ଏପରି କିଛି କହିଦେଲେ ବର୍ତ୍ତମାନର ବିରୋଧୀ ଦଳ ନେତା, ନବୀନ ପଟ୍ଟନାୟକ। କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡିର ୩ ଜଣ ମହିଳା ଆମ୍ବଟାକୁଆ ଖାଇ ଜୀବନ ସହ ସଂଘର୍ଷ କରି ଆରପାରିକୁ ଚାଲିଯିବାର ଦୁଃଖଦ ଖବର ସାରା ଓଡ଼ିଶାରେ ଚହଳ ସୃଷ୍ଟି କରିବା ପରେ ହୁଏତ ଶୋକରେ ମ୍ରିୟମାଣ ନବୀନ ଏଭଳି ମନ୍ତବ୍ୟ ଦେଇଥିଲେ। ଏପରି ଘଟଣା ରାଜନୈତିକ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ କିଛି ସରକାରୀ ଦଳର ନେତା ଏହାକୁ ଖୁବ ହାଲକା ଭାବରେ ନେଇ ଆମ୍ବଟାକୁଆ ଜନଜାତିର ପ୍ରିୟ ଆହାର, ସେମାନେ ମଧ୍ୟ ଆମ୍ବଟାକୁଆରୁ ପ୍ରସ୍ତୁତ କ୍ଷୀରି ଖାଇ ତୃପ୍ତ ହୋଇଛନ୍ତି ବୋଲି ମତ ଦେଇ ଘଣ୍ଟ ଘୋଡାଇବା ନୀତି ଅନୁସରଣ କରିଥିଲେ। ତେବେ ଅକ୍ଳାନ୍ତ ପରିଶ୍ରମ କରି ଏସସିବି ମେଡିକାଲର ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ, ଆଇସିୟୁରେ ରହି ଗତ ନଭେମ୍ବର ୨ରୁ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଟୁନି ମାଝୀଙ୍କୁ ବଞ୍ଚାଇବାରେ ସଫଳ ହୋଇଥିବାରୁ ଆତ୍ମସନ୍ତୋଷ ଲାଭ କରିଛନ୍ତି। ବ୍ରହ୍ମପୁରରୁ ଦୀର୍ଘଦିନ ହେବ ଚିକିତ୍ସା ପାଇଁ ଜିତା ଓ ଟୁନି ମାଝୀଙ୍କୁ ଏସସିବି ଅଣାଯାଇଥିଲା। ଚିକିତ୍ସାଧୀନ ଜିତା ଆଖି ବୁଜିବା ପରେ ଟୁନିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ନେଇ ଗଭୀର ଚିନ୍ତା ବ୍ୟକ୍ତ କରାଯାଇଥିଲା। ପାଞ୍ଚ ଥର ଡାଏଲିସିସ କରାଯିବା ପରେ ଟୁନିଙ୍କ କିଡ଼ନୀ ଓ ଲିଭରରେ ଉନ୍ନତି ପରିଲକ୍ଷିତ ହୋଇଛି। ସେ ସମ୍ପୂର୍ଣ୍ଣ ସୁସ୍ଥ ବୋଲି ଡାକ୍ତରୀ ଦଳ ଘୋଷଣା କରିବା ପରେ ତାଙ୍କୁ ଏକ ସ୍ୱତନ୍ତ୍ର ଗାଡ଼ିରେ ତାଙ୍କର ଗ୍ରାମକୁ ପଠାଇ ଦିଆଯାଇଛି। ଏଠାରେ ପ୍ରଶ୍ନ ଉଠେ, କାହିଁକି ଏହି ମହିଳାମାନେ ଆମ୍ବଟାକୁଆ ଖାଇ ନିଜର ଜୀବନକୁ ମରଣ ମୁହଁକୁ ଠେଲି ଦେଉଛନ୍ତି। ସେମାନଙ୍କ ନିକଟରେ କଣ ସରକାରୀ ସୁବିଧା, ଯୋଜନା ପହଞ୍ଚି ପାରୁନାହିଁ ?। ସେଥିପାଇଁ ପୂର୍ବତନ ସରକାର ମାଣ୍ଡିଆ ଚାଷକୁ ଗୁରୁତ୍ୱ ଦେଇଥିଲେ। ମିଲେଟ ମିଶନ ନେଇ ବହୁତ ଖବର ବାହାରିଲା। ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଢେର ପ୍ରୋତ୍ସାହନ ଦିଆଗଲା। ଅଗ୍ରାଧିକାର ଭିତ୍ତିରେ ଉପାନ୍ତ ଅଞ୍ଚଳରେ ଲାଭକାରୀ ଫସଲ ଭାବରେ ମାଣ୍ଡିଆକୁ ଗୁରୁତ୍ୱ ଦିଆଗଲା। ଦେଶ - ବିଦେଶରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ପ୍ରସ୍ତୁତି ଉପରେ ପ୍ରଚାର କରାଗଲା। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ମାଗଣାରେ ସରକାର ବିଦେଶ ପଠାଇ ମାଣ୍ଡିଆର ପ୍ରସାର କାମରେ ନିୟୋଜିତ କଲେ। ହେଲେ ପରିଣାମ ହେଲା କଣ? ୧୦,୦୦୦ କୁଇଣ୍ଟାଲ ମାଣ୍ଡିଆର ହେରଫେର ହୋଇଛି। ୪ କୋଟି ଟଙ୍କାର ବାଟମାରଣା ହୋଇଛି। ୭୭,୦୦୦ ପରିବାର ମୁହଁରୁ ଆହାର ଛଡାଇ ନିଆଯାଇଛି। ହିତାଧିକାରୀ ପାଇଲେନି। ଅମ୍ବାଟାକୁଆ ଖାଇ ଜୀବନ ହାରିଲେ। ଯୋଗାଣ ବିଭାଗ ବୋଧହୁଏ ଟେଇଁ ଶୋଇଥିଲା, ନିଦ ଭାଙ୍ଗିଯାଇଛି। ଖୋଳତାଡ ହେଉଛି ବୋଲି ଆଶ୍ୱାସନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ। କନ୍ଧମାଳ ଜିଲ୍ଲାର ଚାଷୀଙ୍କଠାରୁ ସଂଗ୍ରହ ହୋଇଥିବା ମାଣ୍ଡିଆ ଆଦିବାସୀ ଉନ୍ନୟନ ସମବାୟ ନିଗମ (ଟିଡ଼ିସିସି)ର ବାଲିଗୁଡା ଓ ଟିକାବାଲି ଗୋଦାମ ଘରେ ରଖାଯାଇଥିଲା। ପ୍ରାୟ ୧ ଲକ୍ଷ ୭୦ ହଜାର ରାସନ କାର୍ଡଧାରୀଙ୍କୁ ୧୩ କିଲୋ ଲେଖାଏଁ ମାଣ୍ଡିଆ ଦେବାକୁ ସ୍ଥିର ହେଲା। ଉପର ମହଲାର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କଲାବେଳେ ତଳ ମହଲାରେ କାରସାଦିର ତନାଘନା ଚାଲିଛି। ଆମ୍ବଟାକୁଆ ଅପବାଦରେ ବିରୋଧୀ ବିଧାନସଭାରେ ସରକାରଙ୍କୁ ଘେରିବା ଭୟ ଘାରିଥିବା ବେଳେ ବିଶ୍ୱ ସମବାୟ ସମ୍ମିଳନୀକୁ ଉଦଘାଟନ କରି ପ୍ରଧାନମନ୍ତ୍ରୀ ସମବାୟକୁ ଦେଶର ସଂସ୍କୃତିର ଏକ ଅଂଶ ଏବଂ ବିଶ୍ୱକୁ ଭାରତର ସମବାୟ ଅଭିଜ୍ଞତାରୁ ବିଶ୍ୱ ସମବାୟ ଆନ୍ଦୋଳନକୁ ନୂତନ ଦିଗଦର୍ଶନ ମିଳିବ ବୋଲି ଆଶାପ୍ରକାଶ କରିଛନ୍ତି। ଦେଶର ୧୦ କୋଟି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ୮ ଲକ୍ଷ ସମବାୟ ସଂସ୍ଥା ତରଫରୁ ଆଶାବାଦୀ ପ୍ରଧାନମନ୍ତ୍ରୀ ଏପରି ସକାରାତ୍ମକ ମତ ଦେଇଛନ୍ତି ସତ, କିନ୍ତୁ ସମବାୟ ସଂସ୍ଥାଗୁଡିକରେ ତଳରୁ ଉପର ସ୍ତର ଯାଏଁ ଚାଲିଥିବା ହେରାଫେରି, ସରକାର ଓ ଜନତାଙ୍କ ଅର୍ଥର ଆତ୍ମସାତ ଯୋଗୁଁ ହିଁ ଆଜି ମାଣ୍ଡିଆରୁ ଆମ୍ବଟାକୁଆ ପ୍ରସଙ୍ଗ ଉଙ୍କି ମାରିଛି। ପ୍ରତ୍ୟେକ ଟି ଜୀବନ ମୂଲ୍ୟବାନ-ଏହି ନ୍ୟାୟରେ ସମସ୍ତ ସମବାୟ ସଂସ୍ଥାଗୁଡ଼ିକର ଆୟ-ବ୍ୟୟର ଚିକିନିଖି ହିସାବ-କିତାବ ହେବା ସହିତ ଏହି ସଂସ୍ଥାମାନଙ୍କରେ ସାଧାରଣ ଲୋକଙ୍କୁ ବଣ୍ଟନ କରାଯିବା ପାଇଁ ଉଦ୍ଦିଷ୍ଟ ଖାଦ୍ୟ ଶସ୍ୟ ଯେପରି ବାଟମାରଣା ନହୁଏ, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବା ନିତାନ୍ତ ଆବଶ୍ୟକ।

ବରିଷ୍ଠ ସାମ୍ବାଦିକ
ପ୍ଲଟ ନଂ: ୬୭୦, ହାଟସାହି
ଓଲ୍ଡ ଟାଉନ, ଭୁବନେଶ୍ୱର
ମୋବାଇଲ: ୭୭୩୫୦୮୩୩୫୩

# ଯୁକ୍ତି ଆଉ ଅଯଥା ଯୁକ୍ତି



**ଦିପ୍ତିମୟୀ ନାୟକ**

ପ୍ରତ୍ୟେକଟି କଥାରେ ଯୁକ୍ତି ରହିଛି ଆଉ ପ୍ରତ୍ୟେକଟି କଥାରେ ବି ଅଯଥା ଯୁକ୍ତି ରହିଛି କିନ୍ତୁ ଆଜିର ମଣିଷ ଅଯଥା ଯୁକ୍ତିରେ ଟିକେ ଅଯଥା ମୁଣ୍ଡ ଖେଳାଉଛି। ଯେଉଁ ଯୁକ୍ତି କଲେ ତାକୁ କିଛି ଲାଭ ମିଳିବନି କିନ୍ତୁ ସେ ଜାଣି ଜାଣି ସେହି ଯୁକ୍ତି କରେ। ଆଗରେ ସିନା କହିଦିଏ ଆଜ୍ଞା ଆମେ ମୂର୍ଖ ଲୋକ। ହେଲେ ସେ ତା ଭିତରେ ସେ ନିଜକୁ ମହାନ ଜ୍ଞାନୀ ବୋଲି ମନେ କରୁଥାଏ। ଯେମିତିକି ତା ଯୁକ୍ତିରେ ଅନ୍ୟ ଜଣକ ପଛେ ହାରିଯିବ କିନ୍ତୁ ସେ କେବେ ହାରିବନି। ହେଲେ ଏମିତି ଗାଲୁଆ ଲୋକମାନଙ୍କୁ ଆମେ କଣ କହିବା କେମିତି ଆମେ ଆମକୁ ଠିକ ବୋଲି ପ୍ରମାଣିତ କରିବା। ତେବେ ହଁ ଗାଲୁଆ ଲୋକଙ୍କ କଥାରେ ଆଉ କିଛି ଜଣ ମହାନ ଗାଲୁଆ ଲୋକ ଥାଆନ୍ତି ଯାହାଫଳରେ ସେମାନେ ସେମାନଙ୍କୁ ବହୁତ ସମର୍ଥନ କରୁଥାନ୍ତି। ସେମାନେ ଯାହା ଗାଲୁଆମୀ କରିବେ ଅନ୍ୟମାନେ ତାକୁ ସହମତି କରିବେ। ତେବେ ସବୁ କଥାକୁ ନେଇ ବେସି ଚିନ୍ତା କରିବା କୌଣସି ଆବଶ୍ୟକ ନାହିଁ। ଯଦି ଆପଣ ଠିକ ତେବେ କାହାକୁ ପ୍ରମାଣ ଦେବା ଦରକାର ନାହିଁ। କି ଚୁପ ରହିବା ଦରକାର ନାହିଁ କାରଣ ଯଦି ତୁମେ ଚୁପ ରହିବ ଏମାନେ ତମକୁ ତାଙ୍କ ଗାଲୁଆମୀରେ ଗିଳି ଦେଓ୍ୱେ।

ଆଜିର ଦିନରେ ନିଜକୁ ଉଚ୍ଚଶିକ୍ଷିତ କହି ବୁଲାଉଥିବା ମଣିଷ ସୋସିଆଲ ମିଡ଼ିଆ ମାଧ୍ୟମରେ ବହୁତ ବଢିଆ ଆଉ ଲମ୍ବା ଲମ୍ବା ଭାଷଣ ଦିଅନ୍ତି। ଆଉ ବେଳେବେଳେ ଝଗଡା ମଧ୍ୟ ହୁଅନ୍ତି। ଆଉ କିଛି ଶକୁନି ଦଳ ଏଥିରେ ଖୁବ ଭଲ ଭାବରେ ମଜା ନିଅନ୍ତି କାରଣ ସେମାନଙ୍କୁ ବି ଗୋଟେ ଗୋଟେ ମଜେଦାର ପୋଷ୍ଟ ମିଳିଯାଉଛି ଅଯଥା ଯୁକ୍ତି କରିବାକୁ। ଯଦି ଅଯଥା ଯୁକ୍ତି କରିବାର ଅଛି ମିମ୍ସ ଗୁଡାକ ଆସୁଛି ସେଥିରେ ଥଟ୍ଟା ମଜା ଲାଗି ଅଯଥା ଯୁକ୍ତି କରୁନ କିଏ ମନା କରୁଛି। ତେବେ ଏମାନଙ୍କୁ ଗୋଟିଏ କଥା ଯେଉଁଠି ଯୁକ୍ତି କରିବାର କଥା ସେଠି କିଛି ଯୁକ୍ତି କରିବେନି କିନ୍ତୁ ଯେଉଁଠି ଯୁକ୍ତି ନ କରିବା କଥା କେବଳ ନିଜର ମତ ରଖିବା କଥା ସେଠି ଖାଲି ଏମାନେ ଅଯଥା ଯୁକ୍ତି କରିବେ। ଯେମିତି କୁହନ୍ତିନି ଯେଉଁଠି ଯୁକ୍ତି କରିବା କଥା ସେଠି କିଛି ନାହିଁ ଅଯଥା ଯୁକ୍ତିରେ ମୁଣ୍ଡକୁ ବୁଦ୍ଧି ଆସୁଥାଏ ଧାଇଁ ଧାଇଁ।

ତେବେ କେହି କେହି କହିବେ ଯୁକ୍ତି ଆଉ ଅଯଥା ଯୁକ୍ତି କେବଳ ସୋସିଆଲ ମିଡିଆରେ ହେଉଛି କି। ତେବେ ଶୁଣନ୍ତୁ ଯୁକ୍ତି କରିବାର ଅଛି ତ ଯୁକ୍ତିଯୁକ୍ତ ପ୍ରସଙ୍ଗକୁ ନେଇ ଆଲୋଚନା କରନ୍ତୁ କିନ୍ତୁ ଅଯଥା ଯୁକ୍ତିକୁ ନେଇ ଏତେ ଆଲୋଚନା ନ କରନ୍ତୁ। ଯୁକ୍ତି ଆଉ ଅଯଥା ଯୁକ୍ତି ସବୁଠି ହୁଏ କିନ୍ତୁ ଆଜିର ଦିନରେ ଅଯଥା ଯୁକ୍ତି ଜିତିଯାଏ ଆଉ ଯୁକ୍ତିଯୁକ୍ତ ପ୍ରସଙ୍ଗଟି ଲୁଚିଯାଏ। କେବଳ ସୋସିଆଲ ମିଡ଼ିଆ ମାଧ୍ୟମରେ ନୁହେଁ ଘରେ, ବାହାରେ, ଅଫିସରେ, ବିଭିନ୍ନ କର୍ମ ସଂସ୍ଥାନରେ, ସାଙ୍ଗସାଥି ମଧ୍ୟରେ, ଗୁରୁଜନଙ୍କ ସହ, ପାରିବାରିବ ବିବାଦରେ, ଦେଶ ବିଦେଶ ଖବର ଜାଣିବାରେ ସବୁଥିରେ ଯୁକ୍ତି ଥାଏ କିନ୍ତୁ ସେ ଯୁକ୍ତିଟା ସେତେ ପ୍ରଭାବ ପକାଏନି। ଆଉ ଯେତେବେଳେ ସୋସିଆଲ ମିଡ଼ିଆ ମାଧ୍ୟମରେ ଯୁକ୍ତିଟା ଦିନକୁ ଦିନ ବଢ଼ି ଚାଲେ ସେତେବେଳେ ସେ ଯୁକ୍ତି ଗୁଡାକ କିଛି ଦିନ ପରେ ଅଯଥା ଯୁକ୍ତି ପରି ଲାଗେ। ଆଉ ଲୋକମାନେ ମଧ୍ୟ କୁହନ୍ତି। ହେଟ୍ କଣ ମିଳୁଛି ଏଥିରୁ ଆଉ କିଛି ଲୋକ ତ ଅଯଥା ଯୁକ୍ତି ଏମିତି କରନ୍ତି ନିଜ ନିଜ ମଧ୍ୟରେ ସତେଯେମିତି ସେମାନେ ଅତ୍ୟଧିକ ରାଗି ଯାଇ ଭୁଲରେ ଅଭଦ୍ର ଅସଭ୍ୟ ଭାଷା ମଧ୍ୟ କହିଦିଅନ୍ତି ଯେଉଁଟା ଶୁଣିଲେ ବହୁତ ଖରାପ ଲାଗେ। କାରଣ ଏମାନେ ଯେତେବେଳେ ନିଜ ଅଯଥା ଯୁକ୍ତିରୁ ହାରି ଯାଆନ୍ତି ସେତେବେଳେ ଏମାନେ ଏମିତି ନିଜ ଅସଲ ରୂପ ଦେଖାନ୍ତି କାଳେ ଏମାନଙ୍କ ଏହି ଅଭାଦ୍ରାମୀ ଦେଖି ଅନ୍ୟ ଜଣକ ତା କଥାରୁ ଓହରି ଯିବ। ତେବେ ହଁ ଯେଉଁଟା ସତ ସେଟା ସତ ତେଣୁ ସତଟାକୁ ଯିଏ ଯେତେ ଲୁଚେଇବାକୁ ଚାହିଁବ ସେ ସତ ଆପେ ଆପେ ଦିନେ ନା ଦିନେ ସର୍ବସାମ୍ମୁଖରେ ଆସିବ। ତେବେ ଏତେ ବ୍ୟସ୍ତ କାହିଁକି ନିଜ ନିଜ ଭିତରେ ଏତେ ଅଯଥା ଯୁକ୍ତି କାହିଁକି।ସମୟକୁ ଅପେକ୍ଷା କଲେ କିଛି ମିଳେନି ବରଂ ଯେପର୍ଯ୍ୟନ୍ତ ନିଜ ପାଖରେ ସମୟ ଅଛି ଅସଲ ସତଟା କଣ ଜାଣିବାକୁ ଚେଷ୍ଟା କରନ୍ତୁ। ସମସ୍ତେ ଜ୍ଞାନୀ ତେଣୁ କାହାକୁ ଅଜ୍ଞାନୀ ଭାବି ନିଜ କଥାକୁ ଅନ୍ୟ ଜଣକୁ ମାନି ନେବାକୁ କେବେ ବାଧ୍ୟ କରାନ୍ତୁନି। କାରଣ ଆଜିର ମଣିଷ ବାସ୍ତବ ସତ ଆଉ ଅବାସ୍ତବ ମିଛ ଭିତରେ କିଛିଟା ଫରକ ଦେଖିପାରେ ଆଉ ତାକୁ ବିରୋଧ ମଧ୍ୟ କରିପାରେ। ଯେଉଁଠି ସତ କହି ମଣିଷକୁ ଦୋଷୀ ହେବାକୁ ଅପନିନ୍ଦା ସହିବାକୁ ପଡେ ସେତେବେଳେ ଦୁଃଖ ନିଶ୍ଚୟ ଲାଗେ ତେବେ ଏଥିରେ ଦୁଃଖୀ ହେବାର କୌଣସି କଥା ନାହିଁ । ସବୁବେଳେ ନିଜକୁ ସେହିଭଳି ତିଆରି କରନ୍ତୁ ଯେଉଁଭଳି ତୁମକୁ ଅନ୍ୟମାନେ ଦେଖିବାକୁ ଚାହୁଁଛନ୍ତି। ଆଜିକାଲି ନିଜ ହିସାବରେ ନିଜେ ରହିଲେ କିଛି ହୁଏନି। ବେଳେବେଳେ ଅନ୍ୟ ମାନଙ୍କ ହିସାବରେ ମଧ୍ୟ ଚଳିବାକୁ ପଡେ। ତେବେ ତୁମେ ନିଜକୁ ଏମିତି ଗଢ଼ ଯେମିତି ତୁମ ସହ ଯିଏ ଅଯଥା ଯୁକ୍ତି କରିବାକୁ ଆସିବ ଦଶ ଥର ଭାବିବ।



ଆଜିର ଦିନରେ ନିଜକୁ ଉଚ୍ଚଶିକ୍ଷିତ କହି ବୁଲାଉଥିବା ମଣିଷ ସୋସିଆଲ ମିଡ଼ିଆ ମାଧ୍ୟମରେ ବହୁତ ବଢିଆ ଆଉ ଲମ୍ବା ଲମ୍ବା ଭାଷଣ ଦିଅନ୍ତି। ଆଉ ବେଳେବେଳେ ଝଗଡା ମଧ୍ୟ ହୁଅନ୍ତି। ଆଉ କିଛି ଶକୁନି ଦଳ ଏଥିରେ ଖୁବ ଭଲ ଭାବରେ ମଜା ନିଅନ୍ତି କାରଣ ସେମାନଙ୍କୁ ବି ଗୋଟେ ଗୋଟେ ମଜେଦାର ପୋଷ୍ଟ ମିଳିଯାଉଛି ଅଯଥା ଯୁକ୍ତି କରିବାକୁ। ଯଦି ଅଯଥା ଯୁକ୍ତି କରିବାର ଅଛି ମିମ୍ସ ଗୁଡାକ ଆସୁଛି ସେଥିରେ ଥଟ୍ଟା ମଜା ଲାଗି ଅଯଥା ଯୁକ୍ତି କରୁନ କିଏ ମନା କରୁଛି। ତେବେ ଏମାନଙ୍କୁ ଗୋଟିଏ କଥା ଯେଉଁଠି ଯୁକ୍ତି କରିବାର କଥା ସେଠି କିଛି ଯୁକ୍ତି କରିବେନି କିନ୍ତୁ ଯେଉଁଠି ଯୁକ୍ତି ନ କରିବା କଥା କେବଳ ନିଜର ମତ ରଖିବା କଥା ସେଠି ଖାଲି ଏମାନେ ଅଯଥା ଯୁକ୍ତି କରିବେ।

ତେଣୁ ଆପଣଙ୍କ ସହ ଯଦି କେହି କେବେ ଅଯଥା ଯୁକ୍ତି କରୁଛନ୍ତି ତେବେ ସେମାନଙ୍କ ଠାରୁ ଦୂରେଇ ରୁହନ୍ତୁ। ଅଯଥା ଯୁକ୍ତିଟା କେବେ କାହା ସହ କରନ୍ତୁନି। ପ୍ରତ୍ୟେକ ଲୋକ ନିଜ ଶାଳୀନତା ଭିତରେ ଯୁକ୍ତି କରିବା କଥା ଆଉ ଯିଏ ନିଜ ଶାଳୀନତା ଭୁଲିଯାଏ ସେ ଅଶ୍ଳୀଳ କଥା କହି ନିଜ କଥାକୁ ଠିକ ବୋଲି ପ୍ରମାଣିତ କରିବାକୁ ଚାହୁଁଥାଏ। ଅଂଙ୍କ ହୋଇ ବିଜ୍ଞଙ୍କ ଭଳି କଥା କହିଲେ କିଛି ହୁଏନି ବରଂ ଅଂଜ୍ଞ ବିଜ୍ଞଙ୍କ ଠାରୁ ଶିଖନ୍ତି ଆଉ ବିଜ୍ଞ ଅଂଜ୍ଞଙ୍କର ଠାରୁ ଶିଖନ୍ତି। ପ୍ରତ୍ୟେକ ସମୟରେ ନିଜ କଥା କହିବାର ଶୈଳୀଙ୍କୁ ଆକର୍ଷିତ କଲାଭଳି ରଖନ୍ତୁ ଅଯଥା ଯୁକ୍ତି ଠାରୁ ଦୂରେଇ ରୁହନ୍ତୁ କାରଣ ଏହି ଅଯଥା ଯୁକ୍ତିରେ ସମ୍ମାନ ଯାଏ ଆଉ ଭଲରେ ଭଲ ଯୁକ୍ତି କଲେ ଲୋକଙ୍କ ନଜର ଲୋକଙ୍କ ଉପରେ ଥାଏ।

ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬

# ଯୁଦ୍ଧବିରତି ସତ୍ତ୍ୱେ ଅସ୍ଥିରତା

ଦୀର୍ଘ ୧୪ ମାସ କାଳ ଇସ୍ରାଏଲ ଏବଂ ଲେବାନନର ମୌଳବାଦୀ- ଆତଙ୍କୀ ସଙ୍ଗଠନ ହେଜବୁଲ୍ଲା ମଧ୍ୟରେ ଲଢ଼େଇ ଚାଲିବା ପରେ ଏବେ ଯୁଦ୍ଧ ବିରତି ହୋଇଛି। ଆମେରିକା ଓ ଫ୍ରାନ୍ସ ଏଥିପାଇଁ ଇସ୍ରାଏଲ ଉପରେ ଚାପ ପକାଇଥିଲେ। ଶେଷରେ ବେ୍ୟଞ୍ଜାମିନ ନେତାନ୍ୟାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଇସ୍ରାଏଲ କ୍ୟାବିନେଟ ପ୍ରସ୍ତାବକୁ ଅନୁମୋଦନ କରିବା ପରେ ଅସ୍ତ୍ରବିରତି କାର୍ଯ୍ୟକାରୀ ହୋଇଛି। ପ୍ରଥମେ ୨ ମାସ ପାଇଁ ଏହି ବିରତି ଘୋଷଣା କରାଯାଇଛି। ସର୍ତ୍ତ ରହିଛି ଯେ, ଇସ୍ରାଏଲ ସୀମାକୁ ଲାଗିଥିବା ଦକ୍ଷିଣ ଲେବାନନରୁ ହେଜବୁଲ୍ଲା ପଛକୁ ହଟିଯିବ। ସେଠାରେ ଜାତିସଂଘ ପକ୍ଷରୁ ଶାନ୍ତିସେନା ନିଯୁକ୍ତ ହେବେ। ପରେ ଅସ୍ତ୍ରବିରତିର ମିଆଦ ବୃଦ୍ଧି ପାଇବ। କିନ୍ତୁ ଅସ୍ତ୍ରବିରତିର ଦିନକ ପରେ ଇସ୍ରାଏଲ ପୁଣି ହେଜବୁଲ୍ଲା ଉପରେ ଆକ୍ରମଣ କରିଛି। ଏହା ନିନ୍ଦନୀୟ ଏବଂ ଦୁର୍ଭାଗ୍ୟଜନକ। ଏହା ଫଳରେ ବିଶ୍ୱଦରବାରରେ ଇସ୍ରାଏଲର ବିଶ୍ୱସନୀୟତା ହ୍ରାସ ପାଇଛି। କପାହିଁକି ଇସ୍ରାଏଲ ଏପରି ଭୁଲ କଲା ତାହା ଏକ ପ୍ରଶ୍ନବାଚୀ। ଇତିମଧ୍ୟରେ ଇସ୍ରାଏଲ ଓ ହେଜବୁଲ୍ଲା ମଧ୍ୟରେ ଅସ୍ତ୍ରବିରତି ଘୋଷଣା ପରେ ହମାସ ମଧ୍ୟ ଗାଜାରେ ଶାନ୍ତି ପ୍ରତିଷ୍ଠା ବା ଯୁଦ୍ଧବିରତି ଲାଗି ଆଗ୍ରହ ପ୍ରକାଶ କରିଛି। ଏହା ଫଳରେ ସାରା ବିଶ୍ୱ ଆଶ୍ୱସ୍ତ ହୋଇଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯେପରି ଘନୀଭୂତ ହେଉଥିଲା ତାହା ସମଗ୍ର ବିଶ୍ୱପ୍ରତି ବିପଦ ସୃଷ୍ଟି କରିଥିଲା। ଏହାର କୁପରିଣାମ ସାରା ବିଶ୍ୱକୁ ଭୋଗିବାକୁ ପଡୁଥିଲା। ମଧ୍ୟପ୍ରାଚ୍ୟ ହେଉଛି ଏକ ତୈଳସମୃଦ୍ଧ ଅଞ୍ଚଳ। ଯୁଦ୍ଧ ଲାଗିବା ପରେ ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ପାଇଥିଲା। ଏବେ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇଯିବ ବୋଲି ଆଶା। ମଧ୍ୟପ୍ରାଚ୍ୟ ଯଦିଓ ଦୀର୍ଘ ବର୍ଷ ହେବ ଏକ ଉତ୍ତେଜନାପ୍ରବଣ ଅଞ୍ଚଳ ଭାବେ ବିବେଚିତ ହୋଇଆସୁଛି, କିନ୍ତୁ ୨୦୨୨ ଫେବୃଆରୀରେ ପରିସ୍ଥିତି ବିସ୍ଫୋରକ ରୂପ ନେଇଥିଲା। ହମାସ ଆତଙ୍କବାଦୀମାନେ ଆକସ୍ମିକ ଭାବେ ଇସ୍ରାଏଲ ସୀମାରେ ଅନୁପ୍ରବେଶ କରି ନିରୀହ ଲୋକଙ୍କୁ ଅମାନବୀୟ ଭାବେ ହତ୍ୟା କରିବା ସହିତ ଅନେକଙ୍କୁ ଅପହରଣ କରି ମୁଣ୍ଡଜାମିନ ରଖିଥିଲେ। ହମାସର ଏଭଳି ବର୍ବରତା ବିରୋଧରେ ଇସ୍ରାଏଲ ଯୁଦ୍ଧ ଘୋଷଣା କରିଥିଲା। ହମାସ ନିୟନ୍ତ୍ରଣାର ଥିବା ଗାଜା ଷ୍ଟ୍ରିପ ଉପରେ ଆକିବୁଜା ବୋମାମାଡ଼ ସହ ଇସ୍ରାଏଲ ସେନା ସେଠାରେ ଆତଙ୍କବାଦୀଙ୍କୁ ଖୋଜି ଖୋଜି ହତ୍ୟା କରିଥିଲା। ତଥପି ହମାସ ପଣବନ୍ଦୀଙ୍କୁ ଛାଡ଼ିନଥିଲା। ଅନେକ ପଣବନ୍ଦୀ ହତ୍ୟାର ଶିକାର ହୋଇଥିଲେ। ହମାସ ସମର୍ଥନରେ ଇରାନ ସହିତ ସିରିୟା, ୟେମେନ ଓ ଲେବାନନ ବାହାରିଥିଲେ। ହମାସର ବର୍ବରତା ସେମାନଙ୍କୁ ଦେଖାଯାଇନଥିଲା। ହାଉଦି, ହେଜବୁଲ୍ଲା ଇତ୍ୟାଦି ଆତଙ୍କୀ ସଙ୍ଗଠନ ଇସ୍ରାଏଲ ବିରୋଧରେ ଏକ ହୋଇଥିଲେ। ଗାଜା ଉପରେ ଇସ୍ରାଏଲ ଆକ୍ରମଣକୁ ଇତିମଧ୍ୟରେ ଅଢେଇ ବର୍ଷରୁ ଅଧିକ ସମୟ ବିତିଗଲାଣି। ଇସ୍ରାଏଲ ଆକ୍ରମଣରେ ୫୦ ହଜାରରୁ ଅଧିକ ପ୍ରାଣ ହରାଇଲେଣି। ସେମାନଙ୍କ ମଧ୍ୟରେ ଅନେକ ମହିଳା ଏବଂ ଶିଶୁ ଅଛନ୍ତି। ହସ୍ପିଟାଲରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ମାରିବା ପାଇଁ ଇସ୍ରାଏଲର କ୍ଷେପଣାସ୍ତ୍ର ମାଡ଼ରେ ଅନେକ ରୋଗୀ ମଧ୍ୟ ପ୍ରାଣ ହରାଇଛନ୍ତି। ସମ୍ପୂର୍ଣ୍ଣ ଗାଜା ଷ୍ଟ୍ରିପ ଏକପ୍ରକାର ଧ୍ୱଂସସ୍ତୁପରେ ପରିଣତ ହୋଇଛି। ହମାସର ମୁଖ୍ୟ ସିନୱାରି ସମେତ ଅନେକ ଟପ



ନେତା ନିହତ ହୋଇଛନ୍ତି। ତେଣୁ ହମାସ ଏବେ ଆତ୍ମରକ୍ଷା ନିମନ୍ତେ ଶାନ୍ତି ପ୍ରତିଷ୍ଠା କଥା କହୁଛି। ଏହାକୁ ସଇତାନର ବେଦପାଠ ବୋଲି କୁହାଯାଇପାରେ। ସେହିପରି ହେଜବୁଲ୍ଲା ବିରୋଧରେ ଇସ୍ରାଏଲର ସାମରିକ ଅଭିଯାନ ଯୋଗୁଁ ଲେବାନନର ଅନେକ ନିରୀହ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ହେଜବୁଲ୍ଲାର ଟପ କମାଣ୍ଡରଙ୍କ ସମେତ ଅନ୍ୟ ବହୁ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଇସ୍ରାଏଲ ହେଜବୁଲ୍ଲାର ମେରୁଦଣ୍ଡ ଭାଙ୍ଗି ଦେଇଛି। ତେଣୁ ଏବେ ବାଧ୍ୟବାଧକତାରେ ପଡ଼ି ହେଜବୁଲ୍ଲା ଶାନ୍ତି କଥା କହୁଛି। ଯାହା ବି ହେଉ ଯୁଦ୍ଧ ବନ୍ଦ ହେବା ଉଚିତ। ନିରୀହ, ସାଧାରଣ ବ୍ୟକ୍ତିଙ୍କ ଧନଜୀବନ ସୁରକ୍ଷିତ ରହୁ। କିନ୍ତୁ ହମାସ-ହେଜବୁଲ୍ଲା ଏବଂ ହାଉଦି ଭଳି ଆତଙ୍କୀ ସଙ୍ଗଠନ ସମଗ୍ର ମାନବ ସମାଜ ପାଇଁ ବିପଦ। ସେମାନଙ୍କ ବିନାଶ ମାନବସମାଜର ହିତ ପାଇଁ ଜରୁରୀ। ତେଣୁ ସେମାନଙ୍କୁ ଆଉ ମୁଣ୍ଡ ଟେକିବାକୁ ସୁଯୋଗ ଦିଆଯିବା ଅନୁଚିତ। ଇସ୍ରାଏଲକୁ ଏବେ ସବୁ ସଭ୍ୟ ରାଷ୍ଟ୍ର ସମର୍ଥନ ଏବଂ ସହଯୋଗ କରିବା ଉଚିତ।

# ମହାରାଷ୍ଟ୍ରରେ ସସପେନ୍ସ ଜାରି

**ମୁମ୍ବାଇ, ୨୯।୧୧:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ମହାଯୁତିର ମହାବିଜୟ ପରେ ସରକାର ଗଠନ ନେଇ ଲାଗି ରହିଛି ଅନିଶ୍ଚିତତା। ଏହାରି ମଧ୍ୟରେ ଆଉ ଏକ ଟ୍ୱିଷ୍ଟ ଦେଖିବାକୁ ମିଳିଛି। ମନ୍ତ୍ରୀପଦ ବଣ୍ଟନ ନେଇ ଆଜି ମହାଯୁତି ମହାମେଣ୍ଟର ଜରୁରୀ ବୈଠକ ବସିବାର ଥିଲା, ମାତ୍ର ଏହା ପୂର୍ବରୁ ଗାଁକୁ ପଳାଇଛନ୍ତି ଏକନାଥ ସିନ୍ଦେ। ଗତକାଲି ତିନି ଦଳର ପ୍ରମୁଖ ନେତା ବିଜେପିର



## ପୈତୃକ ଗାଁକୁ ଗଲେ ସିନ୍ଦେ

ଦେବେନ୍ଦ୍ର ଫଡନାଭିସ୍, ଶିବସେନାର ଏକନାଥ ସିନ୍ଦେ ଏବଂ ଏନସିପିର ଅଜିତ ପାୱାର ଦିଲ୍ଲୀରେ ଅମିତ ଶାହ ଏବଂ ଜେପି ନଡ୍ଡାଙ୍କୁ ଭେଟିବା ପରେ ମୁମ୍ବାଇ ଫେରିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ପଦ ବଣ୍ଟନ ନେଇ ଆଲୋଚନା ହୋଇଥିଲା।

ଆଜି ମୁମ୍ବାଇରେ ମନ୍ତ୍ରୀ ପଦ ବଣ୍ଟନ ନେଇ ମେଣ୍ଟ ଦଳର ଜରୁରୀ ବୈଠକ ବସିବାର ଥିଲା। ମାତ୍ର ଏହାପୂର୍ବରୁ ଅଚାନକ ସତରା ଜିଲ୍ଲାର ନିଜ ଗାଁକୁ ପଳାଇଛନ୍ତି ଏକନାଥ ସିନ୍ଦେ। ଫଳରେ ମହାଯୁତି ବୈଠକ ବାତିଲ୍ ହୋଇଯାଇଛି। ପୂର୍ବ ସରକାରରେ ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ଥିବାବେଳେ ଦେବେନ୍ଦ୍ର ଫଡନାଭିସ ଓ ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ଥିଲେ। କିନ୍ତୁ ଚଳିତ ନିର୍ବାଚନରେ ବିଜେପି ଅଧିକ ଆସନ ପାଇଥିବାରୁ ଫଡନାଭିସ୍ ମୁଖ୍ୟମନ୍ତ୍ରୀ ହେବା ନେଇ ଚର୍ଚ୍ଚା ହେଉଛି। ମାତ୍ର ଏପର୍ଯ୍ୟନ୍ତ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ଚେହେରା ନେଇ କୌଣସି ସରକାରୀ ଘୋଷଣା କରାଯାଇ ନାହିଁ।

ପ୍ରକାଶ ଥାଉକି, ମହାରାଷ୍ଟ୍ରର ୨୮୮ ସଦସ୍ୟ ବିଶିଷ୍ଟ ବିଧାନସଭା ନିର୍ବାଚନରେ ମହାଯୁତି ମେଣ୍ଟ ୨୩୦ଟି ଆସନ ସହ ବିଜୟୀ ହୋଇଛି। ଏଥିରେ ବିଜେପି ଏକାକୀ ୧୩୨ଟି ଆସନ ଜିତି ଥିବାବେଳେ ଶିବସେନା ୫୭ ଏବଂ ଏନସିପି ୪୧ଟିରେ ବିଜୟୀ ହୋଇଛି। ମହାରାଷ୍ଟ୍ରରେ ମହାଯୁତି ମେଣ୍ଟ ଖୁବଶୀଘ୍ର ସରକାର ଗଠନ ପ୍ରକ୍ରିୟା ଶେଷ କରିବ। ତେବେ କିଏ ହେବ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ସେ ନେଇ ଆନୁଷ୍ଠାନିକ ଭାବେ କିଛି ଘୋଷଣା ହୋଇନି। ଗତକାଲି ବିଳମ୍ବିତ ରାତିରେ ମୁମ୍ବାଇରେ ପହଞ୍ଚିଥିବା ଏକନାଥ ସିନ୍ଦେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଶାହଙ୍କ ସହ ବୈଠକକୁ ଖୁବ୍ ସକରାତ୍ମକ ବୋଲି କହିଛନ୍ତି। ଏଥିସହ ସେ କହିଛନ୍ତି ମୁମ୍ବାଇରେ ଆଉ ଏକ ବୈଠକ ହେବ, ଯେଉଁଥିରେ ମୁଖ୍ୟମନ୍ତ୍ରୀଙ୍କ ନାମ ଫାଇନାଲ୍ ହେବ। ପୂର୍ବରୁ ସିନ୍ଦେ କହିଥିଲେ ମୁଖ୍ୟମନ୍ତ୍ରୀ ପଦ ନେଇ କୌଣସି ବାଧା ନାହିଁ। ତାଙ୍କ ପାଇଁ 'ଲାଡଲା ଭାଇ' ଉପାଧିର ମହତ୍ତ୍ୱ ଖୁବ୍ ଅଧିକ। ସବୁ ଅନ୍ୟ ପଦ ଏହା ଆଗରେ ତୁଚ୍ଛ ବୋଲି ସେ କହିଥିଲେ।

ଗତ ବୁଧବାର ସେ କହିଥିଲେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ କିଏ ହେବ ସେ ନେଇ ପ୍ରଧାନମନ୍ତ୍ରୀ ମୋଦି ଯାହା ନିଷ୍ପତ୍ତି ନେବେ ତାହାକୁ ଆମେ ସ୍ୱୀକାର କରିବୁ। ଏଥିସହ ସେ କହିଛନ୍ତି, ଯଦି ମୋ' ଉପସ୍ଥିତି ମହାରାଷ୍ଟ୍ରରେ ସରକାର ଗଠନରେ ବାଧା ସୃଷ୍ଟି କରୁଛି ତା'ହେଲେ ମୁଁ ଗାଡ଼ାରୁ ହଟିଯିବାକୁ ପ୍ରସ୍ତୁତ ଅଛି ବୋଲି ବି ଜଣାଇ ଦେଇଛନ୍ତି। ଅପରପକ୍ଷେ, ଗଣମାଧ୍ୟମ ସହ ଆଲୋଚନା କରି ଦେବେନ୍ଦ୍ର ଫଡନାଭିସ କହିଛନ୍ତି, ମହାଯୁତି ଗଠବନ୍ଧନରେ କେବେ ବି ମତଭେଦ ନାହିଁ। ଆମେ ସବୁବେଳେ ସାମୁହିକ ଭାବେ ନିଷ୍ପତ୍ତି ନେଉ। ଖୁବ୍ ଶୀଘ୍ର ଆମ ନେତାଙ୍କ ନାମ ଘୋଷଣା କରାଯିବ। ମହାରାଷ୍ଟ୍ରର ୨୮୦ସଦସ୍ୟ ବିଶିଷ୍ଟ ବିଧାନସଭାର ୧୩୨ ସିଟ୍ ସହ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରିଛି। ଏହି ନିର୍ବାଚନରେ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଓ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନସିପି ଯଥାକ୍ରମେ ୫୭ ଓ ୪୧ ସିଟ୍ ହାସଲ କରିଛନ୍ତି।



# ଆଜି ଲ୍ୟାଣ୍ଡଫଲ୍ କରିବ ବାତ୍ୟା

**ଚେନ୍ନାଇ,୨୯।୧୧:** ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଘନୀଭୂତ ହୋଇ ଶୁକ୍ରବାର ବାତ୍ୟାର ରୂପ ନେବ। ଏହା ପ୍ରଭାବରେ ତାମିଲନାଡୁରେ ପ୍ରବଳ ବର୍ଷା ହେଉଥିବା ବେଳେ ଭୁବନେଶ୍ୱରର ମଧ୍ୟ କିଛି ସ୍ଥାନରେ ହାଲୁକା ବର୍ଷା ଆରମ୍ଭ ହୋଇଯାଇଛି। ତେବେ ଶନିବାର ତାମିଲନାଡୁ-ଆନ୍ଧ୍ର ମଝିରେ ବାତ୍ୟା 'ଫେଙ୍ଗଲ' ଲ୍ୟାଣ୍ଡଫଲ କରିବ ବୋଲି ସୂଚନା ମିଳିଛି। ତେବେ ଓଡ଼ିଶା ଉପରେ ପ୍ରଭାବ ନ ଥିଲେ ସୁଦ୍ଧା ଝିପିଝିପି ବର୍ଷା ହେବା ସମ୍ଭାବନା ରହିଛି। ଏହି ଘୂର୍ଣ୍ଣିବଳୟ ଯୋଗୁ ତାମିଲନାଡୁର ଉପକୂଳବର୍ତ୍ତୀ ଅଞ୍ଚଳରେ ଆସନ୍ତା ଦୁଇ ତିନି ଦିନ ଧରି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ତାମିଲନାଡୁ ସରକାର ଶୁକ୍ରବାର ସ୍କୁଲ ଏବଂ କଲେଜଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ସକାଳରୁ ତାମିଲନାଡୁର ଉପକୂଳବର୍ତ୍ତୀ ଅଞ୍ଚଳରେ ବର୍ଷା ଆରମ୍ଭ ହୋଇଯାଇଛି।



### ଅଶ୍ଲୀଳ ଭିଡିଓ ମାମଲା

## ରାଜ କୁନ୍ଦ୍ରାଙ୍କ ଘର ଓ ଅଫିସରେ ଇଡି

**ମୁମ୍ବାଇ, ୨୯।୧୧:** ବ୍ୟବସାୟୀ ତଥା ଅଭିନେତା ରାଜ କୁନ୍ଦ୍ରାଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳ (ଇଡି)ର ଚଢାଉ। ଆଜି କୁନ୍ଦ୍ରାଙ୍କ ବାସଭବନ ସମେତ କାର୍ଯ୍ୟାଳୟରେ ଚଢାଉ କରିଛି ଇଡି। ମୋବାଇଲ ଆପ୍ ଜରିଆରେ ଅଶ୍ଲୀଳ କଣ୍ଟେଣ୍ଟ ତିଆରି ଏବଂ ବିତରଣ କରିବା ମାମଲାରେ ଏହି ଚଢାଉ ହୋଇଛି। ସୂଚନା ଅନୁସାରେ, ଇଡି ପର୍ଣ୍ଣୋଗ୍ରାଫି କଣ୍ଟେଣ୍ଟ ବିତରଣରେ ଅର୍ଥ ହେରଫେର ମାମଲାର ତଦନ୍ତ କରିଛି। ଦୀର୍ଘ ଦିନ ହେବ ଇଡି ସ୍କାନରରେ ଥିଲେ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରା। ଏପରିକି ଏହି ମାମଲାରେ ମଧ୍ୟ ସେ ଜେଲ୍ ଯାଇଥିଲେ। ଆଜି ପୁଣି ହଠାତ୍ ଚଢାଉ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଅଭିଯୋଗ ଅନୁସାରେ, ରାଜ କୁନ୍ଦ୍ରା ପର୍ଣ୍ଣୋଗ୍ରାଫି ଭିଡିଓ ତିଆରି କରିବା ସହ ବିତରଣ କରୁଥିଲେ। ମୋବାଇଲ୍ ଆପ୍ 'Hotshots' ଜରିଆରେ ଏସବୁ ଭିଡିଓ ପଠା ଯାଉଥିଲା। ଏହି ଉପାୟରେ ସେ ବିପୁଳ ଅର୍ଥ ଉପାର୍ଜନ କରୁଥିଲେ। ଏସବୁ ଭିଡିଓ ପୂର୍ବରୁ ଆପଲ୍ ଏବଂ ଗୁଗଲ୍ ପ୍ଲେ ପରି ପ୍ଲାଟଫର୍ମରେ ଉପଲବ୍ଧ ହେଉଥିଲା। କିନ୍ତୁ ଅଭିଯୋଗ ଆସିବା ପରେ ଆଇନଗତ ଯାଞ୍ଚ କରାଯାଇ ଏହି ସବୁ ଆପକୁ ପ୍ଲାଟଫର୍ମରୁ ରିମୁଭ୍ କରି ଦିଆଯାଇଛି।

## କ୍ରିକେଟ ଖେଳିବାବେଳେ ହୃଦଘାତରେ ମୃତ୍ୟୁ

**ପୁଣେ, ୨୯।୧୧:** ହୃଦଘାତର ଆଉ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ପଡ଼ିଆରେ ଖେଳୁଥିବା ବେଳେ ଜଣେ ୩୫ ବର୍ଷୀୟ ଯୁବକଙ୍କ ଜୀବନ ଚାଲିଯାଇଛି। ଏହି ଘଟଣା ମହାରାଷ୍ଟ୍ରର ପୁଣେରେ ଘଟିଛି। ଗତକାଲି ଗରୱାର ଷ୍ଟାଡିୟମରେ କ୍ରିକେଟ୍ ମ୍ୟାଚ୍ ଚାଲିଥିଲା। ୩୫ ବର୍ଷୀୟ ଇମ୍ରାନ ପଟେଲ ଓପନର୍ ଭାବେ ବ୍ୟାଟିଂ କରିବାକୁ ଆସିଥିଲେ। ପିଚରେ କିଛି ସମୟ ବ୍ୟାଟିଂ ମଧ୍ୟ କରିଥିଲେ। ଖେଳିବାର କିଛି ସମୟ ପରେ ସେ ଛାତି ଏବଂ ବାହୁରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏନେଇ ସେ ଅମ୍ପାୟାରଙ୍କୁ ଜଣାଇବାରୁ ଅନ୍ୟ ଖେଳାଳିମାନେ ଏକତ୍ରିତ ହୋଇଥିଲେ। ଅନୁମତି କ୍ରମେ ତାଙ୍କୁ ବିଶ୍ରାମ ନେବାକୁ ପାଭିଲିଅନ ଫେରିଯିବାକୁ କୁହାଯାଇଥିଲା। ମାତ୍ର ପାଭିଲିଅନ ଫେରିବା ବାଟରେ ହିଁ ଅଫେରା ରାଇଜକୁ ଚାଲି ଯାଇଛନ୍ତି ଇମ୍ରାନ। ସେହି ପଡିଆରେ ହିଁ ଟଳି ପଡ଼ିବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା, ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି। ମ୍ୟାଚ୍ ଲାଇଭ୍ ଷ୍ଟ୍ରିମିଂ ହେଉଥିବାରୁ ପୁରା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏ ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କାରଣ ଇମ୍ରାନଙ୍କ ସ୍ୱାସ୍ଥ୍ୟ ଜଣେ ପ୍ରଫେସନାଲ କ୍ରିକେଟରଙ୍କ ଭଳି ଥିଲା। ହୃଷ୍ଟପୃଷ୍ଟ ଥାଇ ମଧ୍ୟ ହଠାତ୍ ହୃତଘାତରେ ଚାଲିଯିବା ଯେତିକି ଦୁଃଖ ଦେଇଛି ତା'ଠୁ ଅଧିକ ଚିନ୍ତାର କରାଣ ପାଲଟିଛି। ପରିବର୍ତ୍ତିତ ଜୀବନଶୈଳୀ, ଖାଦ୍ୟରେ ଅନିୟମିତତା ଏବଂ ଚାପ ହୃଦଘାତର ମୁଖ୍ୟ କାରଣ ପାଲଟି ଥିବାରୁ ଡାକ୍ତରମାନେ ସର୍ବଦା ସତର୍କ ରହିବାକୁ ପରାମର୍ଶ ଦେଉଛନ୍ତି।

## ବସ୍ ଓଲଟି ୧୦ ଯାତ୍ରୀ ମୃତ

**ମୁମ୍ବାଇ, ୨୯।୧୧:** ମହାରାଷ୍ଟ୍ରରେ ଏକ ବଡ଼ଧରଣର ସଡ଼କ ଦୁର୍ଘଟଣା ଘଟିଛି। ବସ୍ ଓଲଟି ପଡ଼ିବାରୁ ୧୦ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇ ଥିବାବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଏକ ସରକାରୀ ବସ୍ ପାଖାପାଖି ୫୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିଲା। ଏହି ସମୟରେ ଗୋନ୍ଦିଆ ଜିଲ୍ଲୀ ବିନ୍ଦ୍ରବାନ ତୋଲା ନିକଟରେ ହଠାତ୍ ବସଟି ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ହିଁ ୧୦ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଛି। ଏଥିସହ ୩୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବସ୍ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥିବା ଜଣେ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି।

## ପାକିସ୍ତାନ ଜେଲରେ ବନ୍ଦୀ ଅଛନ୍ତି ୨୦୦ରୁ ଅଧିକ ଭାରତୀୟ

**ନୂଆଦିଲ୍ଲୀ,୨୯।୧୧:** ୨୧୧ ଭାରତୀୟ ମତ୍ସ୍ୟଜୀବୀ ପାକିସ୍ତାନର ଜେଲରେ ବନ୍ଦୀ ଅଛନ୍ତି। ଭାରତ ସରକାର ସଂସଦରେ ଏହି ସୂଚନା ଦେଇଛନ୍ତି। ଏହି ୨୧୧ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ୧୩୯ଜଣ କେବଳ ଗୁଜୁରାଟର ବାସିନ୍ଦା। କଂଗ୍ରେସ ଏମପି ଶକ୍ତି ସିଂ ଗୋହିଲ ଏହି ପ୍ରସଙ୍ଗ ଗୃହରେ ଉଠାଇଥିଲେ। ପାକିସ୍ତାନ ଦ୍ୱାରା ଲଗାଯାଇଥିବା ଯୋଗାଯୋଗ ବ୍ଲାକଆଉଟ ଦ୍ୱାରା ପ୍ରଭାବିତ ମତ୍ସ୍ୟଜୀବୀ ଏବଂ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ସେ ଚିନ୍ତା ପ୍ରକଟ କରିଥିଲେ। ଗୋହିଲ କହିଛନ୍ତି ଯେ ୟୁପିଏ ଶାସନ ସମୟରେ ପରିବାରମାନେ ଡାକ ଚିଠି ମାଧ୍ୟମରେ ସେହି ମତ୍ସ୍ୟଜୀବୀଙ୍କ ମଙ୍ଗଳ ବିଷୟରେ ସୂଚନା ପାଇଥା'ନ୍ତି। ବର୍ତ୍ତମାନ ଏହା ବନ୍ଦ ହୋଇଯାଇଛି । ପାକିସ୍ତାନ ଏହି ଯୋଗାଯୋଗ ସୁବିଧା ବନ୍ଦ କରିଦେଇଛି। ଏହି ମତ୍ସଜୀବୀଙ୍କ ପରିବାର ବର୍ତ୍ତମାନ ସେମାନଙ୍କ ପ୍ରିୟଜନଙ୍କ ଅବସ୍ଥା ଜାଣିବାର କୌଣସି ମାଧ୍ୟମ ନ ଥିବାରୁ ଗୋହିଲ ଏହି ପରିସ୍ଥିତିକୁ ମାନବିକ ଅଧିକାରର ଉଲ୍ଲଂଘନ ବୋଲି କହିଛନ୍ତି। ଗୋହିଲ କହିଛନ୍ତି ଯେ ମତ୍ସ୍ୟଜୀବୀଙ୍କ ଅସୁବିଧାକୁ ଦୂର କରିବା ପାଇଁ ତତ୍ପରତା ନାହିଁ। ଭାରତ ସରକାର ଏହି ମାମଲାକୁ ତ୍ୱରାନ୍ୱିତ କରିବା ପାଇଁ ଗୋହିଲ ଦାବି କରିଛନ୍ତି। ମତ୍ସ୍ୟଜୀବୀମାନଙ୍କୁ ଶୀଘ୍ର ମୁକ୍ତ କରିବା ପାଇଁ ଆଲୋଚନା ହେବାକୁ ପଡ଼ିବ, ଯେଉଁଥିପାଇଁ ଏକ ସ୍ୱତନ୍ତ୍ର ଆଇନ ପରାମର୍ଶଦାତା ନିଯୁକ୍ତ ହେବା ଉଚିତ୍। ସରକାର ତୁରନ୍ତ କୂଟନୈତିକ ପଦକ୍ଷେପ ନେବା ଉଚିତ ବୋଲି ଗୋହିଲ ଦାବି କରିଛନ୍ତି, ଯାହାଫଳରେ ଭବିଷ୍ୟତରେ ଯଦି କୌଣସି ମତ୍ସ୍ୟଜୀବୀ ପାକିସ୍ତାନରେ ଅଟକି ଯାଆନ୍ତି, ତେବେ ସେମାନଙ୍କୁ ସହାୟତା ଯୋଗାଇ ଦିଆଯାଇ ଶୀଘ୍ର ଘରକୁ ଆଣି ପାରିବେ। ଗୋହିଲ ଜୋର ଦେଇଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିରେ କେବଳ ମତ୍ସ୍ୟଜୀବୀମାନେ ଅସୁବିଧାରେ ପଡ଼ନ୍ତି ନାହିଁ, ବରଂ ସେମାନଙ୍କ ପରିବାର ମଧ୍ୟ ଟେନସନରେ ରହିଛନ୍ତି।

## ମଶାଲ ଶୋଭାଯାତ୍ରା ବେଳେ ନିଆଁ ଲାଗି ୫୦ ଗୁରୁତର

**ଭୋପାଳ, ୨୯।୧୧:** ୨୬/୧୧ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ହେଉଥିଲା ମଶାଲ ଶୋଭାଯାତ୍ରା। ଏଥିରେ ହଜାର ହଜାର ଲୋକ ଯୋଗ ଦେଇଥିଲେ। ମାତ୍ର ସାମାନ୍ୟ ଅସାବଧାନତା ହେତୁ ଘଟିଲା ଅଘଟଣ । ଜଳୁଥିବା ମଶାଲରୁ ତେଲ ପଡ଼ିବା ହେତୁ ତାହା ହୁତୁହୁତୁ ହୋଇ ଜଳିଲା ଓ ଆଖି ପିଛୁଳାକେ ନିଆଁ ଚାରିଆଡ଼େ ବ୍ୟାପିଗଲା। ଏପରି ଏକ ଅଘଟଣରେ ପ୍ରାୟ ୫୦ରୁ ଲୋକ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କ ଅବସ୍ଥା ଗମ୍ଭୀର ରହିଛି। ଏପରି ଏକ ଅଘଟଣ ମଧ୍ୟପ୍ରଦେଶର ଖଣ୍ଡଗାରେ ଘଟିଛି। ଖଣ୍ଡୱାରର ଘଣ୍ଟାଧର ଛକରେ ଗୁରୁବାର ରାତିରେ ମଶାଲ ଶୋଭାଯାତ୍ରା ବେଳେ ଏପରି ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି କାର୍ଯ୍ୟକ୍ରମରେ ହାଇଦ୍ରାବାଦର ଗୌଶାମହାଲ ବିଧାୟକ ଟି ରାଜା ଓ ବିଜେପିର ମହିଳା ନେତ୍ରୀ ନାଜିୟା ଇଲାହୀ ବି ସାମିଲ ହୋଇଥିଲେ।

କାର୍ଯ୍ୟକ୍ରମ ଶେଷ ପୂର୍ବରୁ ରାତି ପ୍ରାୟ ୧୧ଟା ବେଳେ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ହଜାରେ ମଶାଲ ଜାଳିବାର ବ୍ୟବସ୍ଥା ହୋଇଥିଲା। ଅଧ ଘଣ୍ଟା ପରେ ଘଣ୍ଟାଘର ଛକରେ ଏହି କାର୍ଯ୍ୟ ସମାପନ ବେଳେ ଲୋକେ ଧରିଥିବା ମଶାଲ ରଖିଥିଲେ। ଫଳରେ କିଛି ମଶାଲ ତଳେ ପଡ଼ି ସେଥିରୁ ତେଲ ବାହାରି ଅଚାନକ ନିଆଁ ଲାଗି ଯାଇଥିଲା। ଖଣ୍ଡୱା ଏସ୍‌ପି ମନୋଜ ରାୟଙ୍କ କହିବାନୁଯାୟୀ, ଘଣ୍ଟାଘରରେ ଶ୍ରଦ୍ଧାଞ୍ଜଳି ସଭା ସରିବାକୁ ବସିଥିବା ବେଳେ କିଛି ମଶାଲ ଓଲଟି ଯାଇ ସେଥିରୁ ତେଲ ବାହାରି ଯାଇଥିଲା। ଦେଖୁ ଦେଖୁ ନିଆଁ ଆଖପାଖ ଅଞ୍ଚଳକୁ ବ୍ୟାପି ଯାଇଥିଲା। ଫଳରେ ସେଠାରେ ଉପସ୍ଥିତ ପ୍ରାୟ ୫୦ରୁ ଅଧିକ ଲୋକ ନିଆଁ ଝାସରେ ପଡ଼ି ଯାଇଥିଲେ। ସେମାନଙ୍କ ଶରୀରର ବହୁ ଅଂଶ ପୋଡ଼ି ଯାଇଛି। ସେମାନଙ୍କୁ ତୁରନ୍ତ ମେଡିକାଲ ନିଆ ଯାଇଥିବା ବେଳେ ୧୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ନିଆଁ ଜଳୁଥିବା ଦେଖି ସଭାସ୍ଥଳରେ ଧାଁଦୌଡ଼ ଆରମ୍ଭ ହୋଇ ଯାଇଥିଲା। ଫଳରେ ତଳେ ପଡ଼ି ବହୁ ଲୋକ ଆହତ ହୋଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

## ମହାରାଷ୍ଟ୍ର ନିର୍ବାଚନରେ ଅନିୟମିତତା ଅଭିଯୋଗ ଆଣିଲା କଂଗ୍ରେସ

**ମୁମ୍ବାଇ, ୨୯।୧୧:** ମହାରାଷ୍ଟ୍ର ବିଧାନସଭା ନିର୍ବାଚରେ ମିଳିଥିବା ଶୋଚନୀୟ ପରାଜୟକୁ ଏପର୍ଯ୍ୟନ୍ତ ସହଜରେ ଗ୍ରହଣ କରିପାରୁନି କଂଗ୍ରେସ। ଦଳ ଏବେ ନିର୍ବାଚନ କମିଶନଙ୍କ ନିକଟରେ ନିର୍ବାଚନରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛି। ଭୋଟ ଗ୍ରହଣ ଏବଂ ଗଣନା ପ୍ରକ୍ରିୟାରେ ଗୁରୁତର ଅନିୟମିତତା ହୋଇଥିବା ନେଇ କଂଗ୍ରେସ ଶୁକ୍ରବାର ନିର୍ବାଚନ ଆୟୋଗଙ୍କୁ ଏକ ଚିଠି ଲେଖିଛି। ଏହାର ବ୍ୟକ୍ତିଗତ ଶୁଣାଣି ପାଇଁ ମଧ୍ୟ ଦଳ ଦାବି କରିଛି। ଚୂଡ଼ାନ୍ତ ଭୋଟର ତାଲିକାରୁ ମନଇଚ୍ଛା ଭୋଟରଙ୍କ ନାଁ ହଟାଇ ଦିଆଯାଇଛି ଏବଂ ପ୍ରତି ନିର୍ବାଚନ ମଣ୍ଡଳୀରେ ୧୦ ହଜାରରୁ ଅଧିକ ଭୋଟରଙ୍କୁ ଏଥିରେ ଯୋଡ଼ା ଯାଇଛି ବୋଲି ଅଭିଯୋଗ କରିଛି କଂଗ୍ରେସ। ମହାରାଷ୍ଟ୍ରର ଏଭଳି ଭୋଟର ତଥ୍ୟରେ ଗଡ଼ବଡ଼ ନେଇ ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ବୋଲି କଂଗ୍ରେସ ଏହାର ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ନିଜ ଏକ୍ସ ହ୍ୟାଣ୍ଡେଲରେ



ପୋଷ୍ଟ କରିଥିବା ଏହି ଚିଠିରେ ଉଲ୍ଲେଖ ରହିଛି ଯେ, ମନଇଚ୍ଛା ନାଁ ହଟାଇବା ଏବଂ ଯୋଡ଼ିବାର ଏହି ପ୍ରକ୍ରିୟା ଯୋଗୁଁ, ଜୁଲାଇ ୨୦୨୪ରୁ ନଭେମ୍ବର ୨୦୨୪, ମାତ୍ର ୫ ମାସ ମଧ୍ୟରେ ମହାରାଷ୍ଟ୍ରର ଭୋଟର ତାଲିକାରେ ପ୍ରାୟ ୪୭ ଲକ୍ଷ ନୂଆ ଭୋଟରଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଦଳ ଦାବି କରିଛି ଯେ ଯେଉଁ ୫୦ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ହାରାହାରି ୫୦ ହଜାର ନୂଆ ଭୋଟରଙ୍କୁ ଯୋଡା ଯାଇଛି, ସେଥିରୁ ୪୭ଟି ଆସନ ବିଜେପି-ଶିବସେନା-ଏନସିପି ମେଣ୍ଟର ପ୍ରାର୍ଥୀମାନେ ଜିତିଛନ୍ତି।

ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି କଂଗ୍ରେସ। ଦଳର ଅଭିଯୋଗ ଅନୁସାରେ ୨୧ ନଭେମ୍ବର, ୨୦୨୪ ଅପରାହ୍ନ ୫ଟା ସୁଦ୍ଧା ମହାରାଷ୍ଟ୍ରରେ ୫୮.୨୨% ମତଦାନ ହୋଇଥିଲା, ଏହା ରାତି ସାଢ଼େ ୧୧ଟା ସୁଦ୍ଧା ୬୫.୦୨%କୁ ବୃଦ୍ଧି ପାଇଛି। ଏହାଛଡ଼ା ଚୂଡ଼ାନ୍ତ ରିପୋର୍ଟରେ ୬୬.୦୫% ମତଦାନ ରେକର୍ଡ କରାଯାଇଛି, ଯାହା ଗଣତି ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ଘୋଷଣା ହୋଇଥିଲା। ଅପରାହ୍ନ ୫ଟାରୁ ସନ୍ଧ୍ୟା ୬ଟା ମାତ୍ର ଏକ ଘଣ୍ଟା ମଧ୍ୟରେ ପ୍ରାୟ ୭୬ ଲକ୍ଷ ଭୋଟ ପଡ଼ିଛି, ଯାହା ଅସମ୍ଭବ ବୋଲି ଚିଠିରେ ଦର୍ଶାଇଛି କଂଗ୍ରେସ।

## ଚଳନ୍ତା ଆମ୍ବୁଲାନ୍ସରେ ନାବାଳିକାଙ୍କୁ ଦୁଷ୍କର୍ମ

**ଭୋପାଳ, ୨୯।୧୧:** ଚଳନ୍ତା ଆମ୍ବୁଲାନ୍ସରେ ଦୁଷ୍କର୍ମର ଶିକାର ହେଲେ ନାବାଳିକା। ଆମ୍ବୁଲାନ୍ସର ହେଲପର ଘଟାଇଲେ ଏପରି କଳା କାରନାମା। ଆଉ ଏଥିରେ ସହଯୋଗ କଲେ ନାବାଳିକାଙ୍କ ଭଉଣୀଭିଣୋଇ। ଏପରି ଏକ ଘୃଣ୍ୟ କାମ ମଧ୍ୟପ୍ରଦେଶର ମଉଗଞ୍ଜ ଜିଲ୍ଲାରେ ଘଟିଛି। କିଛି ଦିନ ତଳେ ନାବାଳିକାଙ୍କ ସମେତ ତାଙ୍କ ଭଉଣୀଭିଣୋଇ ଏକ ଆମ୍ବୁଲାନ୍ସରେ ଯାଉଥିଲେ। ସେମାନଙ୍କ ମଧ୍ୟରୁ କେହି ବି ଅସୁସ୍ଥ ନ ଥିଲେ। ମାତ୍ର ଆମ୍ବୁଲାନ୍ସ ଚାଳକ ପରିଚିତ ହୋଇଥିବାରୁ ସେମାନେ ତାଙ୍କ ସହ ଯାଉଥିଲେ। ଗାଡ଼ିଟି କିଛି ବାଟ ଯିବା ପରେ ଆମ୍ବୁଲାନ୍ସ ଚାଳକ ଗାଡ଼ି ଅଟକାଇଥିଲେ। ନାବାଳିକାଙ୍କ ଭଉଣୀ ଭିଣୋଇ ପାଣି ଆଣିବା ବାହାନାରେ ସେଠାରେ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ। ଏହାପରେ ଚାଳକଜଣକ ଗାଡ଼ିକୁ ଦ୍ରୁତ ଗତିରେ ନିଛାଟିଆ ସ୍ଥାନକୁ ନେଇ ଯାଇଥିଲେ। ସେଠାରେ ଆମ୍ବୁଲାନ୍ସ ହେଲପର କେବଟ ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିଲେ। ରାତି ସାରା ଉଭୟ ଡ୍ରାଇଭର ଓ ହେଲପର ନାବାଳିକାଙ୍କୁ ଗାଡ଼ିରେ ବନ୍ଧକ କରି ରଖିଥିଲେ। ଏହାପରେ ସକାଳେ ତାଙ୍କୁ ରାସ୍ତା କଡ଼କୁ ଫୋପାଡ଼ି ଫେରାର ହୋଇ ଯାଇଥିଲେ। ବହୁ କଷ୍ଟରେ ନାବାଳିକାଜଣକ ଘରେ ପହଞ୍ଚି ନିଜ ମା'ଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଦୁଇ ଦିନ କାଳ ଲୋକଲଜ୍ଜା ଭୟରେ ସେମାନେ କାହାକୁ କିଛି କହି ନ ଥିବା ବେଳେ ଏହାପରେ ଥାନାରେ ପହଞ୍ଚି ୪ ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ପୁଲିସ୍ ତୁରନ୍ତ ମାମଲାର ଛାନଭିନ ଆରମ୍ଭ କରି ମୁଖ୍ୟ ଅଭିଯୁକ୍ତ ଆମ୍ବୁଲାନ୍ସ ହେଲପର କେବଟ ଓ ଡ୍ରାଇଭର ବୀରେନ୍ଦ୍ର ଚତୁର୍ବେଦିଙ୍କୁ ଗିରଫ କରିଛି। ଏଥିସହ ପୁଲିସ୍ ପୀଡ଼ିତାଙ୍କ ଭଉଣୀଭିଣୋଇଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

### ଘରେ ଲଗାଇଛନ୍ତି ୧୫ ହଜାର ଗଛ

## ଦିଲ୍ଲୀରେ ପ୍ରଦୂଷଣମୁକ୍ତ ମଣିଷ

**ନୂଆଦିଲ୍ଲୀ, ୨୯।୧୧:** ବିଷ ବଳୟ ପାଲଟିଛି ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳ। ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଏତେ ତଳକୁ ଖସି ଆସିଛି ଯେ ଦିଲ୍ଲୀରେ ନିଶ୍ୱାସ ନେବା ୧୦ଟା ସିଗାରେଟ୍ ଟାଣିବା ସହ ସମାନ। ଏଭଳି ପରିବେଶରେ ବି ଏପରି ଏକ ସ୍ଥାନ ଅଛି ଯେଉଁଠାରେ ପରିବେଶ ଅତ୍ୟନ୍ତ ଅନୁକୂଳ, ଯେଉଁଠାକେ ବାୟୁ ଗୁଣବତ୍ତା ସୂଚକାଙ୍କ ୧୦-୧୫, ସବୁଠୁ ଭଲ ସ୍ଥିତିରେ ଅଛି। ଏହି ସ୍ଥାନ ଦକ୍ଷିଣ ଦିଲ୍ଲୀର ସାଇନିକ୍ ଫାର୍ମ ଅଞ୍ଚଳରେ ଅବସ୍ଥିତ। ଅନୁକୂଳ ପରିବେଶ ସୃଷ୍ଟି କରିଥିବା ଦମ୍ପତି ହେଉଛନ୍ତି ପିଟର ସିଂହ ଏବଂ ନିନୋ କୌର।ବିଶାକ୍ତ ବାୟୁମଣ୍ଡଳରେ ବି ଏପରି ପରିବେଶ କିପରି ସମ୍ଭବ ହେଲା, ସେନେଇ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବ ନିଶ୍ଚୟ। ଏହା



ପିଟର ସିଂହ ଓ ନିନୋ କୌରଙ୍କ ବୁଦ୍ଧିମାନ ପଦକ୍ଷେପ ପାଇଁ ସମ୍ଭବ ହୋଇପାରିଛି। ଉଭୟ ଚତୁରତାର ସହ ଅଳ୍ପ କେତେକ ସ୍ଥାନରେ ୧୫,୦୦୦ରୁ ଅଧିକ ଗଛ ଲଗାଇ ପାରିଛନ୍ତି, ଯାହା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳକୁ ନିୟନ୍ତ୍ରଣ କରିବାରେ ମୁଖ୍ୟ ଭୂମିକା ନିଭାଇଛି। ସେମାନେ ରହୁଥିବା ଘର ମଧ୍ୟ ଅନ୍ୟମାନଙ୍କ ଠାରୁ ଭିନ୍ନ। କାରଣ ତାଙ୍କ ଘରେ ପେଣ୍ଟ କିମ୍ବା ପ୍ଲାଷ୍ଟର ଦିଆଯାଇ ନାହିଁ। ପାରମ୍ପାରିକ ନିର୍ମାଣ ପଦ୍ଧତିଗୁଡ଼ିକ ବ୍ୟବହୃତ କରି ସିମେଣ୍ଟ ବଦଳରେ ଚୂନ ମୋର୍ଟାର ସାହାଯ୍ୟରେ ଇଟାଗୁଡ଼ିକର ଯୋଡ଼େଇ କରାଯାଇଛି। ଏଥିସହ ଆଧୁନିକ ରଙ୍ଗ ବଦଳରେ ଚୂନ ବ୍ୟବହାର ହୋଇଛି। ସେହିପରି କଂକ୍ରିଟ ସ୍ଲାବ ଅପେକ୍ଷା ଛାତ ମଧ୍ୟ ପଥର ଟାଇଲରେ ଆଚ୍ଛାଦିତ, ଯାହା ପରିବେଶର ତାପମାତ୍ରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଛି। ଫଳରେ ଗ୍ରୀଷ୍ମ ଋତୁରେ ଘର ଥଣ୍ଡା ରହୁ ଥିବାବେଳେ ଶୀତଦିନରେ ପରିବେଶ ପ୍ରଦୂଷଣମୁକ୍ତ ରହୁଛି।

### ମନ୍ଦିର ଯାଉଥିବାରୁ ମିଳିଲା ଶାସ୍ତି

## ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ନିର୍ଯାତନା

**ଢାକା, ୨୯।୧୧:** ହିନ୍ଦୁ ସମ୍ପ୍ରଦାୟ ଲୋକଙ୍କ ନିମନ୍ତେ ନର୍କ ପାଲଟିଗଲାଣି ବାଂଲାଦେଶ। ସେଠାରେ ସଂଖ୍ୟାଲଘୁମାନେ ସୁରକ୍ଷିତ ନ ଥିବା ବେଳେ ବାରମ୍ବାର ସେମାନଙ୍କ ଉପରକୁ ଆକ୍ରମଣ ହେଉଛି। ଏପରିକି ସେମାନଙ୍କ ବ୍ୟକ୍ତିଗତ ଅଧିକାରରେ ବାଧା ସୃଷ୍ଟି କରାଯାଉଛି। ଏପରି ଏକ ଘଟଣାର ଭିଡିଓ ଏବେ ଭାଇରାଲ ହେଉଛି। ବାଂଲାଦେଶର ଏକ ମନ୍ଦିର ସମ୍ମୁଖରେ ଜଣେ ଯୁବକଙ୍କୁ କିଛି ବ୍ୟକ୍ତି ଘେରିଯାଇ ଜୋର ଜବରଦସ୍ତି ବିଚ୍ ରାସ୍ତା କାନ ଧରି ଉଠବସ୍ କରାଉଥିବାର ଭିଡିଓ ଭାଇରାଲ ହେଉଛି। ଯୁବକଜଣକ ମନ୍ଦିର ଯାଉଥିବାରୁ ସର୍ବସମ୍ମୁଖରେ ତାଙ୍କୁ ମିଳିଛି ଏପରି ଶାସ୍ତି। ଭିଡିଓରେ ଦେଖିବାକୁ ମିଳିଛି, ସମ୍ପୃକ୍ତ ଯୁବକଙ୍କୁ କାନ ଧରି ଉଠବସ୍ ହେବାକୁ ବାଧ୍ୟ କରାଯାଉଥିବା ବେଳେ ସମସ୍ତଙ୍କୁ ଭୁଲ୍ ମାଗିବାକୁ ବି କୁହାଯାଇଛି। କେବଳ ସେତିକି ନୁହେଁ, ଅଧିକ ଥର ଉଠବସ୍ ହେବାକୁ ବି ଧମକ ଦେବାକୁ ପଛାଉ ନ ଥିବା ଭିଡିଓରେ ଦେଖିବାକୁ ମିଳିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଇସ୍ତଫା ପରେ ବାଂଲାଦେଶରେ ବ୍ୟାପକ ରାଜନୈତିକ ହିଂସା ଲାଗି ରହିଥିବାବେଳେ ସଂଖ୍ୟାଲଘୁ ଅଧିକାରକୁ ନେଇ ଅସନ୍ତୋଷ ତେଜିଛି। ସଂଖ୍ୟାଲଘୁଙ୍କ ଘର ଓ ବ୍ୟବସାୟିକ ପ୍ରତିଷ୍ଠାରୁ ଲୁଟ କରାଯାଇଛି। ସେମାନଙ୍କ ପ୍ରତିଷ୍ଠାନରେ ପୋଡ଼ାଜଳ କରାଯାଇଥିବା ରିପୋର୍ଟ ମିଳିଛି। ମନ୍ଦିର ଓ ଭଗବାନଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ଭଙ୍ଗାଯିବା ସହ ବିକୃତ କରାଯାଇଛି। ଏପରିକି ସେମାନେ ଘରୁ ବାହାରିଲେ, ମନ୍ଦିର ଗଲେ ତାହାକୁ ବିରୋଧ କରାଯାଉଛି। ଏହି ଭିଡିଓ ଶେଆର କରି କୁହାଯାଇଛି, ବାଂଲାଦେଶ ଏବେ ହିନ୍ଦୁଙ୍କ ପାଇଁ ନର୍କ ପାଲଟିଗଲାଣି। ଏଠାରେ ସେମାନେ ଘରେ ରହିବାକୁ ବି ସୁରକ୍ଷିତ ମଣୁ ନାହାନ୍ତି । ସାମେନ ହାତରେ ଲାଲସୁତା କି ମଥାରେ ବିନ୍ଦି ଲଗାଇ ପାରିବେନି। ପୂଜା କରିବା ନିମନ୍ତେ ମନ୍ଦିରକୁ ଗଲେ ସେମାନଙ୍କୁ ଆକ୍ରମଣର ଶିକାର ହେବାକୁ ପଡୁଛି।

# ଜାମା ମସଜିଦ୍ ସର୍ଭେ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୯।୧୧:** ଉତ୍ତରପ୍ରଦେଶ ସମ୍ଭଲ ଜାମା ମସଜିଦ ସର୍ଭେ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ। ଶାହି ଇଦଗାହ ମସଜିଦରେ ସର୍ଭେକୁ ବିରୋଧ କରି ହୋଇଥିବା ଆନ୍ଦୋଳନରେ ପାଞ୍ଚ ଜଣଙ୍କ ମୃତ୍ୟୁ ପରେ ଏହି ନିର୍ଦ୍ଦେଶ ଜାରି କରିଛନ୍ତି ସର୍ବୋଚ୍ଚ ଅଦାଲତ। ମସଜିଦର ଶାହି ଇଦଗାହ କମିଟି ହାଇକୋର୍ଟଙ୍କ ଦ୍ୱାରସ୍ତ ନ ହେବା ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ବନ୍ଦ ରଖିବାକୁ ଟ୍ରାଏଲ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭଲରେ ଜାମା ମସଜିଦ ନିର୍ମାଣକୁ ନେଇ ସୃଷ୍ଟି ହୋଇଛି ବିବାଦ। ମୋଗଲ ଶାସକ ବାବରଙ୍କ ସମୟରେ ୧୫୨୬ ମସିହାରେ ଏଠାରେ ହିନ୍ଦୁ ମନ୍ଦିର ଉଚ୍ଛେଦ କରାଯାଇ ଜାମା ମସଜିଦ ନିର୍ମାଣ କରାଯାଇଥିବା ଅଭିଯୋଗ କରିଛନ୍ତି ହିନ୍ଦୁ ପକ୍ଷ। ଏହାକୁ ନେଇ ହିନ୍ଦୁ ପକ୍ଷ ଟ୍ରାଏଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ମସଜିଦ ଉଚ୍ଛେଦ କରିବାକୁ ଦାବି



କରିଥିଲେ। ଏହି ଆବେଦନର ଶୁଣାଣି କରି ଟ୍ରାଏଲ କୋର୍ଟ ପ୍ରତ୍ନତାତ୍ତ୍ୱିକ ସର୍ଭେ କମିଟିକୁ ସର୍ଭେ (ଏଏସ୍‌ଆଇ) ନିର୍ଦ୍ଦେଶ ଦେଇଥିଲେ।

ଏହି ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ନଭେମ୍ବର ୨୪ରେ ସର୍ଭେ ଆରମ୍ଭ କରିଥିଲା। ଏହି ସମୟରେ ଜାମା ମସଜିଦ ନିକଟରେ ଶହ ଶହ ଲୋକେ ଉପସ୍ଥିତ ହୋଇ ସର୍ଭେକୁ ବିରୋଧ କରିଥିଲେ। ଏପରିକି ସର୍ଭେ ଟିମ୍ ଉପରକୁ ପଥର ମାଡ଼ କରିବା ପରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କ ମୃତ୍ୟୁ ଘଟି ଥିବାବେଳେ



ଏବେବି ସେଠାରେ ସ୍ଥିତି ଅଶାନ୍ତ ରହିଛି। ଏହାକୁ ନେଇ ମସଜିଦ କମିଟି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ପି.ଭି ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଆଜି ଏହି ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ହାଇକୋର୍ଟଙ୍କ ନିକଟକୁ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ରାୟ ନ ଆସିବା ପର୍ଯ୍ୟନ୍ତ ସର୍ଭେ ସ୍ଥଗିତ ରଖିବାକୁ ଟ୍ରାଏଲ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଏଥିସହ ସର୍ଭେ କମିଟିକୁ ରିପୋର୍ଟ ସିଲ୍ କଭରରେ ରଖିବାକୁ କହିଛନ୍ତି। ସର୍ଭେ ରିପୋର୍ଟ ସିଲ୍ ଯେପରି ଖୋଲେ ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଛନ୍ତି, "ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ରକ୍ଷା କରିବାକୁ ପଡିବ। ଆମେ କିଛି ଚାହୁଁ ନାହୁଁ... ଆମକୁ ସମ୍ପୂର୍ଣ୍ଣ ନିରପେକ୍ଷ ହେବାକୁ ପଡିବ ଏବଂ ଯେପରି କୌଣସି ଭୁଲ୍ ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ହେବ।" ପରବର୍ତ୍ତୀ ଶୁଣାଣି ଆସନ୍ତା ବର୍ଷ ଜାନୁୟାରୀ ୬ରେ ତାଲିକାଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ।

# ପାକିସ୍ତାନରେ ଆୟୋଜନ ହୋଇନପାରେ ଚାମ୍ପିୟନ୍ସ ଟ୍ରଫି



**ନୂଆଦିଲ୍ଲୀ, ୨୯।୧୧:** ଚାମ୍ପିୟନ୍ସ ଟ୍ରଫି ୨୦୨୫ ଆୟୋଜନରୁ ବଞ୍ଚିତ ହେବ ପାକିସ୍ତାନ। ଆଇସିସି ଚାମ୍ପିୟନ୍ସ ଟ୍ରଫିକୁ ପାକିସ୍ତାନ ବାହାରେ ଆୟୋଜନ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଏଯାଏ ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫିର ଆୟୋଜନ କରିବାକୁ ଗୋଡ଼ ଟେକି ବସିଥିଲା। ହେଲେ ପାକିସ୍ତାନକୁ ଝଟକା ଦେବା ମୁଡରେ ରହିଛି ଆଇସିସି। ବର୍ତ୍ତମାନ ପାକିସ୍ତାନରେ ଭୟଙ୍କର ରାଜନୀତିକ ହିଂସା ଦେଖିବାକୁ ମିଳିଛି। ଅନେକ ଲୋକ ପ୍ରାଣ ହରାଇଥିବା ବେଳେ ବିଭିନ୍ନ ସ୍ଥାନରେ ପୋଡ଼ା ଜଳା ହୋଇଛି। ସ୍ଥିତିକୁ ଦୃଷ୍ଟିରେ ପାକିସ୍ତାନରେ ଦିନିକିଆ ସିରିଜ ଖେଳୁଥିବା ଶ୍ରୀଲଙ୍କା ଏ ଟିମ ଅଧାରୁ ସ୍ୱଦେଶ ଫେରି ଆସିଛି।

୨୦୨୫ ଚାମ୍ପିୟନ୍ସ ଟ୍ରଫିର ମ୍ୟାଚ୍ ସୂଚୀ ପ୍ରସ୍ତୁତ କରିବା ପାଇଁ ଆଇସିସି ଖୁବଶୀଘ୍ର ବୈଠକ କରିବ। କିନ୍ତୁ ଏହାପୂର୍ବରୁ ପାକିସ୍ତାନରେ ଦେଖାଯାଇଥିବା ହିଂସା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ହିଂସାକୁ ଦୃଷ୍ଟିରେ ରଖି ଚାମ୍ପିୟନ୍ସ ଟ୍ରଫିରେ ଭାଗ ନେବାକୁ ଥିବା କିଛି ଦଳ ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏଥିଯୋଗୁ ଆଇସିସି ଚାମ୍ପିୟନ୍ସ ଟ୍ରଫିକୁ ନେଇ ପିସିବି ଚାପରେ ରହିଛି। ଏବେ ପିସିବି ଚାମ୍ପିୟନ୍ସ ଟ୍ରଫି ପାଇଁ ହାଇବ୍ରିଡ ମଡେଲ ଆପଣାଇବାକୁ ବାଧ୍ୟ ହେବା ନଚେତ ପୂରା ଟୁର୍ଣ୍ଣାମେଣ୍ଟ ପାକିସ୍ତାନ ବାହାରେ ହେବ ବୋଲି ଜଣାପଡ଼ିଛି।

୧୯୯୬ ପରଠାରୁ ପାକିସ୍ତାନ ଆଇସିସିର କୌଣସି ଇଭେଣ୍ଟ ଆୟୋଜନ କରିନାହିଁ। କିନ୍ତୁ ୨୦୨୫ରେ ଦେଶକୁ ଚାମ୍ପିୟନ୍ସ ଟ୍ରଫି ଆୟୋଜନର ହକ ମିଳିଥିଲା। ହେଲେ ଏବେ ଏହି ସୁଯୋଗ ମଧ୍ୟ ପାକିସ୍ତାନ ହାତରୁ ଖସି ଯିବାକୁ ବସିଛି। ପାକିସ୍ତାନର ରାଜଧାନୀ ଏବେ ହିଂସା ଯୋଗୁ ଲକଡାଉନ ହୋଇ ରହିଛି। ଜେଲରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସମର୍ଥନ ଓ ପୁଲିସ୍ ମଧ୍ୟରେ ପ୍ରବଳ ସଂଘର୍ଷ ଘଟିଛି। ସ୍ଥିତି ଏପରି ହୋଇଛି ଯେ ବିକ୍ଷୋଭକାରୀଙ୍କ ଦମନ ପାଇଁ ଶୁଟ ଆଟ ସାଇଟ ଅର୍ଡର ମିଳିଛି। ଏଥିପାଇଁ ଶ୍ରୀଲଙ୍କା ଏ ଟିମ ବାକି ଥିବା ଦୁଇଟି ଦିକିଆ ନ ଖେଳି ସ୍ୱଦେଶ ଫେରି ଆସିଛି।

# ଟିମ୍ ଇଣ୍ଡିଆକୁ ଫେରିବା ପାଇଁ ଶାମିଙ୍କ ଆଗରେ ବଡ଼ ସର୍ତ୍ତ ରଖିଲା ବିସିସିଆଇ



**ପର୍ଥ, ୨୯।୧୧:** ବର୍ଡର-ଗାଭାସ୍କର ଟ୍ରଫିରେ ସାମିଲ ହେବା ପାଇଁ ଷ୍ଟିଡଷ୍ଟାର ମହମ୍ମଦ ଶାମିଙ୍କ ଆଗରେ ବଡ଼ ସର୍ତ୍ତ ଓ ସମୟ ସୀମା ଧାର୍ଯ୍ୟ କରିଛି ବିସିସିଆଇ। ଚୟନକର୍ତ୍ତାଙ୍କୁ ମନେଇବା ଓ ପ୍ରଭାବିତ କରିବା ପାଇଁ ଶାମିଙ୍କ ପାଖରେ ଗୋଟିଏ ସପ୍ତାହରୁ କମ ସମୟ ରହିଛି। ବର୍ଷେ ହେଲା ଆହତ ସମସ୍ୟା ଦେଇ ଗତି କରୁଥିବା ଶାମି ନିକଟରେ ପ୍ରତିଯୋଗିତା ମୂଳକ କ୍ରିକେଟକୁ ଫେରିଛନ୍ତି। ସେ ପ୍ରଥମେ ନେଟ୍ସରେ ଲମ୍ବା ଲମ୍ବା ସ୍ପେଲ କରିବା ପରେ ବେଙ୍ଗଲ ପାଇଁ ରଣଜୀ ମ୍ୟାଚ୍ ଖେଳିଥିଲେ। ଏହି ସମୟରେ ତାଙ୍କ ଉପରେ ବିସିସିଆଇର ମେଡିକାଲ ଟିମ ନଜର ରଖିଥିଲା।

ରଣଜୀ ଟ୍ରଫିର କମବ୍ୟାକ ମ୍ୟାଚ୍‌ରେ ଶାମି ସମସ୍ତଙ୍କୁ ପ୍ରଭାବିତ କରିଥିବା ବେଳେ ତାଙ୍କୁ ସୟିଦ ମୁସ୍ତାକ ଅଲୀ ଟ୍ରଫିରେ ମଧ୍ୟ ଦେଖିବାକୁ ମିଳିଛି। ସେ ଏଠାରେ ମଧ୍ୟ ଠିକଠାକ ପ୍ରଦର୍ଶନ କରିଛନ୍ତି। ତଥାପି ତାଙ୍କୁ ଆଉ କିଛି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବାକୁ କୁହାଯାଇଛି। ଭଲ ପ୍ରଦର୍ଶନ କରିବା ପରେ ମଧ୍ୟ ତାଙ୍କୁ ସିଧାସଳଖ ଟିମ ଇଣ୍ଡିଆ ପାଇଁ ଚୟନ କରାଯିବ ନାହିଁ। ଟିମ ଇଣ୍ଡିଆରେ ପ୍ରବେଶ କରିବାକୁ ହେଲେ ଶାମିଙ୍କୁ ତାଙ୍କ ଓଜନ ହ୍ରାସ କରିବାକୁ ପଡ଼ିବ। ଏଥିସହ ପୁଣିଥରେ ଫିଟନେସ ଟେଷ୍ଟ ଦେବାକୁ ପଡ଼ିବ।

ସପ୍ତାହକୁ କମ ସମୟ ମଧ୍ୟରେ ଯଦି ଶାମି ଏହି ସର୍ତ୍ତକୁ ପୂରଣ କରିପାରିବେ, ତା'ହେଲେ ତାଙ୍କୁ ଟିମ ଇଣ୍ଡିଆରେ କମବ୍ୟାକ କରିବାକୁ ସୁଯୋଗ ମିଳିବ ବୋଲି ବିସିସିଆଇ ସର୍ତ୍ତ ରଖିଥିବା ଜଣାପଡ଼ିଛି। ବିସିସିଆଇର ଗୋଟିଏ ସୂତ୍ରରେ କୁହାଯାଇଛି ଯେ "ସବୁ କିଛି ବିସିସିଆଇର ମେଡିକାଲ ଟିମ ଉପରେ ନିର୍ଭର କରୁଛି। କାରଣ ଶାମିଙ୍କୁ ସେମାନେ ପ୍ରତିଟି ବୋଲିଂ ସ୍ପେଲ ପରେ ଚିକିତ୍ସା କରିଛନ୍ତି। ମେଡିକାଲ ଟିମ ଆଶା ରଖିଛି ଯେ ଶାମି ମ୍ୟାଚ୍ ଖେଳିବା ଦ୍ୱାରା ତାଙ୍କ ଓଜନ ହ୍ରାସ ପାଇବ। ଏହା ତାଙ୍କ ଧୈର୍ଯ୍ୟକୁ ମଧ୍ୟ ବୃଦ୍ଧି କରିବ। ଯେହେତୁ ରଣଜୀ ଟ୍ରଫିର ପ୍ରଥମ ପର୍ଯ୍ୟାୟ ଶେଷ ହୋଇସାରିଛି, ତେଣୁ ସବୁ କିଛି ସୟିଦ ମୁସ୍ତାକ ଅଲୀ ଟ୍ରଫିର ପ୍ରଥମ ରାଉଣ୍ଡ ମ୍ୟାଚଗୁଡ଼ିକ ଉପରେ ନିର୍ଭର କରୁଛି।"

ରିପୋର୍ଟ ଅନୁସାରେ, ବିସିସିଆଇର ସ୍ପୋର୍ଟସ ସାଇନ୍ସ ମୁଖ୍ୟ ନୀତୀନ ପଟେଲ ଓ ଏନସିଏର ଟ୍ରେନର ନିଶାନ୍ତ ବୋରଡୋଲୋଇଙ୍କ ଶାମିଙ୍କ ଟ୍ରେନିଂ ଦାୟିତ୍ୱ ଦିଆଯାଇଛି। ସେ ବେଙ୍ଗଲ ଟିମରେ ରହିବା ବେଳେ ମଧ୍ୟ ଏହି ଦୁଇ ଜଣ ତାଙ୍କ ଟ୍ରେନିଂ ଦାୟିତ୍ୱ ନିର୍ବାହ କରିବେ। ତଥାପି ଟେଷ୍ଟ ମ୍ୟାଚ୍‌ରେ ଶାମିଙ୍କ କମବ୍ୟାକ ସେତେଟା ସହଜ ହେବନି।

ଭାରତୀୟ ଟିମ ଏବେ ଅଷ୍ଟ୍ରେଲିଆରେ ରହିଛି। ଆସନ୍ତା ୩୦ରୁ ଦଳ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଏକାଦଶ ବିପକ୍ଷରେ ପିଙ୍କ ବଲରେ ଦୁଇ ଦିନିଆ ଅଭ୍ୟାସ ମ୍ୟାଚ୍ ଖେଳିବ। ସେହିପରି ୬ ତାରିଖରୁ ଆଡିଲେଡରେ ଦିବାରାତ୍ର ଟେଷ୍ଟ ଆରମ୍ଭ ହେବ। ଏତେ କମ ସମୟରେ ଶାମି ଟେଷ୍ଟ କ୍ରିକେଟ ପାଇଁ ଆବଶ୍ୟକ ଫିଟନେସ ଦେବା ଭଳି ଲାଗୁ ନାହିଁ। କିନ୍ତୁ ଯଦି ସବୁ କିଛି ଶାମିଙ୍କ ସପକ୍ଷରେ ଯାଏ ଓ ସେ ଫିଟନେସରେ ପ୍ରମାଣ ଦେଇ ପାରିବେ, ତା'ହେଲେ ଡିସେମ୍ବର ୧୪ରୁ ଆରମ୍ଭ ହେବାକୁ ଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ମ୍ୟାଚ୍‌ରେ ତାଙ୍କୁ ଭାରତୀୟ ଟିମରେ ସାମିଲ କରାଯାଇ ପାରେ ବୋଲି ରିପୋର୍ଟରେ କୁହାଯାଇଛି।



## ଡିଭିଲିୟର୍ସଙ୍କ ଦାବି

# କୋହଲି ଆର୍‌ସିବିର ଅଧିନାୟକ ହେବା ଉଚିତ

**ନୂଆଦିଲ୍ଲୀ,୨୯।୧୧:** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ ୨୦୨୫ର ମେଗା ନିଲାମରେ ବହୁ ଅର୍ଥ ଖର୍ଚ୍ଚ କରିଥିଲା। କିନ୍ତୁ ଦଳ ଫାଫ ଡୁ ପ୍ଲେସିସ ଏବଂ ଗ୍ଲେନ ମ୍ୟାକ୍ସୱେଲଙ୍କୁ କିଣିପାରିନାହିଁ। ଗତ ସିଜନରେ ଡୁପ୍ଲେସିସ ଦଳର ଅଧିନାୟକ ଥିଲେ। କିନ୍ତୁ ବର୍ତ୍ତମାନ ଦଳର ଅଧିନାୟକ କିଏ ହେବେ ତାହା ଏକ ବଡ ପ୍ରଶ୍ନ। ପୂର୍ବତନ ଆରସିବି ଖେଳାଳି ଏବି ଡିଭିଲିୟର୍ସ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି। ବିରାଟ କୋହଲି ଆରସିବିର ପରବର୍ତ୍ତୀ ଅଧିନାୟକ ହେବେ ବୋଲି ସେ ଦାବି କରିଛନ୍ତି। କୋହଲି ଆରସିବିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଆସୁଛନ୍ତି। ସେ ୨୦୧୩ରୁ ୨୦୨୧ପର୍ଯ୍ୟନ୍ତ ଦଳର ଅଧିନାୟକ ହୋଇଥିଲେ। ଖବର ଅନୁଯାୟୀ ଡିଭିଲିୟର୍ସ ଆରସିବି ଅଧିନାୟକତ୍ୱ ଉପରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ମୁଁ ଭାବୁନାହିଁ ଯେ ଏହା ଏ ପର୍ଯ୍ୟନ୍ତ ନିଶ୍ଚିତ ହୋଇପାରେ। ଯଦି ଆମେ ଦଳକୁ ଦେଖିବା, ବିରାଟ କୋହଲି ପରବର୍ତ୍ତୀ ଅଧିନାୟକ ହେବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ତ୍ତମାନ ସୁଦ୍ଧା ଏହି ବିଷୟରେ କୌଣସି ସରକାରୀ ସୂଚନା ପ୍ରକାଶ କରାଯାଇ ନାହିଁ।

# ବିରାଟ କୋହଲିଙ୍କ ବଡ଼ ପ୍ରଶଂସକ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର

**ନୂଆଦିଲ୍ଲୀ,୨୯।୧୧:** ଆଇପିଏଲ୍ ୨୦୨୫ ଆରମ୍ଭ ହେବାକୁ ଯାଉଛି। ଆଇପିଏଲ ହେଉଛି ଦେଶ ଏବଂ ବିଶ୍ୱରେ ସର୍ବାଧିକ ଦେଖାଯାଉଥିବା କ୍ରିକେଟ ଲିଗ। ଭାରତ କଥା ଛାଡନ୍ତୁ, ସମଗ୍ର ବିଶ୍ୱରେ ଆଇପିଏଲ ବିଷୟରେ ବହୁତ ଉତ୍ସାହ ଅଛି। ବିରାଟ କୋହଲି, ରୋହିତ ଶର୍ମା, ମହେନ୍ଦ୍ର ସିଂ ଧୋନି ଆଇପିଏଲର ବଡ ନାମ। ଆଇପିଏଲ ଦଳ ମଧ୍ୟ ସେମାନଙ୍କ ଖେଳାଳିଙ୍କ ପାଇଁ ଜଣାଶୁଣା । ଯେପରି- ଧୋନିଙ୍କ ନାମରେ ସିଏସକେ, ରୋହିତଙ୍କ ନାମରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ବିରାଟ କୋହଲିଙ୍କ ନାମରେ ଆରସିବି। ଆଇପିଏଲ ଋତୁ ମଧ୍ୟରେ ଭାରତର ବୈଦେଶିକ ମନ୍ତ୍ରୀ ତାଙ୍କ ପ୍ରିୟ ଖେଳାଳିଙ୍କ ବିଷୟରେ କିଛି କହିଥିଲେ। ତେବେ କେଉଁ ଖେଳାଳି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କରଙ୍କ ପ୍ରିୟ। ଏହାର ଉତ୍ତର ହେଉଛି ବିରାଟ କୋହଲି। ହଁ, ଜୟଶଙ୍କର ନିଜେ କହିଛନ୍ତି ଯେ ସେ ବିରାଟ କୋହଲିଙ୍କ ପ୍ରଶଂସକ। ଜୟଶଙ୍କର ବିରାଟ କୋହଲିଙ୍କୁ ବହୁତ ପ୍ରଶଂସା କରିଥିଲେ। ସେ ଭେଟେରାନ କ୍ରିକେଟର ମୋହିନ୍ଦର ଅମରନାଥଙ୍କ ପୁସ୍ତକ ଉନ୍ମୋଚନ ଇଭେଣ୍ଟକୁ ଯାଇଥିଲେ। ମୋହିନ୍ଦର ଅମରନାଥ ତାଙ୍କ ଆତ୍ମଜୀବନୀ 'ଫିୟରଲେସ' ଲଞ୍ଚ କରିଛନ୍ତି। ରାଜଧାନୀ ଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ ଜୟଶଙ୍କର କହିଛନ୍ତି ଯେ ମୋର ଅନୁସରଣ କରୁଥିବା ସମଗ୍ର ବିଶ୍ୱ ଦ୍ରୁତ ବୋଲରଙ୍କ ଗୋଷ୍ଠୀ। ମୁଁ ସବୁବେଳେ ମୋର ସାଥୀମାନଙ୍କୁ ପରାମର୍ଶ ଦିଏ ଯେ ଶୀଘ୍ର ଗତି କରନ୍ତୁ, ଲମ୍ବା ଖେଳନ୍ତୁ, ଭଲ ପ୍ରସ୍ତୁତ ହୁଅନ୍ତୁ, ପ୍ରତିପକ୍ଷଙ୍କୁ ବୁଝନ୍ତୁ ଏବଂ ତା'ପରେ ଖେଳନ୍ତୁ।

## ଆଇପିଏଲ୍ ୨୦୨୫

# ରୋହିତଙ୍କଠାରୁ ଅଧିକ ଦରମା ପାଇବେ ଶ୍ରେୟସ ଆୟାର



**ନୂଆଦିଲ୍ଲୀ,୨୯।୧୧:** ଆଇପିଏଲ୍ ୨୦୨୫ ପାଇଁ ନିଲାମ ହୋଇଛି। ଏଥର ନିଲାମ ଅନେକ ରେକର୍ଡ ଭାଙ୍ଗିଲା। ରିଷଭ ପନ୍ତ ସବୁଠାରୁ ଦାମୀ ଖେଳାଳି ଥିଲେ। ଏଥିସହିତ ଶ୍ରେୟସ ଆୟର ମଧ୍ୟ ୨୫ କୋଟି ଟଙ୍କାର ପ୍ରତିବନ୍ଧକ ଭାଙ୍ଗିଛନ୍ତି। ନିଲାମ ପୂର୍ବରୁ ୪୬ ଖେଳାଳିଙ୍କୁ ସେମାନଙ୍କ ଫ୍ରାଞ୍ଚାଇଜ ଦ୍ୱାରା ରଖାଯାଇଥିବାବେଳେ ୧୮୨ ଖେଳାଳି ନିଲାମରେ ଟେଣ୍ଡର ହୋଇଥିଲେ। ମୋଟ ୬୩୯.୧୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଆଇପିଏଲ୍ ୨୦୨୫ର ତାରିଖ ମଧ୍ୟ ଆସିଛି। ଆସନ୍ତା ବର୍ଷ ମାର୍ଚ୍ଚ ୧୪ରୁ ଏହି ଲିଗ ଆରମ୍ଭ ହୋଇପାରେ। ଭାରତ ଚଳିତବର୍ଷ ଟି-୨୦ ବିଶ୍ୱକପ ଜିତିଛି। ଏଥିପାଇଁ ମନୋନୀତ ୧୫ ଖେଳାଳି ଆସନ୍ତା ବର୍ଷ ଆଇପିଏଲ ଖେଳୁଥିବା ଦେଖାଯିବ। ଆସନ୍ତା ସିଜନରେ ସମସ୍ତ ୧୫ ଖେଳାଳିଙ୍କ ଦରମା କୋଟି ଟଙ୍କାରେ ଅଛି । ଆଶ୍ଚର୍ଯ୍ୟଜନକ କଥା ହେଉଛି ବିସିସିଆଇର ବାର୍ଷିକ ଚୁକ୍ତିରୁ ବାହାରେ ଥିବା ଶ୍ରେୟସ ଆୟର୍ ରୋହିତ ଶର୍ମାଙ୍କ ଚୁକ୍ତିଭିତ୍ତିକ ଦରମା ଏବଂ ତାଙ୍କ ଆଇପିଏଲ ବେତନଠାରୁ ଅଧିକ ରୋଜଗାର କରିବେ। ଏଥି ସହିତ, ରିଷଭ ପନ୍ତ ବିରାଟ କୋହଲିଙ୍କ ବିସିସିଆଇ ଦରମା ଏବଂ ଆଇପିଏଲ ବେତନଠାରୁ ବିସିସିଆଇ ଦରମା ଏବଂ ଆଇପିଏଲ ବେତନକୁ ମିଶାଇ ଅଧିକ ପାଇବେ।

ରୋହିତ ବିସିସିଆଇର କେନ୍ଦ୍ରୀୟ ଚୁକ୍ତିନାମାର ଗ୍ରେଡ-ଏ +ରେ ଆସନ୍ତି। ତାଙ୍କର ବାର୍ଷିକ ଆୟ ହେଉଛି ୭ କୋଟି ଟଙ୍କା। ଏହା ବ୍ୟତୀତ ତାଙ୍କର ଆଇପିଏଲ ଦରମା ୧୬.୩୦ କୋଟି ଟଙ୍କା। ଅର୍ଥାତ୍ ସେ ମୋଟ ୨୩.୩୦ କୋଟି ଟଙ୍କା ରୋଜଗାର କରିବେ। ଏଥିସହିତ ଶ୍ରେୟାସ ବିସିସିଆଇର ବାର୍ଷିକ ଚୁକ୍ତିନାମା ଅନୁଯାୟୀ ନୁହଁନ୍ତି, କିନ୍ତୁ ଆଇପିଏଲରେ ତାଙ୍କର ଦରମା ୨୬.୭୫ କୋଟି ହେବ, ଯାହା ରୋହିତଙ୍କ ଠାରୁ ୩.୪୫ କୋଟି ଟଙ୍କା ଅଧିକ। ଏଥିସହିତ ପନ୍ତ ବିସିସିଆଇର ଗ୍ରେଡ-ବିରେ ଆସନ୍ତି ଏବଂ ବୋର୍ଡରୁ ତାଙ୍କର ବାର୍ଷିକ ଆୟ ୩ କୋଟି ଟଙ୍କା ଅଟେ। ସେ ଆଇପିଏଲର ସବୁଠାରୁ ଦାମୀ ଖେଳାଳି। ତାଙ୍କର ରୋଜଗାର ହେଉଛି ୨୭ କୋଟି ଟଙ୍କା। ଏହାର ଅର୍ଥ ହେଉଛି ତାଙ୍କର ସାମଗ୍ରିକ ରୋଜଗାର ୩୦ କୋଟି ଟଙ୍କା ହେବ। ଏଥି ସହିତ ବିରାଟ ଗ୍ରେଡ-ଏ + ରେ ଥିବାରୁ ତାଙ୍କୁ ଆଇପିଏଲରୁ ୭ କୋଟି ଏବଂ ୨୧ କୋଟି ଟଙ୍କା ମିଳିବ। ମୋଟ ଉପରେ ତାଙ୍କର ଦରମା ୨୮ କୋଟି ହେବ। ତେବେ, ଆସନ୍ତା ବର୍ଷ ଜାନୁଆରୀ-ଫେବୃଆରୀରେ ବିସିସିଆଇ ଚୁକ୍ତିନାମା ଅପଡେଟ ହେବ ଏବଂ ସେହି ସମୟରେ ସେମାନଙ୍କର ଦରମା ବୃଦ୍ଧି କିମ୍ବା ହ୍ରାସ ହୋଇପାରେ।

୨୦୨୪ ଭାରତୀୟ ଦଳ ଜିତୁଥିବା ଟି-୨୦ ବିଶ୍ୱକପ ବିଷୟରେ କହିବାକୁ ଗଲେ ଏହି ଦଳର ଅଂଶବିଶେଷ ଥିବା ରୋହିତ ଶର୍ମା ଆଇପିଏଲରେ ୧୬.୩୦ କୋଟି ଟଙ୍କା, ସୂର୍ଯ୍ୟକୁମାର ଯାଦବଙ୍କୁ ୧୬.୩୫ କୋଟି ଟଙ୍କା, ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୧୬.୩୫ କୋଟି ଏବଂ ଜସପ୍ରୀତ ପାଇବେ। ବୁମରାଙ୍କୁ ୧୮ କୋଟି ଟଙ୍କା ମିଳିବ। ଏହି ଚାରିଜଣଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ରଖିଥିଲା। ବିରାଟ କୋହଲିଙ୍କ ଦରମା ୨୧ କୋଟି ଟଙ୍କା ହେବ। ତାଙ୍କୁ ବେଙ୍ଗାଲୁରୁରେ ରଖାଯାଇଥିଲା। ସଞ୍ଜୁ ସାମସନ ଏବଂ ଯଶସ୍ୱୀ ଜୟସ୍ୱାଲଙ୍କ ଦରମା ୧୮ କୋଟି ଟଙ୍କା ହେବ। ଉଭୟଙ୍କୁ ରାଜସ୍ଥାନ ରଖିଛି। ଯେଉଁଠାରେ ଶିବ ଦୁବେଙ୍କ ଦରମା ୧୨ କୋଟି ଏବଂ ରବିନ୍ଦ୍ର ଜାଡେଜାଙ୍କ ଦରମା ୧୮ କୋଟି ଟଙ୍କା ହେବ। ଚେନ୍ନାଇ ସୁପର କିଙ୍ଗ୍ସ ଉଭୟଙ୍କୁ ବଜାୟ ରଖିଥିଲେ।

ଅକ୍ଷର ପଟେଲ ୧୬.୫୦ କୋଟି ଏବଂ କୁଲଦୀପ ଯାଦବ ୧୩.୨୫ କୋଟି ଟଙ୍କା ରୋଜଗାର କରିବେ। ଉଭୟଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ରଖିଛି। ଅର୍ଶଦୀପ ସିଂଙ୍କୁ ନିଲାମରେ ପଞ୍ଜାବ କିଙ୍ଗସ ୧୮ କୋଟି ଟଙ୍କାରେ କିଣିଥିଲେ। ଏଥି ସହିତ ପଞ୍ଜାବ ଯୁଜବେନ୍ଦ୍ର ଚହଲଙ୍କ ଉପରେ ୧୮ କୋଟି ଟଙ୍କାର ଟେଣ୍ଡର କରିଥିଲା। ମହମ୍ମଦ ସିରାଜ ୧୨.୨୫ କୋଟି ଟଙ୍କାରେ ସନରାଇଜର୍ସ ହାଇଦ୍ରାବାଦ ଦଳକୁ ଯାଇଥିଲେ। ଏଥି ସହିତ ରିଷଭ ପନ୍ତଙ୍କୁ ଲକ୍ଷ୍ନୌ ସୁପର ଜିଆଣ୍ଟସ ୨୭ କୋଟି ଟଙ୍କାରେ କିଣିଥିଲେ। ବିଶ୍ୱକପ ଦଳରେ ଅନ୍ତର୍ଭୁକ୍ତ ୧୫ଜଣ ଖେଳାଳିଙ୍କ ମଧ୍ୟରୁ କେବଳ ତିନି ଜଣଙ୍କୁ ୧୫ କୋଟିରୁ କମ ରୋଜଗାର କରୁଥିବା ଦେଖିବାକୁ ମିଳିବ। ଅବଶିଷ୍ଟ ୧୨ ଜଣଙ୍କ ଦରମା ୧୫ କୋଟିରୁ ଅଧିକ। କେବଳ ତିନିଜଣ ଅଛନ୍ତି,ଯେଉଁମାନେ ୧୫ କୋଟିରୁ କମ ଟଙ୍କା ପାଇବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶ୍ୱଗୁରୁ...

ବିଶ୍ୱର ମାନଚିତ୍ରରେ ପ୍ରାଥମିକତା ଦେବାକୁ ଚାହୁଁଛୁ । ପ୍ରବାସୀ ଭାରତୀୟ ଦିବସର ଆୟୋଜନ ଶାନଦାର ଢଙ୍ଗରେ କରିବାକୁ ପ୍ରଧାନମନ୍ତ୍ରୀ ମୋଦୀ ପରାମର୍ଶ ଦେଇଥିଲେ । ଓଡ଼ିଶାର ପ୍ରତ୍ୟେକ ଲୋକ ଅନୁଭବ କରିବା ଦରକାର ଯେ, ବିଶ୍ୱର ଲୋକମାନେ ତାଙ୍କ ଘରକୁ ଆସୁଛନ୍ତି ଓ ସେଭଳି ପ୍ରସ୍ତୁତି କରିବାକୁ ସେ ଆହ୍ୱାନ କରିଥିଲେ । ଆମେ ସମସ୍ତେ ମିଶି ଓଡ଼ିଶାର ଗୌରବ ବୃଦ୍ଧି କରିବା । ଡବଲ ଇଞ୍ଜିନ ସରକାରର ସୁଫଳ ମିଳିବା ଆରମ୍ଭ ହୋଇଛି । ବିକାଶର ଗତି ଅଭୂତପୂର୍ବ । ରାଜ୍ୟର ବିଜେପି ସରକାର ଏଠାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଉପରେ ଗୁରୁତ୍ୱ ଦେଉଛି ।

ପ୍ରଧାନମନ୍ତ୍ରୀ ମୋଦୀ କଂଗ୍ରେସର ନାଁ ନେଇ କଡ଼ା ଭାଷାରେ ସମାଲୋଚନା କରିଛନ୍ତି । ରାଜନୀତିରେ 'ନୀତିଗତ ବିରୋଧ' ରହିବା ସ୍ୱାଭାବିକ କଥା । ଯେକୌଣସି ନିଷ୍ପତ୍ତିକୁ ନେଇ ଭିନ୍ନ ଭିନ୍ନ ମତ ରହିବ । ରାଜନୀତିକ ଦଳଗୁଡ଼ିକ ଭିନ୍ନ ଭିନ୍ନ କଥା ଲୋକଙ୍କ ନିକଟକୁ ନେଇଥାନ୍ତି । ସମ୍ବିଧାନର ମର୍ଯ୍ୟାଦା ଭିତରେ ରହି ନିଜର ବିଚାର ପରିପ୍ରକାଶ କରିଥାନ୍ତି । କିନ୍ତୁ ବିଗତ କିଛି ଦିନରେ ଏକ ବଡ଼ପରିବର୍ତ୍ତନ ଅନୁଭବ କରୁଥିବେ । ଗଣତନ୍ତ୍ରର ସବୁ ସୀମାକୁ ଉଲ୍ଲଙ୍ଘନ କରାଯାଉଛି । ଯେଉଁମାନେ କ୍ଷମତାକୁ ନିଜର ଜନ୍ମଗତ ଅଧିକାର ଭାବୁଥିଲେ ସେମାନେ କେନ୍ଦ୍ରରେ ଶାସନ ପ୍ରାୟ ଏକ ଦଶନ୍ଧି ଧରି ହରାଇଛନ୍ତି। ଏହି ଆକ୍ରୋଶ ସେମାନେ ଲୋକଙ୍କ ଉପରେ ଶୁଝାଉଛନ୍ତି । ଦେଶକୁ ଭୁଲ୍ ବାଟରେ ନେବା ପାଇଁ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି । ମିଛ ଓ ଅପପ୍ରଚାରର ଅଭିଯାନକୁ ଅଧିକ ଜୋରଦାର କରିବାରେ ଲାଗିଛନ୍ତି ।

ତେଣୁ ବିଜେପିର କର୍ମୀମାନଙ୍କ ସମେତ ଯେଉଁମାନେ ସମ୍ବିଧାନର ସମ୍ମାନ କରୁଛନ୍ତି,ଯିଏ ଗଣତନ୍ତ୍ରରେ ବଂଚୁଛନ୍ତି, ଯିଏ ଦେଶକୁ ଭଲ ପାଉଛନ୍ତି ସେମାନଙ୍କ ପାଇଁ ଏଭଳି ଲୋକଙ୍କ ଉଦ୍ଦେଶ୍ୟ ଓ କାର୍ଯ୍ୟ ବହୁତବଡ଼ ଚ୍ୟାଲେଞ୍ଜ ପାଲଟିଛି। ତେଣୁ କ୍ଷମତାଲୋଭୀ ଲୋକମାନଙ୍କ ପ୍ରତି ସତର୍କ ରହିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଓଡ଼ିଶା ପାଇଁ ଆଜି ଐତିହାସିକ ଦିନ । ପ୍ରଧାନମନ୍ତ୍ରୀଙ୍କ ଏହା ହେଉଛି ଓଡ଼ିଶାକୁ ତୃତୀୟ ଗସ୍ତ। ଭୁବନେଶ୍ୱରରେ ପ୍ରଥମଥର ପାଇଁ ଓଡ଼ିଶାରେ ଡିଜିପି ସମ୍ମିଳନୀ ଆୟୋଜନ କରିବା ପାଇଁ ସୁଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛି । ପ୍ରଧାନମନ୍ତ୍ରୀଙ୍କ ଆଶୀର୍ବାଦରେ ଆମ ସରକାର ଦକ୍ଷତାର ସହ ଓଡ଼ିଶାବାସୀଙ୍କ ସେବା କରିଚାଲିଛି । ଆମର ୫ମାସର ସରକାର ଅତ୍ୟନ୍ତ ଘଟଣାବହୁଳ ହୋଇଛି। ସବକା ସାଥ,ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସକୁ ମୂଳମନ୍ତ୍ର କରି ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରୁଛି। ଉତ୍କର୍ଷ ଓଡ଼ିଶା ମାଧ୍ୟମରେ ମୋଟ ୧.୮୦ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇ ଅନୁମୋଦନ ସହ ୧.୧୦ଲକ୍ଷ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି । ଖୁବକମ୍ ଦିନରେ ୧୮ହଜାର ସରକାରୀ ନିଯୁକ୍ତି ମଧ୍ୟ ପ୍ରଦାନ କରାଯାଇଛି । 'ଉତ୍କର୍ଷ ଓଡ଼ିଶା' ସମ୍ମିଳନୀ ଜାନୁୟାରୀ ୨୮ରେ ହେବ, ସେତେବେଳେ ବି ଆହୁରି ଅଧିକ ପୁଞ୍ଜି ଆସିବ । ଆମ ସରକାର ଏକ ସମ୍ବେଦନଶୀଳ ସରକାର ଭାବେ ସମସ୍ତଙ୍କ ପ୍ରତି ଯତ୍ନବାନ ଅଛନ୍ତି । ପ୍ରଧାନମନ୍ତ୍ରୀ ୨୦୪୭ ମସିହା ସୁଦ୍ଧା 'ବିକଶିତ ଭାରତ' ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି ସେଥିରେ ଓଡ଼ିଶାର ବହୁତ ବଡ଼ ଯୋଗଦାନ ରହିଛି। ୨୦୩୬ ମସିହାରେ ଯେବେ ଓଡ଼ିଶା ପ୍ରଦେଶ ଗଠନର ୧୦୦ବର୍ଷ ପୂରଣ ହେବ, ସେବେ 'ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା' ଗଠନ ହେବ ଯାହାକି 'ବିକଶିତ ଭାରତ' ନିର୍ମାଣରେ ବିଶେଷ ସହଯୋଗ ହେବ । କେନ୍ଦ୍ର ସରକାର ଓଡ଼ିଶାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ।

ଓଡ଼ିଶା ପୂର୍ବୋଦୟ ବିକାଶର କେନ୍ଦ୍ରବିନ୍ଦୁ ହେବାସହିତ ଦେଶର ବିକାଶର ରେଳରେ ପ୍ରଥମ ବଗି ହେବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଏହାକୁ ସାକାର ରୂପ ଦେବାପାଇଁ ଡବଲ ଇଞ୍ଜିନ ସରକାର ନିଶ୍ଚୟ ଏକ ଆହ୍ୱାନର ସହ କାର୍ଯ୍ୟ କରିବ ବୋଲି ଶ୍ରୀ ମାଝୀ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ,ଜୁଏଲ ଓରାମ ଓ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ସମେତ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ରାଜ୍ୟର ମନ୍ତ୍ରୀମାନେ ଉପସ୍ଥିତ ଥିଲେ ।

### ୧୫ ବର୍ଷ ...

ରାଜ୍ୟରେ ବିଜେପି ପ୍ରଥମ ଥର ପାଇଁ ଏକାକି ସରକାର ଗଠନ କରିଛି। ଏବେ ଅଫିସରମାନେ ପୂର୍ବ ସରକାରର ଦୁର୍ଗୁଣ କହି ଟ୍ରାନ୍ସଫର ପୋଷ୍ଟିଂ ପାଇଁ ଅପିଲ କରିପାରନ୍ତି। ଏହି ଟ୍ରାପରୁ ଦୂରେଇ ରହିବାକୁ ବିଧାୟକ ଓ ମନ୍ତ୍ରୀଙ୍କୁ ମୋଦି ପରାମର୍ଶ ଦେଇଛନ୍ତି। ବିରୋଧୀ ଦଳ ଓ ବିଜେପି ମଧ୍ୟରେ ପ୍ରଚାର ଓ ବାସ୍ତବତା ମଧ୍ୟରେ ଯେତିକି ତଫାତ ସେଇ ତଫାତ ରହିଛି। ବିରୋଧୀ ଦଳ ସ୍ୱପ୍ନ ଦେଖାଇ ୧୫ ବର୍ଷ ସରକାରରେ ରହିବେ। ବିଜେପି କିନ୍ତୁ ଯେଉଁ ପ୍ରତିଶୃତି ଦିଏ ତାକୁ ପୂରଣ କରି ୧୫ ବର୍ଷ ସରକାରରେ ରହିଛି। ତେଣୁ ଓଡିଶାରେ ମଧ୍ୟ ବିଧାୟକ ଓ ସାଂସଦମାନେ ବିକାଶମୂଳକ କାମର ପ୍ରତିଶୃତିକୁ ବାସ୍ତବ ରୂପ ଦେବାକୁ ଚେଷ୍ଟା କରନ୍ତୁ। ଆଉ ଏହି ବିକାଶର ସଠିକ ଢଙ୍ଗରେ ପ୍ରଚାର କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସବୁ ବିକାଶମୂଳକ କାମରେ ଅଫିସରଙ୍କ ସହଯୋଗ କରିବାକୁ ସେ ବିଧାୟକ ଓ ମନ୍ତ୍ରୀଙ୍କୁ କହିଛନ୍ତି।

ଏଥିସହ ବିରୋଧୀ ଦଳ କରୁଥିବା ଅପପ୍ରଚାରର ଦୃଢ଼ଭାବେ ମୁକାବିଲା କରିବାକୁ ସେ ସବୁ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି।

ଏଇ ପାଞ୍ଚ ବର୍ଷ ସରକାରକୁ ଆସିଛି ଭାବି କାମ କରନି। ଆଗାମୀ ୧୫ ବର୍ଷ ପାଇଁ କିଭଳି ରାଜ୍ୟରେ ବିଜେପି ସରକାରରେ ରହିବ ସେନେଇ ଦଳର ସବୁ ସ୍ତରର ନେତା ଓ କର୍ମୀମାନେ ଏକ ହୋଇ କାମ କରନ୍ତୁ।

ଗାଁରେ ପଡିଥିବା ଏକ ଯାତ୍ରାପାର୍ଟିର ଉଦାହାରଣ ଦେଇ ସେ କହିଥିଲେ ଯେ, ଏକଦା ଏକ ଗାଁରେ କ୍ରାମାଗତ ଭାବେ କିଛିଦିନ ଧରି ଚାଲିଥିବା ଯାତ୍ରାକୁ ଦର୍ଶକ ନାପସନ୍ଦ କରି ଗାଳିଗୁଲଜ କରିଥିରେ।

ଏଥିରେ ଅତିଷ୍ଟ ହୋଇ ଯାତ୍ରାପାର୍ଟି ମାଲିକ କହିଲେ ଆମକୁ କାହିଁକି ଗାଳି ଦେଉଛ, ଆମକୁ ଯିଏ ଆଣିଛି ତାକୁ ଗାଳି ଦିଅ। ଠିକ ସେହିଭଳି ଲୋକମାନେ ଆମ କାମରେ ଅତିଷ୍ଟ ହେବା ଭଳି ପରିସ୍ଥିତ ସୃଷ୍ଟି ନହେଉ ବୋଲି ମୋଦି କହିଥିଲେ। ଏହି ଆଲୋଚନା ବେଳେ ସେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କୁ ମନେ ପକାଇଥିଲେ। କାରଣ ତାଙ୍କ ସହ ସେ ରାଜନୀତି ଆରମ୍ଭ କରିଥିଲେ।

### ଶୂନ୍ୟ ସହନଶୀଳ...

ସେ କହିଥିଲେ ଯେ ଏସବୁ ନୂଆ ଆଇନର ମୂଳ ଭାବନା ଭାରତୀୟ ପରମ୍ପରା ଦ୍ୱାରା ଅନୁପ୍ରାଣିତ।କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ସମ୍ପୂର୍ଣ୍ଣ ବିକଶିତ ରାଷ୍ଟ୍ର ଏବଂ ୨୦୨୭ ମସିହା ସୁଦ୍ଧା ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ, ଦେଶର ପୂର୍ବ ସୀମାରେ ପରିବର୍ତ୍ତନଶୀଳ ସୁରକ୍ଷା ଆହ୍ୱାନ, ପ୍ରବାସ ଧାରା ଏବଂ ସହରୀ ପୁଲିସ ବ୍ୟବସ୍ଥା ଭଳି ବିଷୟ ଉପରେ ଧ୍ୟାନ ଦିଆଯିବା ଉଚିତ । ଶୂନ୍ୟ ସହନଶୀଳତା ନୀତି କାର୍ଯ୍ୟକାରୀ କରିବା ପାଇଁ ଶୂନ୍ୟ ସହନଶୀଳତା ରଣନୀତି ଏବଂ ଶୂନ୍ୟ ସହନଶୀଳତା କାର୍ଯ୍ୟାନୁଷ୍ଠାନ ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ଅମିତ ଶାହ ଆହ୍ୱାନ ଦେଇଥିଲେ।ଦେଶର ଶୀର୍ଷ ପୁଲିସ ନେତୃତ୍ୱ ଆଗାମୀ ଦୁଇ ଦିନ ମଧ୍ୟରେ ବାମପନ୍ଥୀ ଉଗ୍ରବାଦ, ଉପକୂଳ ସୁରକ୍ଷା, ନିଶାଦ୍ରବ୍ୟ କାରବାର, ସାଇବର ଅପରାଧ ଏବଂ ଆର୍ଥିକ ସୁରକ୍ଷା ସମେତ ସାମ୍ପ୍ରତିକ ଓ ଭବିଷ୍ୟତର ଜାତୀୟ ସୁରକ୍ଷା ଆହ୍ୱାନର ମୁକାବିଲା ପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବେ। ଏହା ସହିତ, ୩ଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଏବଂ ପୁଲିସ ବ୍ୟବସ୍ଥା ସହ ଜଡ଼ିତ ସର୍ବୋତ୍ତମ ଅଭ୍ୟାସର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯିବ।

### ଲଲଙ୍କ...

କରିଥିବାବେଳେ ପୂର୍ବରୁ ଏହି ମାମଲାର ଅଭିଯୋଗକାରୀ ଥିବା ମଦନ ନାୟକ ନାମକ ଚାଷୀ କୋର୍ଟରେ ପହଞ୍ଚି ସତ୍ୟପାଠ ମାଧ୍ୟମରେ ମାମଲା ପ୍ରତ୍ୟାହାର ପାଇଁ ଜଣାଇଥିଲେ। ଏହାବ୍ୟତୀତ ଲଲଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବାରୁ ସେ ତାଙ୍କର ଚିକିତ୍ସା ପାଇଁ ୨୨ ତାରିଖରେ ମୁମ୍ବାଇ ଯିବାକୁ ଫ୍ଲାଇଟ୍ ଟିକେଟ୍ କରିଥିଲେ। ମାତ୍ର ପୋଲିସ ତାଙ୍କୁ ୨୧ତାରିଖ ମଧ୍ୟ ରାତ୍ରିରେ ଗିରଫ କରି କୋର୍ଟଚାଲାଣ କରିଥିଲା।

ଏହି ମାମଲାରେ ଜାମିନ୍ ଦିଆଯିବା ପାଇଁ ଓକିଲ ଯୁକ୍ତି ବାଢ଼ିଥିଲେ। ଏହି ଯୁକ୍ତିକୁ ଭିତ୍ତିକରି ଦୌରାଜଜ୍ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସୂଚନାଥାଉ କି, ଯାଜପୁର ଟାଉନ୍‌ସ୍ଥିତ ବିରଜା ହାଟର ନବୀକରଣ ପାଇଁ ପୂର୍ବର ବିଜେଡି ସରକାର ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ହାଟକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ନୂଆ ସ୍ଥାନରେ ହାଟ ବ୍ୟବସାୟ ଭଲ ନ ହେବାରୁ କ୍ଷୁଦ୍ର ବ୍ୟବସାୟୀ ଏବଂ ଚାଷୀମାନେ ବିରୋଧ କରି ଅନେକ ଥର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଫଳରେ ପୁରୁଣା ସ୍ଥାନରେ ହାଟ ଚଳାଇବାକୁ ଜିଲା ପ୍ରଶାସନ ଅନୁମତି ଦେଇଥିଲା। ଏହାକୁ ବିରୋଧ କରି ବିଜେଡି କର୍ମୀମାନେ ଗତ ୨୦ ତାରିଖରେ ରାସ୍ତାରୋକୋ କରିବାବେଳେ ହିଂସା ଉପୁଜିଥିଲା। ସେହି ବାଟ ଦେଇ ଆସୁଥିବା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ବିଜେଡି କର୍ମୀମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହାସହ ହାଟକୁ ଯାଉଥିବା ବ୍ୟବସାୟୀ ଏବଂ ଚାଷୀମାନଙ୍କୁ ଅଟକାଇବା, ଧମକାଇବା ଆକ୍ରମଣ କରିବା ଏବଂ ଟଙ୍କା ଛଡ଼ାଇ ନେବା ନେଇ ଅଭିଯୋଗ ହୋଇଛି। ଏନେଇ ଲଲଙ୍କ ସମେତ ୧୯ଜଣଙ୍କୁ ଗିରଫ କରାଯାଇଥିବାବେଳେ ଟାଉନ ଓ ସଦର ଥାନାରେ ୧୭ଟି ମାମଲା ରୁଜୁ ହୋଇଛି।

### ଏବେ...

ପକ୍ଷରେ ଭୋଟ ପରେ ପରେ ବିଜେଡି ଓ ନବୀନ ପଟ୍ଟନାୟକଙ୍କ ପ୍ରତି ଲୋକଙ୍କର ଯେଉଁ ସହାନୁଭୂତି ଥିଲା ତାହା ଧିରେ ଧିରେ ହ୍ରାସ ପାଇବାରେ ଲାଗିଛି। ରାଜନୀତିରୁ ସନ୍ୟାନ ନେଇଥିବା ଭି କେ ପାଣ୍ଡିଆନ ପରଦା ପଛରେ ରହି ବିଜେଡିର ମାର୍ଗଦର୍ଶକ ସାଜିବାକୁ ଦଳ ଭିତରେ ଅନେକ ସହଜରେ ଗ୍ରହଣ କରିପାରୁ ନାହାନ୍ତି ।

ପାଣ୍ଡିଆନ ମଧ୍ୟ ଧିରେ ଧିରେ ପଦାକୁ ଆସିବା ଆରମ୍ଭ କରିଛନ୍ତି । ତେଣୁ ନିର୍ବାଚନ ପରାଜୟ ପାଇଁ ବିଜେଡିର ଗୋଟିଏ ବଡ ଗୋଷ୍ଠି ପାଣ୍ଡିଆନଙ୍କୁ ଦାୟୀ କରୁଥିବାବେଳେ ସେମାନେ କିଛି ବଡ ନିଷ୍ପତ୍ତି ଯେ ନ ନେବେ ତାହା କହିହେବନାହିଁ ।

ଗୋଟିଏ ପଟେ ବିଜେଡିରେ ଧିରେ ଧିରେ ଅସନ୍ତୁଷ୍ଟ ବଢିବା ଓ ଅନ୍ୟ ପଟେ ବିଜେପିର ଶୀର୍ଷନେତାଙ୍କ ଘନ ଘନ ଓଡ଼ିଶା ଗସ୍ତ ଏବେ ବିଜେଡି ଉପରେ କଳାବାଦଲ ସଦୃଶ୍ୟ ହୋଇଥିବାବେଳେ ଦଳ ପାଇଁ ଏବେ ଘାଟ ଜଗିବାର ବେଳ ବୋଲି ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି ।

# ଅବହେଳିତ ୮୦ ବର୍ଷର ପୁରାତନ ବିବିୟୁପି ସ୍କୁଲ

**ନାଉଗାଁ, ୨୯।୧୧ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡା ବାଲିସାହି ଠାରେ ସ୍ୱାଧୀନତା ପୂର୍ବରୁ ବିଟ୍ରିସ ଅମଳରୁ ୧୯୪୫ ମସିହା ସମୟରେ ଗମନା ଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଅବହେଳିତ ହୋଇ ରହିଥିବା ସମୟରେ ଗଢି ଉଠିଥିଲା ବିପିନ ବିହାରୀ ୟୁପି ବିଦ୍ୟାଳୟ । ସେହି ସମୟରେ ଗାଁ ଚାଟଶାଳୀ ଛାଡିଦେଲେ ଶିକ୍ଷା ଦାନ ପାଇଁ ଆଉ କୌଣସି ଶିକ୍ଷାନୁଷ୍ଠାନ ନଥିଲା ନାଉଗାଁ ଅଞ୍ଚଳରେ । ଏହି ସମୟରେ ଶିକ୍ଷାର ଉନ୍ନତି, ବିକାଶ ଓ ସାମାଜିକ ନ୍ୟାୟ ପାଇଁ ବିଦ୍ୟାଳୟଟିଏ ସ୍ଥାପନ କରିବା ପାଇଁ ନାଉଗାଁ ଅଞ୍ଚଳ ତଥା ବାଲିସାହି ଗ୍ରାମର ତତ୍କାଳୀନ ଜମିଦାର ଚୌଧୁରୀ ବିପିନ ବିହାର ଦାସଙ୍କ ଉଦ୍ୟମରେ ପ୍ରତିଷ୍ଠା ହୋଇଥିଲା ଏହି ବିଦ୍ୟାଳୟ। ଯାହାକି ସେ ସମୟରେ ବିପିନୀ ବିହାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ନାମରେ ପ୍ରତିଷ୍ଠିତ ଲାଭ କରିଥିଲା। ବହୁ ମେଧାବୀ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ଅଧ୍ୟୟନ କରି ବହୁ ସୁନାମ ଅର୍ଜନ କରିବା ସହିତ ଦେଶ ଓ ବିଦେଶରେ ନିଜର ଖ୍ୟାତି ଅର୍ଜନ କରିଛନ୍ତି ।




କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ନାଉଗାଁ ବ୍ଲକର ସର୍ବ ପୁରାତନ ଏହି ପ୍ରତିଷ୍ଠିତ ବିଦ୍ୟାଳୟ ନାଉଗାଁ ଅଞ୍ଚଳର ଶିକ୍ଷା କ୍ଷେତ୍ରର ଏକ ମୁଖଶାଳା ପାଲଟିଥିବା ପୁରାତନ ବିଦ୍ୟାଳୟଟି ଏବେ ସମ୍ପୂର୍ଣ୍ଣ ଅବହେଳିତ। ଉକ୍ତ ପୁରାତନ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮ଟି ଶ୍ରେଣୀ ଥିବାବେଳେ ପାଞ୍ଚ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ହେଲେ ଏବେ ଏହି ବିଦ୍ୟାଳୟରେ ନାନା ପ୍ରକାରର ସମସ୍ୟା ଦେଖାଦେଇଛି। ଉକ୍ତ ପୁରାତନ ବିଦ୍ୟାଳୟରେ ଖେଳ ପଡିଆଟିଏ ନଥିବା ବେଳେ ବିଦ୍ୟାଳୟର ଚତୁର୍ପାଶ୍ୱରେ ସମ୍ପୂର୍ଣ୍ଣ ପାଚେରୀ ନାହିଁ। ଏହି ପୁରାତନ ବିଦ୍ୟାଳୟ ପରିସରେ ନିର୍ମାଣ ହୋଇଥିବା ପୁରାତନ ଆଜବେଷ୍ଟ ଗୃହ ଏବେ ବିପଦ ସଂକୁଳ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିବା ବେଳେ ବାତ୍ୟା ଆଶ୍ରୟସ୍ଥଳଟି ଏବେ ବିପଦ ସଂକୁଳ ଅବସ୍ଥାରେ ରହିଛି। ଯାହାକି ଛାତ୍ରଛାତ୍ରୀମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି । ୨୦୧୦ ମସିହାରେ କମ୍ପୁଟର ଶିକ୍ଷାର ଉନ୍ନତିକରଣ ପାଇଁ ଛାତ୍ରଛାତ୍ରୀଙ୍କୁ କମ୍ପୁଟର ଶିକ୍ଷାର ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏଠାରେ କୌଣସି କମ୍ପୁଟର ପ୍ରଶିକ୍ଷକ ନଥିବାବେଳେ କମ୍ପୁଟର ଗୁଡିକ ଅଚଳ ଅବସ୍ଥାରେ ପଡ଼ିରହିଛି। ଯାହାଫଳରେ ଛାତ୍ର ଛାତ୍ରୀ ମାନେ ଆଧୁନିକ ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ୮ଟି ଶ୍ରେଣୀକୁ ପାଞ୍ଚଜଣ ଶିକ୍ଷକ ଯିଏକି ମଧ୍ୟାହ୍ନଭୋଜନ, ବିଭିନ୍ନ ସରକାରୀ କାର୍ଯ୍ୟ ଓ ଟ୍ରେନିଙ୍ଗ କାର୍ଯ୍ୟରେ ଯାଉଥିବା ବେଳେ ବିଦ୍ୟାଳୟରେ ଏକ ପ୍ରକାର ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଥାଏ।

ସ୍ୱାଧୀନତାର ପୂର୍ବ କାଳର ବିଦ୍ୟାଳୟ ହୋଇ ମଧ୍ୟ ଏଠାରେ ଶିକ୍ଷକ ଅଭାବ ରହିବା ସତ୍ତ୍ୱେ ୨୦୧୬ ମସିହା ଠାରୁ ପିଅନ ପଦବୀଟି ଖାଲି ପଡିଛି। ଅନୁରୂପ ଭାବେ ଶାରୀରିକ ଖେଳ ଶିକ୍ଷକ, ପିଅନ ପଦବୀ ଏବଂ କମ୍ପୁଟର ଶିକ୍ଷକ ପଦବୀ ଫାଙ୍କା ପଡିଛି। ସ୍ୱାଧୀନତା ପୂର୍ବର ପୁରାତନ ବିଦ୍ୟାଳୟ ଭାବେ ଏହି ବିଦ୍ୟାଳୟର ସ୍ୱତନ୍ତ୍ର ଖ୍ୟାତି ଥିବାବେଳେ ଶିକ୍ଷା ବିଭାଗର ଏହି ଚରମ ଅବହେଳା ପାଇଁ ଏହି ଅନୁଷ୍ଠାନ ତାର ପୂର୍ବ ଗୌରବ ହରାଉଥିବା ଦେଖିବାକୁ ମିଳିଛି । ଯାହାକି ଛାତ୍ରଛାତ୍ରୀ, ଅଭିଭାବକ ଏବଂ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି ।

## ଗୁଣୁପୁର ଆଇଟିଡିଏ କାର୍ଯ୍ୟାଳୟରେ ଅଚଳାବସ୍ଥା




**ରାୟଗଡ଼ା, ୨୯।୧୧ (ସଂଚାର ବ୍ୟୁରୋ) :** ଗୁଣୁପୁର ଆଇଟିଡିଏ କାର୍ଯ୍ୟାଳୟରେ ଦୀର୍ଘଦିନ ହେଲାଣି ଅଚଳାବସ୍ଥା ଜାରି ରହିଛି। ଅଧିକାରୀ ଙ୍କ ଘନଘନ ବଦଳି ଯୋଗୁଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ସମ୍ପ୍ରତି ଅଧିକାରୀଙ୍କ ମାସେ ନପୁରୁଣୁ ପୁଣି ବଦଳି ନିର୍ଦ୍ଦେଶ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାସ ମାସ ଧରି ଉକ୍ତ ପଦବୀ ଖାଲି ପଡୁଥିବାରୁ ଅଞ୍ଚଳର ବିଭିନ୍ନ ପ୍ରକାର ବିକାସ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି।ଗତ ମାସକ ତଳେ ନିଯୁକ୍ତି ପାଇଥିବା ରାୟଗଡ଼ା ଜିଲ୍ଲା ଗୁଣପୁର ଆଇଟିଡିଏର ପ୍ରକଳ୍ପ ପ୍ରଶାସକଙ୍କୁ ଆଜି ପୁଣି ବଦଳି ହୋଇଛି। ୧୧ ମାସ ଧରି ଏହି ପଦବି ଖାଲି ରହିବା ପରେ ପୂରଣ ହୋଇଥିଲା। ଗତମାସ ୨୯ ତାରିଖରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପାରଳାଖେମୁଣ୍ଡିର ପୂର୍ବତନ ବିଡିଓ ଅଜୟ କୁମାର ପ୍ରଧାନଙ୍କୁ ଗୁଣପୁର ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଭାବେ ସରକାର ନିଯୁକ୍ତି କରିଥିଲେ। ଆଜି ସରକାର ପୁଣି ଏକ ବଦଳି ତାଲିକା ପ୍ରକାଶ କରିଛନ୍ତି। ଏଥିରେ ନୂଆକରି ନିଯୁକ୍ତି ପାଇଥିବା ଶ୍ରୀ ପ୍ରଧାନଙ୍କୁ ରାୟଗଡ଼ା ପିଏ ଆଇଟିଡିଏ ଭାବେ ନିଯୁକ୍ତି ଦେଇଛନ୍ତି। ମାସକ ମଧ୍ୟରେ ନୂଆ ନିଯୁକ୍ତି ଓ ପୁଣିଥରେ ବଦଳିକୁ ନେଇ ରାଜନୈତିକ ମହଲରେ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି।ଏବେ ଗୁଣପୁରରେ ପୁଣି ନୂଆକରି କିଏ ନିଯୁକ୍ତି ପାଇବେ ତାକୁ ସମସ୍ତେ ଚାହିଁ ବସିଛନ୍ତି।

- ମାସେ ନ ପୁରୁଣୁ ଅଧିକାରୀଙ୍କୁ ବଦଳି
- ଆଦିବାସୀ ଅଞ୍ଚଳରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ

## ଗଞ୍ଜେଇ ସହ ସ୍କର୍ପିଓ ଜବତ, ୫ ଗିରଫ

**ସୁବର୍ଣ୍ଣପୁର, ୨୯।୧୧ (ସଂଚାର ବ୍ୟୁରୋ) :** ଆଜି ସହରର କୁଞ୍ଜ ଛକ ପାଖରୁ ଜିଲ୍ଲା ଅବକାରୀ ବିଭାଗ ପାଞ୍ଚ ଜଣ ଚୋରା ଚାଲାଣ କରୁଥିବା ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ସୋନପୁର - ବୌଦ୍ଧ ରାସ୍ତାରେ ଯାଞ୍ଚ କରୁଥିବା ବେଳେ ବୌଦ୍ଧ ପଟରୁ ଆସୁଥିବା ଏକ ମାହିନ୍ଦ୍ରା ସ୍କର୍ପିଓ ଗାଡ଼ି ନଂ ଓଡି୧୫ଏଏ-୬୩୩୧କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୨ ଟି ଜରି ଅଖାରେ ଭର୍ତ୍ତି ଥିବା ୫୦ କେଜି ଗଞ୍ଜେଇ ଜବତ କରିବା ସହ ଗାଡିରେ ଥିବା ୫ ଜଣ ବେପାରୀ ଆସାମର କରୀମଗଞ୍ଜ ଜିଲ୍ଲା ନିବାସୀ ମହଫୁଜ ହୁସେନ(୨୪), ବରଗଡ ଜିଲ୍ଲା ବୁଡେନ ଥାନା ଅଞ୍ଚଳର ମନୋଜ ସାହୁ(୨୮), ଝାରବନ୍ଧ ଥାନା ଅନ୍ତର୍ଗତ ତୁର୍ଲା ର ସତ୍ୟାନନ୍ଦ ବେହେରା (୩୧) ଏବଂ ଝାରସୁଗୁଡ଼ା ଟାଉନ ଥାନା ଅଞ୍ଚଳ ର ଝୋଥିକା ଦାସ(୨୫), ଲଇକେରା ଥାନା କିମିରା ର ଜୀତେନ୍ଦ୍ର ପଟେଲ(୨୮)କୁ ଗିରଫ କରିଛି ଅବକାରୀ ବିଭାଗ। ଅବକାରୀ ଏସପି ପ୍ରବୀର ସାମଲ ଙ୍କ ନିର୍ଦ୍ଦେଶରେ ଏହି ଚଢାଉ ରେ ଅବକାରୀ ଇନ୍ସପେକ୍ଟର ପ୍ରକାଶ ସା ଙ୍କ ନେତୃତ୍ୱରେ ବିଭାଗ ର କର୍ମଚାରୀମାନେ କୁଞ୍ଜ ଛକ ପାଖରେ ଅପରାହ୍ନ ୩ଟା ବେଳେ ଏହି ଚଢାଉ କରିଥିବା ବେଳେ ପରେ ସନ୍ଧ୍ୟା ପ୍ରାୟ ୭ ଟା ବେଳେ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ। ତେବେ ଅଭିଯୁକ୍ତ ମାନଙ୍କୁ ଗୁରୁବାର କୋର୍ଟ ଚଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।



## ମୁକୁଳା ଟ୍ରାନ୍ସଫର୍ମର ପ୍ରତି ବିଦ୍ୟୁତ ବିଭାଗର ନିଘା ନାହିଁ

**କାକଟପୁର/ଅସ୍ତରଙ୍ଗ, ୨୯।୧୧ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ସାମ୍ନାରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଅସୁରକ୍ଷିତ ଅବସ୍ଥାରେ ରହିଛି। ଏହି ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସିଲେ ମୃତ୍ୟୁ ହେବା ସୁନିଶ୍ଚିତ। ଏହା ଜାଣି ମଧ୍ୟ ବିଦ୍ୟୁତ ବିଭାଗର ଏଥିପ୍ରତି ନିଘା ନାହିଁ। ବିଦ୍ୟୁତ ବିଭାଗର ଅଧିକାରୀମାନେ ଟ୍ରାନ୍ସଫର୍ମର ସ୍ଥାପନା କରିବା ସ୍ଥାନକୁ ବାଡ଼ ଦେଇ ଅବା ପାଚେରୀ କରି ସୁରକ୍ଷିତ ରଖିବା ପାଇଁ ପ୍ରୟାସ କରି ନାହାନ୍ତି। ଟ୍ରାନ୍ସଫର୍ମର ଥିବା ସ୍ଥାନଟି ଏକ ଜନଗହଳି ପୂର୍ଣ୍ଣ ସ୍ଥାନ ହୋଇଥିବା ବେଳେ ଏହା ସହ ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହିଛି। ଯଦି କୌଣସି ଦୁର୍ଘଟଣା ଅବା ବୁଲା ଗାଈଗୋରୁ ଏହା ସଂସ୍ପର୍ଶରେ ଆସିଲେ ଅଘଟଣ ଘଟିପାରେ। ଆସନ୍ତା ଦିନରେ ଏଥିଯୋଗୁଁ କୌଣସି ଅଘଟଣ ଘଟିଲେ କାହାକୁ ଦାୟୀ କରାଯିବ ତାକୁ ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି।

ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ସାମ୍ନାରେ ଅବସ୍ଥିତ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ମାତ୍ର ଏହାକୁ ସମ୍ପୂର୍ଣ୍ଣ ଖୋଲା ଛାଡି ଦିଆଯାଇଛି। ଫଳରେ ଟ୍ରାନ୍ସଫର୍ମର ମଧ୍ୟରେ ରହିଥିବା ବିଦ୍ୟୁତ ତାର ଗୁଡିକ ଖୋଲା ମେଲାରେ ରହିଛି। କୌଣସି ବ୍ୟକ୍ତି ଅଜାଣତରେ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସିବା ଅସମ୍ଭବ ନୁହେଁ। ଗୁରୁତ୍ୱପୂର୍ଣ୍ଣ ବିଷୟ ଠିକ ନିକଟରେ ମୁଖ୍ୟ ରାସ୍ତା ଓ ନିକଟରେ ଦୋକାନ ମଧ୍ୟ ରହିଛି। ଏହି ଦୋକାନରୁ ଖାଦ୍ୟ ସାମଗ୍ରୀ କ୍ରୟ କରିବାକୁ ବିଦ୍ୟାଳୟର କୁନି କୁନି ପିଲା, ସ୍ଥାନୀୟ ଅଂଚଳର ଜନସାଧାରଣ ଓ ଅନେକ ସମୟରେ ମାନସିକ ବିକୃତ ଲୋକ ଟ୍ରାନ୍ସଫର୍ମର ନିକଟରେ ଯାତାୟାତ କରିଥାନ୍ତି। ଏଣୁ ଯେକୌଣସି ସମୟରେ କେହି ଏହି ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସିଲେ ଅଘଟଣ ଘଟିବା ସୁନିଶ୍ଚିତ।




**ଅଘଟଣ ଘଟିଲେ ଦାୟୀ କିଏ ?**

ବିଦ୍ୟୁତ ବିଭାଗ ଆଜି ପର୍ଯ୍ୟନ୍ତ ଏହି ୧୦୦ କେଭି ଟ୍ରାନ୍ସଫର୍ମରକୁ କାହିଁକି ସୁରକ୍ଷିତ ଭାବେ ରଖିବା ନିମନ୍ତେ ଚତୁପାର୍ଶ୍ୱରେ ପାଚେରୀ ନିର୍ମାଣ କରି ନାହାନ୍ତି ବୁଝାପଡୁନାହିଁ। ଏମିତି ଅନେକ ଟ୍ରାନ୍ସଫର୍ମର ଅନେକ ସ୍ଥାନରେ ଅଛି ଅସୁରକ୍ଷିତ ଭାବେ।

ଏଣୁ ବିଦ୍ୟୁତ ବିଭାଗ ଏହି ମୁକୁଳା ଟ୍ରାନ୍ସଫର୍ମର ଚତୁପାର୍ଶ୍ୱରେ ପାଚେରୀ ନିର୍ମାଣ କରି ଲୋକଙ୍କୁ ଜୀବନକୁ ସୁରକ୍ଷା ପ୍ରଦାନ କରିବା ନିତ୍ୟାନ୍ତ ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଅନ୍ୟ ପଟେ ଏ ସମ୍ପର୍କରେ ଅସ୍ତରଙ୍ଗ ସେକ୍ସନ ଦାୟୀତ୍ୱରେ ଥିବା ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ବାୟୁବୀର, ଅଗ୍ନିବୀର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**କଣାସ, ୨୯।୧୧ (ସଂଚାର ବ୍ୟୁରୋ) :** କଣାସ ବ୍ଲକର କଣାସ ଠାରେ ପ୍ରତିଷ୍ଠିତ କଣାସ ମହାବିଦ୍ୟାଳୟରେ +୨ ଓ +୩ ଶ୍ରେଣୀର ୧୭୫ଜଣ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଏକ ପ୍ରତିରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ୯ଏଏସ୍‌ସି ଭୁବନେଶ୍ୱର ଶାଖା ତରଫରୁ ସରଜେଣ୍ଟ୍ ରାକେଶ କୁମାର ଶ୍ରୀବାସ୍ତବ ଓ କରପୋରାଲ୍ ରାଜେଶ କୁମାର ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ୍ କରିଥିଲେ। ଅଧ୍ୟାପକ ନିରଞ୍ଜନ ସ୍ୱାଇଁଙ୍କ ଦ୍ୱାରା ପ୍ରାରମ୍ଭିକ ଭାଷଣ ପ୍ରଦାନ ଏବଂ ଅଧ୍ୟକ୍ଷ ଡମ୍ବରଧର ଛୁଆଳସିଂହଙ୍କ ଦ୍ୱାରା ଉଦବୋଧନ ଶହ ଉଭୟ ସେନା ଅଧିକାରୀ ବାୟୁବୀର ଓ ଅଗ୍ନିବୀର ଚୟନ ପ୍ରକୀୟା ବିଷୟରେ ସୁବିସ୍ତୃତ ଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ଶିକ୍ଷାର୍ଥୀମାନେ ସକ୍ରୀୟ ଅଂଶଗ୍ରହଣ କରିଥିଲେ। ସେନା ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ସାଧାରଣ ଜ୍ଞାନ ପଶ୍ନ ଗୁଡିକର ସଠିକ ଉତର ଦେଇ ଛାତ୍ରଛାତ୍ରୀମାନେ ଅଧିକାରୀମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ତଥା ବ୍ୟକ୍ତିତ୍ୱ ଶାଣିତ କରିବାରେ ସହାୟୀକ ହୋଇପାରିବ। ଦେଶ ପ୍ରେମ ଭାବରେ ଉଦ୍‌ବୋଧ ହୋଇ ଶିକ୍ଷାର୍ଥୀମାନେ ଦେଶ ମାତୃକାର ସେବା କରିବା ସୁଯୋଗ ସୃଷ୍ଟିକରି ପାରିବେ ବୋଲି ସେନା ଅଧିକାରୀ ମତ ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଗହଣରେ ଅଧିକାରୀ ମାନଙ୍କ ଏକ ଫଟୋ ଉଠା କାର୍ଯ୍ୟକ୍ରମ କରାଯାଇ ସଭା ସମାପ୍ତ କରାଯାଇଥିଲେ।



## ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ 'ମଣ୍ଡେଇ- ୨୦୨୪' ପାଳନ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା

**ନବରଙ୍ଗପୁର, ୨୯।୧୧ (ସଂଚାର ବ୍ୟୁରୋ) :** ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଣ୍ଡେଇ ମହୋତ୍ସବ -୨୦୨୪ ପାଳନ ଉପଲକ୍ଷେ ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ଲୋକକଳା, ଜୀବନୀ, ସଂସ୍କୃତି ଓ ପରମ୍ପରା ଉପରେ ପର୍ଯ୍ୟବେକ୍ଷିତ ଚିତ୍ରକୁ କଳାକାରମାନେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସର କାନ୍ଥରେ ନିଜର ଚିତ୍ରକଳାକୁ ଆଙ୍କିଛନ୍ତି । ଜିଲ୍ଲାର ବିଭିନ୍ନ ବ୍ଲକ, ପୌରପାଳିକା, ବିଭିନ୍ନ ସ୍କୁଲ୍, କଲେଜରୁ ୩୬ ଜଣ ପ୍ରତିଯୋଗୀ ମାନେ ଭାଗ ନେଇ ନିଜର ଆବଶ୍ୟକୀୟ ସାମଗ୍ରୀରେ ଦୀର୍ଘ ୩ ଘଣ୍ଟା ସମୟ ମଧ୍ୟରେ ଚିତ୍ରକଳାକୁ କାନ୍ଥରେ ଆଙ୍କିଛନ୍ତି। ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ସିନିଅର ଗ୍ରୁପରେ ଟୁନା ସୌରା, ପ୍ରଜ୍ଞାସ୍ମିତା ନାୟକ,ଶଙ୍କର ଯାନି ଏବଂ ସୁପର ସିନିଅର ଗ୍ରୁପରେ ଗୋପାଳ ଶୌରା, ଗୁପ୍ତ କୁମ୍ଭାର ଓ ସୁବାସ ଚନ୍ଦ୍ର ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଲାଭ କରିଛନ୍ତି।ଏହି ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମଣ୍ଡେଇ ପଡିଆ ରେ ପୁରସ୍କୃତ କରାଯିବ। ଚିତ୍ରାଙ୍କନ ରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ପ୍ରଶସ୍ତି ପତ୍ର ପ୍ରଦାନ କରିଥିଲେ।ବିଚାରପତି ରୂପେ ପବିତ୍ର ଦତ୍ତ, ମାଧବ ମଣ୍ଡଳ ଏବଂ ବସନ୍ତ ବେନ୍ୟା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।ପ୍ରତିଯୋଗିତା ଆୟୋଜନରେ ଜିଲ୍ଲା ସଂସ୍କୃତି ଅଧିକାରୀ ଘାଶିଆ ହରିଜନ, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକ, ଡିପିଇଓ ପ୍ରଭାତ ପଟ୍ଟନାୟକ, ଆତ୍ମାରାମ ସାହୁ, ନୀଳକଣ୍ଠ ନାଏକ ଉପସ୍ଥିତ ଥିଲେ।




## ଠିକାସଂସ୍ଥା କରୁଛି ବିଦ୍ୟୁତ୍ ଚୋରି

**ଖବର ପ୍ରକାଶ ପରେ ଷ୍ଟାଟର କାଟି ଆଣିଲା ବିଦ୍ୟୁତ ବିଭାଗ**

**ନୟାଗଡ଼, ୨୯।୧୧ (ସଂଚାର ବ୍ୟୁରୋ) :** ନୟାଗଡ଼ ଟିପିସିଓଡ଼ିଏଲ କାର୍ଯ୍ୟାଳୟରେ ପଡିଛି ସଂଚାର ପ୍ରଭାବ । ଦୀର୍ଘ ମାସ ଧରି ବିଦ୍ୟୁତ ଚୋରି କରୁଥିବା ଠିକାସଂସ୍ଥାର ବିଦ୍ୟୁତ ଖୁଣ୍ଟ ନିକଟରୁ କାଟି ନେଇଛି ତାର ଓ ଷ୍ଟାଟର ମେସିନ । ତେବେ ଯେହେତୁ ବିଦ୍ୟୁତ ଖୁଣ୍ଟ ପାଖରେ କୌଣସି ଲୋକ ନଥିଲେ ତେଣୁ ଫାଇନ ପକାଇବା ଅସମ୍ଭବ। ସୂଚନାନୁସାରେ, ନୟାଗଡ଼ ଷ୍ଟାଡିୟମ୍ ସମ୍ମୁଖରେ ଥିବା ଶ୍ରୀରାମ ବିହାର ରାସ୍ତାରେ ପ୍ରତ୍ୟେକ ଦିନ ବିଦ୍ୟୁତ୍ ଚୋରୀ କରି ପାଣି ଟ୍ୟାଙ୍କର ଭର୍ତ୍ତୀ କରାଯାଉଥିବା ଅଭିଯୋଗ ହୋଇଛି । ୮ ମାସ ଧରି ଉକ୍ତ ସଂସ୍ଥା ବିଦ୍ୟୁତ୍ ଚୋରୀ କରି ଆସୁଥିବା ବେଳେ ପୂର୍ତ୍ତ ବିଭାଗ କି ବିଦ୍ୟୁତ୍ ବିଭାଗ ଏଥିପ୍ରତି ଧ୍ୟାନ ଦେଉନଥିଲା। ତେବେ ଠିକା ସଂସ୍ଥା ଏହାର ସୁଯୋଗ ନେଇ ବିଦ୍ୟୁତ ଖୁଣ୍ଟରୁ ବିଦ୍ୟୁତ ଚୋରୀ କରି ପାଣି ଟ୍ୟାଙ୍କର ଭର୍ତ୍ତି କରି ଠିକାକାମରେ ଲଗାଉଥିଲା। ଏନେଇ ଦୈନିକ ଖବର କାଗଜ 'ସଂଚାର' ଠିକାସଂସ୍ଥା କରୁଛି ବିଦ୍ୟୁତ୍ ଚୋରୀ ଶୀର୍ଷକରେ ଖବର ପ୍ରକାଶ କରିବା ଚେଇଁ ଉଠିଥିଲେ ଟିପିସିଓଡ଼ିଏଲର ଅଧିକ୍ଷଣ ଯନ୍ତ୍ରୀ । ଅଧିକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ବିଦ୍ୟୁତ ଖୁଣ୍ଟରୁ ବିଦ୍ୟୁତ ତାର ଓ ପାଣି ପମ୍ପ ମେସିନର ଷ୍ଟାଟର କାଟି ଆଣିଛନ୍ତି । ତେବେ ବିଦ୍ୟୁତ ଥାନା ନଥିବାରୁ ଏହାର ତଦନ୍ତ କରିବା ଅସମ୍ଭବ । ଉକ୍ତ ସ୍ଥାନରେ କେହି ଜାଣି ନଥିବା କହିବାରୁ କାହା ଉପରେ ଫାଇନ କାଟିବା ଅସମ୍ଭବ। ତେଣୁ ଯିଏ ଷ୍ଟାଟର ଓ ତାର ପାଇଁ ଆସିବ ତାଙ୍କ ଉପରେ ଫାଇନ କଟାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ର ସୂଚନା ଦେଇଛନ୍ତି ।

**ସଂଚାର ପ୍ରଭାବ**

## 'ବିଜେବି ଫ୍ରେଣ୍ଡସ' ପକ୍ଷରୁ ଆନ୍ତଃମହାବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା

**ଭୁବନେଶ୍ୱର, ୨୯।୧୧ (ସଂଚାର ବ୍ୟୁରୋ) :** ବିଜେବି କଲେଜ ପୁରାତନ ଛାତ୍ର ସଂଘ "ବିଜେବି ଫ୍ରେଣ୍ଡସ" ପକ୍ଷରୁ ଆନ୍ତଃ-ମହାବିଦ୍ୟାଳୟ କୁଇଜ ପ୍ରତିଯୋଗିତା ୟୁନିଟ୍ ୧ ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ଆୟୋଜିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ରାଜ୍ୟ ର ବିଭିନ୍ନ ମହାବିଦ୍ୟାଳୟ ରୁ ୮୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରୁ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ରକିଟ୍ ବିଶ୍ୱବିଦ୍ୟାଳୟ ର ଆଶୁତୋଷ ଅରୁଣ ମଲ୍ଲିକ ଓ ଆଶିଷ ନାୟକ ପ୍ରଥମ, କିଟ୍ ବିଶ୍ୱବିଦ୍ୟାଳୟ ଅନୁରାଗ ସାମନ୍ତରାୟ ଓ ଆଶିଷ ମହାପାତ୍ର ଦ୍ୱିତୀୟ ଓ ହାଇଟେକ୍ ମେଡ଼ିକାଲ୍ କଲେଜର ରୋଶନ ରାଜ୍ ଓରା ଓ ସୌରଭ ସ୍ୱିଣ୍ଣା ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ଆସନ୍ତା ଡ଼ିସେମ୍ବର ମାସ ୧୫ ତାରିଖ ରବିବାର ଦିନ ବିଜେବି କଲେଜ ପ୍ରାଙ୍ଗଣରେ ହେବାକୁ ଥିବା ବିଜେବି ଫ୍ରେଣ୍ଡସ ର ବନ୍ଧୁ ମିଳନ ଉତ୍ସବରେ ଏହି କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧୫ ହଜାର, ଦ୍ୱିତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ୧୦ ହଜାର ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ୫ ହଜାର ଟଙ୍କା ପୁରସ୍କାର ରାଶି ସହିତ ମାନପତ୍ର ଓ ଟ୍ରଫି ମଧ୍ୟ ପ୍ରଦାନ କରାଯିବ। ସେହିପରି ପ୍ରତିଯୋଗିତାରେ ଭାଗ ନେଇଥିବା ସବୁ ପ୍ରତିଯୋଗୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ ମଧ୍ୟ କରାଯିବ।




ଏହି ପ୍ରତିଯୋଗିତାକୁ କୁଇଜ୍ ମାଷ୍ଟର ମାନସ ନାୟକ ପରିଚାଳନା କରିଥିବାବେଳେ ଡକ୍ଟର ନମିତା ପଟ୍ଟନାୟକ ଆଙ୍କରିଙ୍ଗ୍ କରିଥିଲେ। ବିଜେବି ଫ୍ରେଣ୍ଡସ ର ସଭାପତି ଶ୍ରୀ ଦେବାଶିଷ ପଟ୍ଟନାୟକ, ସମ୍ପାଦକ ଶ୍ରୀ ସତ୍ୟବ୍ରତ ଧୂପାଳ , ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେମାନେ ସହଯୋଗ କରିଥିଲେ।

## ଅଚିହ୍ନା ବ୍ୟକ୍ତିର ମୃତଦେହ ଚିହ୍ନଟ ନିମନ୍ତେ ଅନୁରୋଧ

**କଟକ, ୨୯।୧୧ (ସଂଚାର ବ୍ୟୁରୋ):** କଟକ ପୁଲିସ୍ ଉପାୟୁକ୍ତଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, କଟକ ସଦର ଥାନା ଅଂଚଳରୁ ଗତ ୨୫ ତାରିଖରେ ଜଣେ ଅଚିହ୍ନା ମୃତ ବ୍ୟକ୍ତିଙ୍କର ଶବ ମିଳିଛି । ମୃତ ବ୍ୟକ୍ତିଙ୍କର ବୟସ ୩୫ ବର୍ଷ ପାଖାପାଖି ହେବ । ତାଙ୍କର ଉଚ୍ଚତା ୫ ଫୁଟ ୬ ଇଂଚ, ମଧ୍ୟମ ସ୍ୱାସ୍ଥ୍ୟ, ରଙ୍ଗ ଗହମ, ଗୋଲ ମୁହଁ । ଏହି ଅଚିହ୍ନା ମୃତ ବ୍ୟକ୍ତିଙ୍କର ଶବକୁ ଚିହ୍ନଟ ନିମନ୍ତେ ୯୬ ଘଂଟା ପର୍ଯ୍ୟନ୍ତ ଏସସିବି ମେଡିକାଲ କଲେଜ ହସ୍ପିଟାଲର ଶବଗୃହରେ ସଂରକ୍ଷିତ ରଖାଯାଇଛି ।

## ପିଟିଏସ୍-ଜଗନ୍ନାଥ ମନ୍ଦିର ରାସ୍ତା ନିର୍ମାଣରେ ଅନିୟମିତତା

# କାମଚଳା ଆପ୍ରୋଚ ରାସ୍ତା ପାଇଁ ହନ୍ତସନ୍ତ ଜନସାଧାରଣ

**ନୟାଗଡ଼, ୨୯।୧୧ (ସଂଚାର ବ୍ୟୁରୋ) :** ନୟାଗଡ଼ ପୂର୍ତ୍ତ ବିଭାଗର ଅବହେଳା ପାଇଁ ନୟାନ୍ତ ହେଉଛନ୍ତି ନୟାଗଡ଼ବାସୀ । ସଫେଇ କରି ସଠିକ ଭାବେ ଆପ୍ରୋଚ ରାସ୍ତା ନିର୍ମାଣ ନକରି ଅର୍ଥ ହରିଲୁଟ କରିବା ପାଇଁ ଠିକା ସଂସ୍ଥା ଅଣ୍ଟା ଭିଡିଥିବା ଦେଖିବାକୁ ମିଳିଛି । ନୟାଗଡ଼ ସହରର ଭିଆଇପି ରୋଡ଼ କୁହାଯାଉଥିବା ପିଟିଏସ ଠାରୁ ଜଗନ୍ନାଥମନ୍ଦିର ରାସ୍ତା ପ୍ରଶସ୍ତିକରଣ ଓ ଉନ୍ନତୀକରଣ ଆଳରେ ଠିକାଦାର ୯ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଜନସାଧାରଣଙ୍କୁ କଲବଲ କରୁଛି । ପଥର ଗୁଣ୍ଡ ଉଡ଼ି ରାସ୍ତାରେ ଯାଉଥିବା ପଥଚାରୀ ଏବଂ ସ୍ଥାନୀୟ ବାସିନ୍ଦା ଦୁର୍ଦ୍ଦଶା ଭୋଗୁଛନ୍ତି । ଖୋଦ୍ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଲାଗି ନିର୍ମାଣ ହେଉଥିବା ଏହି ରାସ୍ତାର ଅବସ୍ଥାକୁ ବିଭାଗ ଜଳଜଳ ଦେଖୁଥିବା ବେଳେ କାହିଁକି ଚୁପ ବସିଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ନବଘନପୁରଠାରୁ ଡିଆଁପଡ଼ା ମୁଥାଗାଡ଼ିଆ ରାସ୍ତା ସହିତ ପିଟିଏସ ଜଗନ୍ନାଥମନ୍ଦିର ରାସ୍ତା ଉନ୍ନତୀକରଣ କରାଯିବାକୁ ୧୯ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ବଜରଙ୍ଗ କନଷ୍ଟ୍ରକସନ୍ ଏହାର ନିର୍ମାଣ ଦାୟିତ୍ୱ ନେଇଥିବା ବେଳେ ୧୪ କୋଟି ୩୮ ଲକ୍ଷ ଟଙ୍କାରେ ଠିକାସଂସ୍ଥା ଟେଣ୍ଡର ହାତେଇଛି । ୨୦୨୪ ମସିହା ଅକ୍ଟୋବର ୧୯ ତାରିଖରେ ଏହାର କାର୍ଯ୍ୟ ଶେଷ ହେବାକୁ ଚୁକ୍ତି ହୋଇଥିଲା । ନିର୍ମାଣ ଅବଧି ଶେଷ ହେବାକୁ ଶେଷ ହୋଇଥିବା ବେଳେ ଏଯାଏଁ ୫୦ ପ୍ରତିଶତ କାମ ଶେଷ ହୋଇନଥିବା ଦେଖାଯାଇଛି। ପିଟିଏସ ଠାରୁ ଜଗନ୍ନାଥ ମନ୍ଦିର ମଧ୍ୟରେ ନୟାଗଡ଼ ଜିଲ୍ଲାର ପ୍ରମୁଖ କାର୍ଯ୍ୟାଳୟ ଓ ବିଦ୍ୟାଳୟ ରହିଛି । ସବୁଠାରୁ ଆବଶ୍ୟକ ତଥା ଜରୁରୀ କାଳୀନ ରାସ୍ତାର ଅବସ୍ଥା ଦୀର୍ଘମାସ ଧରି ଅପାନ୍ତେୟ ହୋଇପଡ଼ି ରହିଥିବା ବେଳେ ପୂର୍ତ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ଏହା ପଛରେ ଅନ୍ୟ କଣ ସମସ୍ୟା ରହିଛି, ତାକୁ ନେଇ ସହରବାସୀ ସନ୍ଦୀହାନ ଅବସ୍ଥାରେ ରହିଛନ୍ତି । ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅନେକ ବ୍ୟକ୍ତି ଅଭିଯୋଗ କରିଛନ୍ତି । ଠିକାସଂସ୍ଥା ଯେଉଁ ଭଳି ରାସ୍ତା ନିର୍ମାଣ କରୁଛି, କମ ଦିନରେ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହେଉଛି । ୧୪ କୋଟି ଟଙ୍କା ପାଣିରେ ପଡ଼ିବାର ସମ୍ଭାବନା ଦେଖାଦେଇଛି।




ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ ଓ ରାଜନୈତିକ ବ୍ୟକ୍ତିମାନେ ମହୋତ୍ସବ ପୂର୍ବରୁ ରାସ୍ତା ନିର୍ମାଣ ଶେଷ ହେବ ବୋଲି ଆଶା ରଖିଥିବା ବେଳେ ରାସ୍ତା କାମ କୌଣସି ପରିସ୍ଥିତିରେ ମାସେ ମଧ୍ୟରେ ଶେଷ ହୋଇପାରିବ ନାହିଁ ବୋଲି ଆଲୋଚନା ହେଉଛି । ଠିକାସଂସ୍ଥା ଆଜି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନିକଟରେ ଏକ ପୋଲ ନିର୍ମାଣ କାମ ଆରମ୍ଭ କରିଛି । ଉକ୍ତ ପୋଲ ପାଇଁ ରାସ୍ତାରେ ଯାତାୟତ ସମ୍ପୂର୍ଣ୍ଣ ବାଧପ୍ରାପ୍ତ ହୋଇଛି । ଫଳରେ ଠିକାସଂସ୍ଥା ବିଭିନ୍ନ ଗଳିକନ୍ଦି ବୁଲାଇ ୫ ଶହ ମିଟରରୁ ଉର୍ଦ୍ଧ୍ୱ ଲମ୍ବର ଆପ୍ରୋଚ ରୋଡ଼ ନିର୍ମାଣ ନକରି କେବଳ ବିଲ ହୁଡ଼ା ସଫା କରି ଆପ୍ରୋଚ ରାସ୍ତା ନିର୍ମାଣ କରିଛି । ନା ପଡିଛି ଡଷ୍ଟ, ନା ପଡିଛି ଆସ୍ଥାୟୀ ପିଚୁ । କିଛି ନକରି କେବଳ ସଫା କରି ଅର୍ଥ ବାଟମାରଣା କରୁଥିବା ଆଲୋଚନା କରାଯାଉଛି । ତେବେ ବିଲ ମାଟି ଓଦା ଥିବା ବେଳେ ସେହି ରାସ୍ତାରେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଜନସାଧାରଣ । ଯାହା ଦ୍ୱାରା ବଡ଼ ଗାଡ଼ି ଗୁଡ଼ିକ ଯାତାୟତ ପାଇଁ ସମସ୍ୟା ସୃଷ୍ଟି ହେଉଥିବା ବେଳେ ପଥଚାରୀଙ୍କୁ ବୁଲି ଯିବା ପାଇଁ ସମସ୍ୟା ସୃଷ୍ଟି ହେଉଛି ।

## ଏଫ୍‌ଏକ୍ୟୁ ମାନ ଧାନ ସଂଗ୍ରହ ନେଇ ସଚେତନତା ଶିବିର

**ବାଲିଅନ୍ତା, ୨୯।୧୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ସରକଣା ସେବା ସମବାୟ ସମିତି ଆନୁକୂଲ୍ୟରେ ଆଜି ସ୍ଥାନୀୟ ସରକାରୀ କଲ୍ୟାଣମଣ୍ଡପ ସଭା କକ୍ଷରେ ଏଫଏକ୍ୟୁ ମାନ ଧାନ ସଂଗ୍ରହ ନେଇ ଏକ ଚାଷୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।




ଏନେଇ ଆୟୋଜିତ ଚାଷୀ ସଚେତନତା ଶିବିରରେ ଉକ୍ତ ସମିତିର ସଭାପତି ସୋମନାଥ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଝିଣ୍ଟି ଶାସନ ସେବା ସମବାୟ ସମିତି ସଭାପତି ବିଜୟ କୁମାର ନାୟକ ଏବଂ ପ୍ରତାପ ଶାସନ ସେବା ସମବାୟ ସମିତି ସଭାପତି ନଳିନୀକାନ୍ତ ମହାପାତ୍ର ଏବଂ ଶ୍ରୀ ସ୍ୱାଇଁ ମଣ୍ଡିରେ ଉପଯୁକ୍ତ ମାନର ଧାନ ବିକ୍ରି କରିବା ନେଇ ଚାଷୀଙ୍କ ସହଯୋଗ ଆଶା କରିଥିଲେ। ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟବିତ ଗୋବିନ୍ଦ ପ୍ରଧାନ,ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରିୟା ସାହୁ, ସମିତି ସଭ୍ୟ ସଂଯୁକ୍ତା ପ୍ରଧାନ, ନାୟବ ସରପଞ୍ଚ ବିନାୟକ ମଲ୍ଲିକ ପ୍ରମୁଖ ଚାଷୀ ଏବଂ ସମିତି ମଧ୍ୟରେ ସୁସମନ୍ୱୟ ରକ୍ଷା କରି ଧାନ କିଣା ନେଇ ଗୁରୁତ୍ୱାରୋପ କରିଥିଲେ। ଜଟଣୀ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସୁଶାନ୍ତ କୁମାର ସାହୁ, ବେଣୁଧର ଜେନା, ବିଭୁତିଭୂଷଣ ପାଟ୍ଟଶାଣୀ, ରବି ନାରାୟଣ ସ୍ୱାଇଁ ପ୍ରମୁଖଙ୍କ ସମେତ ବିଭିନ୍ନ ପଞ୍ଚାୟତର ଚାଷୀ ଉପସ୍ଥିତ ଥିଲେ। ସମିତି ସମ୍ପାଦକ ଭାଗ୍ୟଧର ମହାନ୍ତି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ‘ଜାଗୃତି’ ସମସ୍ତଙ୍କ ଜୀବନରେ ଓ ବୃତ୍ତିରେ ଏକ ନୂତନ ଦୃଷ୍ଟିକୋଣ

**ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ):** ଆଜି ଜାତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମ୍ମିଳନୀ-୨୦୨୪ରେ ଯୋଗଦେଇ ଉପସ୍ଥିତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କୁ ସମ୍ବୋଧିତ ମାନନୀୟା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସମ୍ବୋଧିତ କରିଥିଲେ । ଜାତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମ୍ମିଳନୀ-୨୦୨୪ ଥିମ "ଜାଗୃତି" ଆମ ସମସ୍ତଙ୍କ ଜୀବନରେ ଓ ବୃତ୍ତିରେ ଏକ ନୂତନ ଦୃଷ୍ଟିକୋଣ ଦେବାରେ ସକ୍ଷମ ହେବ । ଏହା କେବଳ ଏକ ବାକ୍ୟ ନୁହେଁ , ଏହା ଆମ ଦାୟିତ୍ୱ, ସଫଳତା ଓ ଆଗାମୀ ଭବିଷ୍ୟତ ପାଇଁ ନୂତନ ଆହ୍ୱାନ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ତୃଣମୂଳସ୍ତରରେ ବିକାଶ ଦିଗରେ ଆମ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି । ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ସାଙ୍ଗକୁ ୨୦୪୭ ସୁଦ୍ଧା ପୂର୍ଣ୍ଣ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ହାସଲ ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଜୀ ଙ୍କ ପ୍ରାଥମିକତା ତାଲିକାରେ ସବୁଠୁ ଆଗରେ ଅଛନ୍ତି ମହିଳା, ଯୁବପିଢ଼ି, ଅନ୍ନଦାତା ଓ ଗରିବ । ଏହି ପରିପ୍ରେକ୍ଷୀରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି। କାର୍ଯ୍ୟକ୍ରମରେ କନଫରେନ୍ସ ଡିରେକ୍ଟର ଏବଂ ସେଣ୍ଟ୍ରାଲ କାଉନ୍ସିଲ ମେମ୍ବର,ଆଇସିଏଆଇ, ସିଏ ସୁଶୀଲ କୁମାର ଗୋଏଲ, ଭାଇସ ଚେୟାରମ୍ୟାନ, ସିଏ (ଡ଼ଃ) ଗୌତମ ଲେଙ୍କା, ଇଷ୍ଟର୍ନ ଇଣ୍ଡିଆ ରିଜିଓନାଲ କାଉନ୍ସିଲର ଭୁବନେଶ୍ୱର ଶାଖାର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।






# ମୋଦୀଙ୍କ ପାଇଁ ଉତ୍ସବମୁଖର ରାଜଧାନୀ

**ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଠାରେ ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଅଖିଳ ଭାରତୀୟ ମହାନିର୍ଦ୍ଦେଶକ/ ମହାନିରୀକ୍ଷକ ସମ୍ମିଳନୀ -୨୦୨୪ରେ ଯୋଗ ଦେବା ପାଇଁ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱର ଠାରେ ଆସି ପହଞ୍ଚିଛନ୍ତି। ଏହି ଅବସରରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ପ୍ରଦାନ କରାଯାଇଛି।

ଆଜି ଭୁବନେଶ୍ୱରର ଏୟାରପୋର୍ଟ ଛକ, କ୍ୟାପିଟାଲ୍ ହସ୍ପିଟାଲ୍, ଏ. ଜି. ଛକ, ଭୁବନେଶ୍ୱର କ୍ଲବ ଏବଂ ବିଭିନ୍ନ ସ୍ଥାନରେ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ସମ୍ବଲପୁରୀ ଲୋକନୃତ୍ୟ, ସାହିଯାତ, ଦୁଲଦୁଲି, ପଶୁମୁଖା, ଘୁମୁରା,ଶବର-ଶବରଣୀ, ସାମ୍ବାଲୀ, ଘୋଡାନାଚ, ଧାରୁଆ, ଢ଼େମସା, ପରଜା ଆଦି ନୃତ୍ୟ ସହ ଘଣ୍ଟମାର୍ଦ୍ଦଳ ଏବଂ ସଂକୀର୍ତ୍ତନ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ପ୍ରଦାନ କରାଯାଇଥିଲା।

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଲୋକନୃତ୍ୟ ସମ୍ବଲପୁରୀ, ପୁରୀର ସାହିଯାତ, କଳାହାଣ୍ଡିର ଘୁମୁରା, କୋରାପୁଟର ଢ଼େମସା ଓ ଧାରୁଆ ନୃତ୍ୟ ଆଦି ଆଜିର କାର୍ଯ୍ୟକ୍ରମରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।

ପ୍ରକାଶଯୋଗ୍ୟ ଯେ, ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ ଓ ପାରମ୍ପାରିକ ବାଦ୍ୟ ଆଦି ହେଉଛି ଆମ ଓଡ଼ିଆ କଳା, ସଂସ୍କୃତି ଓ ପରମ୍ପରାର ନିଚ୍ଛକ ନିଦର୍ଶନ। ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତ ଅବସରରେ ଆୟୋଜିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ଥିବା ସହ କାର୍ଯ୍ୟକ୍ରମରେ ବେଶ ଜନସମାଗମ ମଧ୍ୟ ପରିଲକ୍ଷିତ ହୋଇଥିଲା ।

# ବାତ୍ୟା ‘ଫେଙ୍ଗଲ’ ପ୍ରଭାବରେ ଓଡ଼ିଶାରେ ୨ତାରିଖ ଯାଏଁ ବର୍ଷା!

**ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ):** ତାମିଲନାଡୁରେ ବାତ୍ୟା ‘ଫେଙ୍ଗଲ’ ଲ୍ୟାଣ୍ଡଫଲ୍ ପାଇଁ ପ୍ରକ୍ରିୟା ଆରମ୍ଭ କଲାଣି। ତା’ପୂର୍ବରୁ ଦେଖାଇଲାଣି କୋପ। ଏହାର ପ୍ରଭାବ କିନ୍ତୁ ଓଡ଼ିଶାରେ ଦେଖିବାକୁ ମିଳିଲାଣି। ତାମିଲନାଡୁରେ ବାତ୍ୟା ଲ୍ୟାଣ୍ଡଫଲ୍ କରିବା ପୂର୍ବରୁ ଉପକୂଳ ଓଡ଼ିଶାରେ ଝିପିଝିପି ବର୍ଷା ବର୍ଷା ସହ କୋହଲା ପାଗ କରିଛି। ଓଡ଼ିଶାରେ ଏପରି ପାଗ ଆଗାମୀ ୨ ତାରିଖ ପର୍ଯ୍ୟନ୍ତ ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେଲା ବାତ୍ୟା ଫେଙ୍ଗାଲ। ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ଫେଙ୍ଗଲ ଭୟଙ୍କର ରୂପ ଧାରଣ କରିଛି। ଅପରାହ୍ଣ ୨ଟା ୩୦ରେ ବାତ୍ୟାର ରୂପ ନେଇଛି ଗଭୀର ଅବପାତ। ତେବେ ତାମିଲନାଡୁରେ ଯେଉଁ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି ହଠାତ୍ ଏହାର ଦିଗ ବଦଳାଇଥିବା ସୂଚନା ମିଳିଛି । ଏହା ଘଣ୍ଟା ପ୍ରତି ୩ କିଲୋମିଟରରୁ ୧୦ କିଲୋମିଟର ବେଗରେ ଗତି କରୁଛି । ତେବେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) କହିଛି ଯେ ଏହା ଏକ ଭୟଙ୍କର ଘୂର୍ଣ୍ଣିବଳୟ। ଏହା ଉତ୍ତର ଦିଗକୁ ଯିବାର ସମ୍ଭାବନା ଅଛି । ଏହା ୩୦ ତାରିଖରେ ଉତ୍ତର ଏବଂ ଉତ୍ତର ପଶ୍ଚିମ ଦିଗକୁ ଗତି କରିବ ବୋଲି ଆଶା କରାଯାଉଛି । ବାତ୍ୟା ପ୍ରଭାବରେ ଆଗାମୀ ୨୪ ଘଣ୍ଟା ଭିତରେ ରାଜ୍ୟରେ ହାଲକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଉପକୂଳ ଓ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, କଟକ, ଯାଜପୁର, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇପାରେ। ଏଥିସହ ପାଗ ମେଘୁଆ ରହିବାର ସମ୍ଭାବନା ରହିଛି। ଠିକ ସେହିପରି ୩୦ ଓ ୧ତାରିଖରେ ମଧ୍ୟ କିଛି ଜିଲାରେ ହାଲକାରୁ ମଧ୍ୟମ ଧରଣରବର୍ଷା ହେବାର

## ରାଜଧାନୀରେ ଝିପି ଝିପି ବର୍ଷା



ସମ୍ଭାବନା ରହିଛି। ଉପକୂଳ ଓ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, କଟକ, ଯାଜପୁର, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡା, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ପାଗ ମେଘୁଆ ରହିବା ସହିତ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଛି। ୨ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲକା ବର୍ଷା ହେବାର ସମ୍ଭାବନା ରହିଛି। ତା’ସହ ପାଗ ମେଘୁଆ ରହିପାରେ।

# ବାଘଛାଲ ସହ ଦେଶୀ ବନ୍ଧୁକ ଜବତ

**ଘୁ.ଉଦୟଗିରି,୨୯।୧୧ (ସଂଚାର ବ୍ୟୁରୋ):** ଶକ୍ତିଶାଳୀ ବାଘ ଦୁର୍ବଳ ହୋଇଯାଇଛି। ମନୁଷ୍ୟର ବିଚକ୍ଷଣ ବୁଦ୍ଧି ଆଗରେ ବାଘମାନେ ହାରମାନିଛନ୍ତି। ସେଥିପାଇଁ ମନୁଷ୍ୟ ଦ୍ୱାରା ଅକ୍ରୋଶର ଶିକାର ହେଉଛନ୍ତି। ରାଜ୍ୟରେ ବାରମ୍ବାର ବାଘ ଶିକାର ଘଟଣା ଲୋକଲୋଚନକୁ ଆସୁଛି। କନ୍ଧମାଳ ଜିଲ୍ଲା ଜି ଉଦୟଗିରି ବନ ବିଭାଗ ପକ୍ଷରୁ ବାଘ ଛାଲ ଓ ଦେଶୀ ବନ୍ଧୁକ ଜବତ କରାଯାଇଛି। କିନ୍ତୁ ବନ ବିଭାଗ ଏନେଇ ମୁହଁ ଖୋଲୁ ନାହାନ୍ତି। ସ୍ଥାନୀୟ ବନ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ମରାଯାଇ ଭିତରକୁ କାହାରିକୁ ପ୍ରବେଶ କରିବାକୁ ଦିଆଯାଉନଥିବା ବେଳେ ଆଜି ଖବର ପାଇ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ବନ ବିଭାଗ କାର୍ଯ୍ୟଳୟକୁ ଖବର ସଂଗ୍ରହ ପାଇଁ ଯାଇ ମୁଖ୍ୟ ଫାଟକ



ବାହାରେ ଦୀର୍ଘ ସମୟ ଅପେକ୍ଷା କରି ଫେରି ଯାଇଥିଲେ। ଏହି ବିଷୟରେ ସ୍ଥାନୀୟ ବନ ବିଭାଗ ଏସିଏଫ କାଜଲ ନାୟକଙ୍କୁ ଫୋନ ଯୋଗେ ପଚାରିବା ପରେ ସେ ତଦନ୍ତ ଚାଲିଛି। ଆପଣମାନେ ସହଯୋଗ କରନ୍ତୁ। ଡିଏଫଓ ସାର ଆସିଲେ ସମସ୍ତ ତଥ୍ୟ ପ୍ରଦାନ କରିବେ ବୋଲି କହିଥିବା ବେଳେ ଫୁଲବାଣୀ ଡିଏଫଓ ପ୍ରଶାନ୍ତ ପଟେଲଙ୍କୁ ଏହି ଘଟଣା ବିଷୟରେ ପଚାରିବା ପରେ ସେ କହିଲେ ତଦନ୍ତ ଚାଲିଛି। ଏବେ କିଛି କହି ହେବନି ।ତଦନ୍ତରେ ବାଧା ସୃଷ୍ଟି ହେବ। ଏଣୁ ତଦନ୍ତ ସାରିବା ପରେ ସମସ୍ତ ତଥ୍ୟ ଦିଆଯିବ।

# ପାଟପୁର ଥାନାକୁ ମିଳିଲା ଦେଶର ଦ୍ୱିତୀୟ ଶ୍ରେଷ୍ଠ ପୁରସ୍କାର

**ଦିଗପହଣ୍ଡି,୨୯।୧୧:** ସମଗ୍ର ଦେଶରେ ୨ୟ ଶ୍ରେଷ୍ଠ ଥାନା ଭାବେ ୨୦୨୪ ଆର୍ଥିକ ବର୍ଷ ପାଇଁ ଗଞ୍ଜାମ ଜିଲା ପାଟପୁର ଥାନାକୁ ପୁରସ୍କୃତ କରାଯାଇଛି। ଶୁକ୍ରବାର ଭୁବନେଶ୍ୱର ସ୍ଥିତ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଜାତୀୟ ସ୍ତରୀୟ ଡି.ଜି ଓ ଆଇ.ଜି ସମ୍ମିଳନୀର ଉଦଘାଟନୀ ସମାରୋହରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଉପସ୍ଥିତିରେ ପାଟପୁର ଥାନା ଷ୍ଟେସନ ହାଉସ ଅଫିସର ତଥା ଆଇଆଇସି ସବ୍ୟସାଚୀ ମଲ୍ଲଙ୍କୁ ସମ୍ମାନଜନକ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଏଥିସହ ତାଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପଦକ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।



କ୍ରାଇମ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟୱାର୍କ ଆଣ୍ଡ ସିଷ୍ଟମ (ସିସିଟିଏନ୍ଏସ୍) ରେ ଥାନାର କାର୍ଯ୍ୟଦକ୍ଷତା କୁ ମୂଲ୍ୟାୟନ କରି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଗତ ୧୯୧୧ ମସିହାରେ ସ୍ଥାପିତ ପାଟପୁର ଥାନାକୁ ଏକ ଆଦର୍ଶ ଥାନାରେ ପରିଣତ କରିବା ସକାଶେ ପୂର୍ବରୁ ଥାନା ଅଧିକାରୀ ଅଜୟ କୁମାର ବାରିକ , ରମେଶ ଚନ୍ଦ୍ର ପ୍ରଧାନ, ସବ୍ୟସାଚୀ ମଲ୍ଲ , ନିକଟରେ ଅବସର ନେଇଥିବା ଅଜୟ କୁମାର ସ୍ୱାଇଁ ନିଜର କର୍ତ୍ତବ୍ୟ ନିଷ୍ଠା ପାଇଁ ଶ୍ରେଷ୍ଠ ପୁରସ୍କାରର ଅଧିକାରୀ ହୋଇପାରିଥିବା କୁହାଯାଉଛି। ଥାନାରେ ଗଠନ କରାଯାଇଥିବା ଆମ ପୋଲିସ ସମିତି ପକ୍ଷରୁ ବାଲ୍ୟବିବାହ, ନାରୀ ନିର୍ଯାତନା,ସଡ଼କ ସୁରକ୍ଷା ଭଳି ବିଭିନ୍ନ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କେବଳ ସେତିକି ନୁହେଁ ବ୍ରହ୍ମପୁର ରକ୍ତ ଭଣ୍ଡାରରେ ଆବଶ୍ୟକ ରକ୍ତ ୟୁନିଟ୍‌ର ଅଭାବ ଥିବାକୁ ଦୃଷ୍ଟିରେ ରଖି ପାଟପୁର ଥାନା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ପ୍ରାୟ ୧ ହଜାର ୟୁନିଟ ରକ୍ତ ସଂଗ୍ରହ କରି ବେଶ ସୁନାମ ଅର୍ଜନ କରିଥିଲା। ୨୦୨୧ ମସିହାରେ ରମେଶ ପ୍ରଧାନଙ୍କ ଅନ୍ୟ ଥାନାକୁ ବଦଳି ପରେ ଭଞ୍ଜନଗର ଥାନାରେ ଏସ୍ଆଇ ଭାବେ କାର୍ଯ୍ୟକରୁଥିବା ସବ୍ୟସାଚୀ ମଲ୍ଲ ପଦୋନ୍ନତି ପାଇ ପାଟପୁର ଥାନାରେ ଆଇଆଇସି ଭାବେ ଯୋଗ ଦେଇଥିଲେ। ପରେ ସେ ଶ୍ରେଷ୍ଠ ପୋଲିସ ଅଫିସର ଭାବେ ସାଧାରଣ ଜନତାଙ୍କ ପ୍ରିୟଭାଜନ ହୋଇପାରିଥିଲେ। ସାମଗ୍ରିକ ଦୃଷ୍ଟିକୋଣରୁ ସମୀକ୍ଷା କରାଯିବା ପରେ ରାଙ୍କିଂ ଅନୁଯାୟୀ ପାଟପୁର ଥାନାକୁ ଦେଶର ଶ୍ରେଷ୍ଠ ଥାନାର ମାନ୍ୟତା ମିଳିଛି। ଏବେ ପୁରସ୍କାର ପାଇବା ପରେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ସେ ଏହି ପୁରସ୍କାର ପାଟପୁର ଥାନା ଅଞ୍ଚଳବାସୀଙ୍କ ସହଯୋଗ ଯୋଗୁ ମିଳିପାରିଛି। ଗଞ୍ଜାମ ଏସ୍‌ପିଙ୍କ ପ୍ରେରଣା ଯୋଗୁ ସମସ୍ତ କାର୍ଯ୍ୟ ସମ୍ଭବ ହୋଇପାରିଥିବା କହିଛନ୍ତି।

# ଆଖି ପିଛୁଳାକେ ଜଙ୍ଗଲ ନିଆଁ ଲିଭାଇବ ଅଲ୍-ଟେରେନ୍

**ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ):** ଆହୁରି ସୁଦୃଢ଼ ହେବ ଜଙ୍ଗଲ ସୁରକ୍ଷା ଅଭିଯାନ । ନିଆଁ ଲାଗିଲେ ତାହାକୁ ପ୍ରତିହତ କରିବାକୁ ତତକ୍ଷଣାତ ଏହା ନେଇ ପାରିବ ପଦକ୍ଷେପ । ଏଥିପାଇଁ ରାଜ୍ୟର ବିଭିନ୍ନ ଜଙ୍ଗଲକୁ ମିଳିଛି ଅଲ୍-ଟେରେନ୍ ମୋଟର ଯାନ ବା ଏଟିଭି ଏବଂ ଅଗ୍ନି ନିରାକରଣ ସହାୟତା ୟୁନିଟ୍ ।

ରାଜ୍ୟରେ ଥିବା ୧୯ ଗୋଟି ଅଭୟାରଣ୍ୟ, ଗୋଟିଏ ଜାତୀୟ ଉଦ୍ୟାନ, ୨ଟି ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଏବଂ ୨ ଗୋଟି ସଂରକ୍ଷିତ ଅଞ୍ଚଳକୁ ଏଗୁଡ଼ିକୁ ବଣ୍ଟନ କରାଯାଇଛି । ରାଜ୍ୟ ଉଦ୍ଭିଦ ଉଦ୍ୟାନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୧୮ଟି ଜିଲ୍ଲାରେ ଥିବା ଜଙ୍ଗଲ ପାଇଁ ୧୩୯ଟି ଅତ୍ୟାଧୁନିକ ଗାଡ଼ି ବଣ୍ଟନ କରାଯାଇଛି । ଯେଉଁଥିରେ ରହିଛି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ୫୧ଟି ଅଲ-ଟେରେନ୍ ମୋଟର ଯାନ ବା ଏଟିଭି।

ଏହି ଗାଡ଼ିଗୁଡ଼ିକ ଜଙ୍ଗଲର ପ୍ରତି ସ୍ଥାନକୁ ଯିବାକୁ କ୍ଷମତା ରଖିଛି। ବାଲି, ମାଟି, କାଦୁଅ, ପଥର ଉପରେ ଚଢ଼ି ଯେକୌଣସି ପରିସ୍ଥିତିରେ ଜଙ୍ଗଲ ଭିତରକୁ ଯାଇ ପାଟ୍ରୋଲିଂ କରିବାରେ ସକ୍ଷମ ହେବ । ପ୍ରାକୃତିକ ବିପଦକୁ କମ୍ କରିବା ସହ ଗୁପ୍ତ କାର୍ଯ୍ୟକଳାପକୁ ରୋକିବାରେ ସହାୟକ ହେବ ।

ହି ଗାଡ଼ିରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ବ୍ୟବସ୍ଥା ରହିଛି । ସେହିପରି କଷ୍ଟୋମାଇଜଡ୍ ସ୍ପ୍ରିଙ୍କଲର ସିଷ୍ଟମ୍ ସହିତ ୪୧ ଅଗ୍ନି ନିର୍ବାପକ ୟୁନିଟ୍ ଏବଂ ୪୭ ଅଗ୍ନି ନିରାକରଣ ସହାୟତା ୟୁନିଟ୍ ଜଙ୍ଗଲ କ୍ଷେତ୍ର ବିଭାଗକୁ ପ୍ରଦାନ କରାଯାଇଛି । ସଡକ ପାର୍ଶ୍ୱରେ ଘଟୁଥିବା ଅଗ୍ନିକାଣ୍ଡକୁ ରୋକିବାକୁ ଦୃଷ୍ଟିରେ ରଖି ସ୍ପ୍ରିଙ୍କଲରକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ଜଙ୍ଗଲରେ ଅଗ୍ନିକାଣ୍ଡ ହେତୁ କ୍ଷୟକୁ କମ୍ କରିବା ପାଇଁ ବିଶେଷ ଭାବରେ ଡିଜାଇନ୍ କରାଯାଇଛି ।

ଏନେଇ ପିସିସିଏଫ ସୁଶାନ୍ତ ନନ୍ଦ କହିଛନ୍ତି, ଜଙ୍ଗଲ ସୁରକ୍ଷା ଅଭିଯାନରେ ୩ ପ୍ରକାର ଗାଡ଼ିକୁ ସାମିଲ କରାଯାଇଛି। ଏଥିରେ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଜଙ୍ଗଲର କୋଣଅନୁକୋଣରେ ଏହା ପହଞ୍ଚି ପାରିବ। ଜଙ୍ଗଲରେ ହଠାତ୍ ନିଆଁ ଲାଗିଥିଲେ ଏହା ସେଠାରେ ପହଞ୍ଚି ନିଆଁ ଲିଭାଇ ପାରିବ । ଏହାଦ୍ୱାରା ବହୁ ମାତ୍ରାରେ ଜଙ୍ଗଲକୁ ନିଆଁ



କବଳରୁ ରକ୍ଷା କରିହେବ।

ଏ ସମ୍ପର୍କରେ ଉପବନ ସଂରକ୍ଷକ ସମ୍ୟକ ସମାନ୍ତରାୟ କହିଛନ୍ତି, ୧୩୯ଟି ଗାଡ଼ିକୁ ଜଙ୍ଗଲ ସୁରକ୍ଷା ପାଇଁ ସାମିଲ କରାଗଲା। ବାଲି, ମାଟି, କାଦୁଅରେ ତଥା ପାହାଡ଼ ଚଢ଼ି ଏହି ଗାଡ଼ି ଯାଇପାରିବ। ଏହା ଜଙ୍ଗଲର ଶେଷ ସୀମା ପର୍ଯ୍ୟନ୍ତ ଯାଇ ପାରିବ । ଏହାଦ୍ୱାରା ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇ ପାରିବ, ପଶୁ ଶିକାର ଓ କାଠ ଚୋରାଚାଲାଣ ଉପରେ ନଜର ରଖିହେବ। ଜଙ୍ଗଲର ଯେଉଁ କୋଣକୁ ଯୋଗାଯୋଗ ସମ୍ଭବ ହୋଇପାରୁନି, ବିନା କୌଣସି ବାଧାରେ ଏହି ଗାଡ଼ି ସେଠାରେ ପହଞ୍ଚି ପାରିବ। ବର୍ତ୍ତମାନ ୧୮ଟି ଜିଲ୍ଲାକୁ ଏହି ଗାଡ଼ି ଯୋଗାଇ ଦିଆଯାଇଛି। ମୁଖ୍ୟତଃ ରାଜ୍ୟରେ ଥିବା ସମସ୍ତ ଅଭୟାରଣ୍ୟ, ଜାତୀୟ ଉଦ୍ୟାନକୁ ପ୍ରାଥମିକତା ଭିତ୍ତିରେ ଏହି ଗାଡ଼ି ଯୋଗାଇ ଦିଆଯାଇଛି ।

## ଅର୍ଥ ଆତ୍ମସାତ୍ ଅଭିଯୋଗରେ ପ୍ରଧାନଶିକ୍ଷକଙ୍କୁ ୪ ବର୍ଷ ଜେଲ୍

**ବାଲିଗୁଡ଼ା,୨୯।୧୧:** କନ୍ଧମାଳ ଜିଲା ଫୁଲବାଣୀ ଭିଜିଲାନ୍ସ ଜଜ୍ ଏକ ଦୁର୍ନୀତି ଓ ଅର୍ଥ ଆତ୍ମସାତ ମାମଲାର ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ଡୁକୁଲାମିଲା ନୂତନ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୂନନ୍ଦନ କେଶରୀ ନାୟକଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ରାୟ ପ୍ରକାଶ ପରେ ନାୟକଙ୍କୁ ଜେଲ୍‌କୁ ପଠାଯାଇଛି। ସୂଚନାଯୋଗ୍ୟ, ପ୍ରଧାନଶିକ୍ଷକ ନାୟକ ବିଦ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଆସିଥିବା ଅନୁଦାନ ଅର୍ଥ ଘର ନ କରି ସିଧାସଳଖ ଚଳୁ କରି ଦେଇଥିବା ଖବର ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଇ ଏକ ମାମଲା ରୁଜୁ କରାଯାଇ ଶୁକ୍ରବାର ଏହାର ବିଚାର କରାଯାଇ ଚୂଡାନ୍ତ ରାୟ ପ୍ରକାଶ ପାଇଥିଲା। ଭିଜିଲାନ୍ସ ପକ୍ଷରୁ ଅଭିଯୁକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୂନନ୍ଦନ କେଶରୀ ନାୟକଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ଚିଠି ଲେଖାଯାଇଛି।

# ମହିଳା ମାଓବାଦୀକୁ ଗିରଫ କଲା ପୁଲିସ



**ମାଲକାନଗିରି,୨୯।୧୧ (ସଂଚାର ବ୍ୟୁରୋ):** ମାଲକାନଗିରି ପୁଲିସକୁ ମିଳିଛି ବଡ ସଫଳତା। କମ୍ବିଂ ଅପରେସନ ବେଳେ ଜଣେ ମହିଳା ମାଓବାଦୀକୁ ଗିରଫ କରିଛି। ବିଶେଷ ସୂତ୍ରରୁ ଖବର ମିଳିଥିଲା ଯେ ଏମଭି-୭୯ ଥାନା ଅଂଚଳର କୁର୍ତ୍ତି ଗ୍ରାମ୍ୟ ଜଂଗଲରେ ନକ୍ସଲ ବୁଲୁଛନ୍ତି। ତୁରନ୍ତ ଏସଓଜି ଏବଂ ଡିଭିଏଫ ଯବାନ ଅପରେସନକୁ ବାହାରିଥିଲେ। ଅପରେସନ ବେଳେ ଜଂଗଲରେ ଜଣେ ସନ୍ଦିଗ୍ଧ ମହିଳା ବୁଲୁଥିବା ଯବାନ ଦେଖିବା ପରେ ସେ ଯବାନଙ୍କୁ ଦେଖି ଦୌଡ଼ି ପଳାଇବା ପାଇଁ ଚେଷ୍ଟା କରୁଥିବା ବେଳେ ଯବାନ କାବୁ କରିଥିଲେ। ପରେ ମହିଳାଙ୍କୁ ଧରି ପଚରାଉଚରା କରିବା ପରେ ସେ ମାଓ ସଂଗଠନର ଜଣେ କ୍ୟାଡର ନକ୍ସଲ ବୋଲି ପରିଚୟ ଦେଇଥିଲା। ଛତିଶଗଡ଼ର ବିଜାପୁର ଜିଲ୍ଲାର କୋଣ୍ଡାରଜୀ ଗ୍ରାମର ବାମନ ମାଣ୍ଡବୀଙ୍କ ଝିଅ ଅନ୍ତି ମାଣ୍ଡବୀ ଅରଫ ଲାକେ (୨୨)। ପୁଲିସ ଲାକେକୁ ଧରି ପଚରାଉଚରା କରିବା ପରେ ସେ ଗତ ୨୦୧୭ରେ ମାଓନେତା ସୁଖରାମଙ୍କ ନେତୃତ୍ୱରେ ମାଓ ସଂଗଠନରେ ଜଡିତ ହୋଇଥିଲା। ପରେ ସେ ଦକ୍ଷିଣ ବସ୍ତର ଡିଭିଜନରେ କାମ କରିବା ପରେ ପ୍ଲାଟୁନ ନମ୍ବର ୧୨ରେ ମଧ୍ୟ କାମ କରୁଥିଲା। କେନ୍ଦ୍ରୀୟ କମିଟି ସଦସ୍ୟ ଉଦୟର ସେ ଅଙ୍ଗରକ୍ଷକ ଥିଲା। ମାଲକାନଗିରି ଜଂଗଲରେ ଉଦୟ ସହ ବୁଲୁଥିବା ଅନୁମାନ କରାଯାଉଛି। ତେବେ ସେ ସାଦା ପୋଷାକରେ ଅଂଚଳର ଗତିବିଧି ସଂପର୍କରେ ସୂଚନା ସଂଗ୍ରହ କରିବାକୁ ବୁଲୁଥିଲା। ଲାକେ ଏସଏଲଆର ବନ୍ଧୁକ ଧରୁଥିଲା। ଲାକେ ନାମରେ ସରକାର ୨ ଲକ୍ଷ ଟଂକାର ପୁରସ୍କାର ରାଶି ଘୋଷଣା କରିଥିଲେ।

# ୮ କୋଟିରୁ ଅଧିକ ଟଙ୍କାର ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

**ମୋହନା,୨୯।୧୧ :** ଗଜପତି ଜିଲା ଆରକ୍ଷୀ ଅଧିକ୍ଷକ ଜତିନ୍ଦ୍ର କୁମାର ପଣ୍ଡା ଙ୍କ ନିର୍ଦ୍ଦେଶ ରେ ଅପରେସନ ଗ୍ରୀନ କ୍ଲିନ୍ ଆରମ୍ଭ ହୋଇଛି। ଏହି କ୍ରମରେ ଜିଲାର ଅଡବା ଥାନା ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଛି। ଅଡବା ଥାନା ଅନ୍ତର୍ଗତ କେଶରୀଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡେଙ୍ଗାବନ୍ଧ ଗାଁ ନିକଟସ୍ଥ ଜଙ୍ଗଲ ଜମିରେ ବେଆଇନ ଭାବେ ଗଞ୍ଜେଇ ଚାଷ



ହୋଇଥିବା ବିଶେଷ ସୂତ୍ରରୁ ଗଜପତି ପୋଲିସ ଖବର ପାଇଥିଲା। ପରେ ଜିଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର ସାହୁ,ଅଡବା ଥାନା ଅଧିକାରୀ ସୁଭ୍ରାନ୍ତ କୁମାର ପଣ୍ଡାଙ୍କ ସହ ୭ ପ୍ଲାଟୁନ୍ ପୋଲିସ ଫୋର୍ସ, ଅବକାରୀ ବିଭାଗ, ରାଜସ୍ୱ ବିଭାଗ ସହ ବନ ବିଭାଗ ପକ୍ଷରୁ ଉକ୍ତ ଜଙ୍ଗଲରେ ଶୁକ୍ରବାର ମିଳିତ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ୪୧ ଏକର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଏଥିରେ ପ୍ରାୟ ୮୨୦୦୦ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ବେଳେ ଆନୁମାନିକ ବଜାର ଦର ୮ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ହେବ ବୋଲି ଅଡବା ଥାନା ଅଧିକାରୀ ସୁଭ୍ରାନ୍ତ କୁମାର ସୂଚନା ଦେଇଛନ୍ତି।

# ଓଡ଼ିଶା ଦ୍ରବ୍ୟ ଓ ସେବା କର ଦ୍ୱିତୀୟ ସଂଶୋଧନ ବିଲ୍ ପାରିତ

**ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ):** ଆଜି ବିଧାନସଭାରେ ଓଡ଼ିଶା ଦ୍ରବ୍ୟ ଓ ସେବା କର (ଦ୍ୱିତୀୟ ସଂଶୋଧନ) ବିଲ୍, ୨୦୨୪ ପାରିତ ହୋଇଛି। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବିଲ୍‌କୁ ଉପସ୍ଥାପନ କରିଥିବାବେଳେ ଏହା ଉପରେ ଆଲୋଚନା ପରେ ବାଚସ୍ପତି ସୁରମା ପାଢ଼ୀ ଏହାକୁ ବାଚନିକ ଭୋଟ୍‌ରେ ପାରିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ବିଲ୍ ଉପସ୍ଥାପନ କରିବା ପରେ ଏହାକୁ ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା। ରାଜ୍ୟ ସରକାର କାହିଁକି ତରବରିଆ ଭାବେ ଏହି ବିଲ୍‌କୁ ପାସ୍ କରୁଛନ୍ତି ସେନେଇ ପ୍ରଶ୍ନ ଉଠାଇଥିଲେ। ଏହା ଏକ ଜଟିଳ ବିଲ୍ ହୋଇଥିବାରୁ ବିଧାୟକମାନଙ୍କୁ ଏହାକୁ ପଢ଼ିବାକୁ ଅଧିକ ସମୟ ଦିଆଯାଇଥିଲେ ଭଲ ହୋଇଥାନ୍ତା। ବିଲ୍‌ରେ ଯାହା ଭୁଲ୍ ଥିବ ତାହା ତରବରିଆ ଭାବେ ଜଣାପଡ଼ିବନି। ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ବିଧାନସଭା ଚାଲିବାକୁ ଥିବାରୁ ଏହା ଉପରେ ଅଧିକ ଆଲୋଚନା ପାଇଁ ଆଉ କୌଣସି କାର୍ଯ୍ୟଦିବସକୁ ଘୁଞ୍ଚାଯାଉ ବୋଲି ଦାବି କରିଥିଲେ। କିନ୍ତୁ ବିରୋଧୀଙ୍କ ଏହି ଦାବି ରହିନଥିଲା।



ଆଲୋଚନା ଆରମ୍ଭ କରି ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ କହିଥିଲେ, କାଲି ଏହି ବିଲ୍ ଉପସ୍ଥାପନ ହୋଇଛି, ତରବରିଆ ଭାବେ କାହିଁକି ଏହାକୁ ପାରିତ କରାଯାଉଛି। ଏହି ଜିଏସ୍‌ଟି ବିଲ୍ ଉପରେ କାହାର ବିଶେଷ ଜ୍ଞାନ ନାହିଁ। ନା ବିଧାୟକମାନଙ୍କର ଅଛି ନା ଅଧିକାରୀମାନଙ୍କର ଅଛି। ଏହା ଉପରେ ଅଧିକ ଆଲୋଚନା ପାଇଁ ଏହାକୁ ଅନ୍ୟ ଦିନକୁ ଘୁଞ୍ଚା ଯାଉ। ଏକ୍ସଟ୍ରା ନିଉଟ୍ରାଲ ଆଲକହଲ୍, ରେକ୍ଟିଫାଏଡ୍ ସ୍ପିରିଟ କାହିଁକି ଜିଏସ୍‌ଟି ଅନ୍ତର୍ଭୁକ୍ତ ହେବନି? ଏଥିରେ କ’ଣ ଟିକସ ଲାଗୁଛି ତାହା ଗୃହକୁ ଜଣାଇବା ଦରକାର। ଆଲୋଚନାରେ ଭାଗ ନେଇ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ମୁଖ୍ୟମନ୍ତ୍ରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିରୋଧୀ ଦଳରେ ଥିବାବେଳେ କ୍ଷୀର, ମୁଢ଼ି, ଚୁଡ଼ା, ଦହି, ପନିର୍ ଆଦି ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବାକୁ ଦାବି କରୁଥିଲେ। ମୁଖ୍ୟମନ୍ତ୍ରୀ ଏବେ ଜିଏସ୍‌ଟି କାଉନସିଲ୍ ବୈଠକକୁ ଗଲେ ଏହି ସାମଗ୍ରୀ ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବାକୁ ଦାବି କରନ୍ତୁ। ବିଧାୟକ ଗଣେଶ୍ୱର ବେହେରା ବି ଆଲୋଚନାରେ ଭାଗ ନେଇଥିଲେ।

ସେହିପରି କଂଗ୍ରେସ ପକ୍ଷରୁ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଥିଲେ ଆବାସ ଯୋଜନାରେ ଯେଉଁମାନଙ୍କୁ ଘର ମିଳୁଛି ସେମାନେ କିଣୁଥିବା ସିମେଣ୍ଟ, ରଡ୍ ଉପରୁ ଜିଏସ୍‌ଟି ଛାଡ଼ କରାଯାଉ। ବିଧାୟିକା ସୋଫିଆ ଫିର୍‌ଦୋସ କହିଥିଲେ, ଛୋଟ ଛୋଟ ବ୍ୟବସାୟୀଙ୍କ ଉପରେ ଅଯଥାରେ ଜିଏସ୍‌ଟି ରେଡ୍ କରାଯାଉଛି। ଏହାଦ୍ୱାରା ସେମାନେ ବହୁତ ହଇରାଣ ହେଉଛନ୍ତି। ଜିଏସ୍‌ଟି ରେଡ୍ ପାଇଁ ଏକ ଗାଇଡଲାଇନ୍ ପ୍ରସ୍ତୁତ ହେଉ। ବିଭିନ୍ନ ନିତିଦିନିଆ ସାମଗ୍ରୀ ଉପରୁ ଜିଏସ୍‌ଟି ଛାଡ଼ କରିବାକୁ ସେ କହିଥିଲେ। ଶାସକ ଦଳ ପକ୍ଷରୁ ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ସନ୍ତୋଷ ଖଟୁଆ ଏହି ବିଲ୍ ସପକ୍ଷରେ ମତ ରଖିଥିଲେ।

ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ, ଓଡ଼ିଶା ଦ୍ରବ୍ୟ ଓ ସେବା କର (ଦ୍ୱିତୀୟ ସଂଶୋଧନ) ବିଲ୍, ୨୦୨୪ରେ ଯେଉଁ ସଂଶୋଧନ ଅଣାଯାଇଛି ତାହା ଜିଏସ୍‌ଟି କାଉନସିଲ୍‌ର ସୁପାରିସ ଅନୁଯାୟୀ ହୋଇଛି। କେନ୍ଦ୍ର ସରକାର ଏକ୍ସଟ୍ରା ନିଉଟ୍ରାଲ ଆଲକହଲ୍, ରେକ୍ଟିଫାଏଡ୍ ସ୍ପିରିଟକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରିବାକୁ ଚାହୁଁଥିଲେ। ହେଲେ ବିଭିନ୍ନ ରାଜ୍ୟ ଏହାକୁ ବିରୋଧ କରିଥିଲେ। ସମସ୍ତ ରାଜ୍ୟଙ୍କ ଦାବି ଉପରେ ଏହି ନିଷ୍ପତ୍ତି ହୋଇଛି। ଏହା ଉପରେ ବହୁ ତର୍ଜମା ହୋଇଛି। ସଂଘୀୟ ବ୍ୟବସ୍ଥା ଅନୁଯାୟୀ ଆମେ କିଛି ପରିବର୍ତ୍ତନ କରିପାରିବାନି। ପଞ୍ଜାବ, କେରଳ ଭଳି ସରକାର ଏହାକୁ ଲାଗୁ କରିସାରିଲେଣି। ମହାରାଷ୍ଟ୍ର, ଗୁଜୁରାଟ, ମଣିପୁର, ବିହାର ଭଳି ଓଡ଼ିଶା ଅଧ୍ୟାଦେଶ ଜାରି କରି ଏହାକୁ ଲାଗୁ କରିଛି। ଏହି ବିଲ୍ ପାରିତ କରିବାକୁ ସମୟ ଅବଧି ଭାବେ ନିର୍ଦ୍ଦିଷ୍ଟ ଭାବେ ଥିବାରୁ ଆମେ ଏହାକୁ ଆଜି ପାରିତ କରୁଛୁ। ସେହିପରି କ୍ଷୀର, ଚୁଡ଼ା, ମୁଢ଼ି, ଗୁଡ଼ ଆଦି ସାମଗ୍ରୀ ଖୋଲା ବଜାରରେ ବିକ୍ରି ହେଉଥିବାବେଳେ ଏହା ଉପରେ ଜିଏସ୍‌ଟି ଲାଗୁନି। ଯାହା ମଲ୍ ଏବଂ ବଡ଼ ଦୋକାନଗୁଡ଼ିକରେ ବିକ୍ରି ହେଉଛି ସେଠାରେ ଲାଗୁଛି। ବିରୋଧୀ ଦଳଗୁଡ଼ିକ ଖାଲି ବିରୋଧ କରିବା ଦରକାର ବୋଲି ଏହାକୁ ବିରୋଧ କରୁଛନ୍ତି। ସେହିପରି ଆଜି ପାରିତ ହେବାକୁ ଥିବା ଓଡ଼ିଶା ସାର୍ବଜନୀନ ପରୀକ୍ଷା (ଅନୁଚିତ ସାଧନର ନିବାରଣ) ବିଲ୍, ୨୦୨୪କୁ ବାଚସ୍ପତି ଅନ୍ୟ ଏକ କାର୍ଯ୍ୟ ଦିବସକୁ ସ୍ଥାନାନ୍ତର କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ହିରୋ ଲଞ୍ଚ କରିବ ପ୍ରଥମ ଇଲେକ୍ଟ୍ରିକ୍ ବାଇକ୍



**ନୂଆଦିଲ୍ଲୀ, ୨୯।୧୧:** ଆଜିକାଲିର ଆଧୁନିକ ଯୁଗରେ ଇଲେକ୍ଟ୍ରିକ ଗାଡ଼ିର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏବେ ଲୋକେ ଇଲେକ୍ଟ୍ରିକ ବାଇକ କିଣିବା ପୂର୍ବରୁ ଏହାର ମାଇଲେଜ ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି। ପେଟ୍ରୋଲ ଓ ଡିଜେଲର ବଢୁଥିବା ଦାମ ଦେଖି ଲୋକେ ଇଲେକ୍ଟ୍ରିକ ବାଇକ ଏବଂ ସ୍କୁଟର ଉପରେ ବିଶେଷ ଧ୍ୟାନ ଦେଉଛନ୍ତି। ଇଲେକ୍ଟ୍ରିକ୍ ଗାଡ଼ିଗୁଡ଼ିକର ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ଏବେ ଲୋକପ୍ରିୟ କମ୍ପାନୀ ହିରୋ ମୋଟୋକର୍ପ ମଧ୍ୟ ଇଲେକ୍ଟ୍ରିକ୍ ବାଇକ୍ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। କମ୍ପାନୀ ଖୁବ ଶୀଘ୍ର ଇଭି ବଜାରରେ ନିଜର ପ୍ରଥମ ଇଲେକ୍ଟ୍ରିକ୍ ବାଇକ୍ ଲଞ୍ଚ କରିବାକୁ ଯାଉଛି। ଏହି ଇଲେକ୍ଟ୍ରିକ୍ ବାଇକ୍ ହିରୋ ମୋଟୋକର୍ପ ଦ୍ୱାରା ଡେଭଲପ୍ ହେଉଛି ଯାହା ସେମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, କାରଣ ଆଜିକାଲି ପେଟ୍ରୋଲ-ବାଇକ୍ ବ୍ୟତୀତ ଇଲେକ୍ଟ୍ରିକ୍ ବାଇକର ଡିମାଣ୍ଡ ବେଶ ଅଧିକ ରହିଛି। ତେବେ ଆସନ୍ତୁ ଜାଣିବା ହିରୋର ଆଗାମୀ ଇଲେକ୍ଟ୍ରିକ୍ ବାଇକର ଫିଚର୍ସ ବିଷୟରେ। ହିରୋର ପ୍ରଥମ ଇଲେକ୍ଟ୍ରିକ୍ ବାଇକରେ ଲିଥିୟମ୍-ଆୟନ ବ୍ୟାଟେରୀ ମିଳିପାରେ, ଯାହା ଗୋଟିଏ ଚାର୍ଜରେ ଏକ ଲଙ୍ଗ ରେଞ୍ଜ ପ୍ରଦାନ କରିବାକୁ ଦାବି କରିଛି। ଏହାର ରେଞ୍ଜ ୧୫୦-୨୦୦ କିଲୋମିଟର ହୋଇପାରେ ବୋଲି ଅନୁମାନ କରାଯାଉଛି। ବାଇକର ଚାର୍ଜିଂ ସମୟ ମଧ୍ୟ ବେଶ ଭଲ ହୋଇପାରେ। ହିରୋ ଏକ ଫାଷ୍ଟ ଚାର୍ଜିଂ ସିଷ୍ଟମ ଲାଗୁ କରିବାକୁ ପ୍ଲାନ କରିଛି, ଯାହାଫଳରେ ୟୁଜର୍ସମାନେ ଲଙ୍ଗଟାଇମ୍ ଟ୍ରାଭେଲିଂ ସମୟରେ କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ଏହି ବାଇକ୍ ଆଧୁନିକ ଡିଜାଇନ୍, ସ୍ମାର୍ଟ ଫିଚର୍ସ ଏବଂ ଖୁବ ଆକର୍ଷଣୀୟ ଲୁକ୍ ସହିତ ଆସିବ। ପରଫରମାନ୍ସ ଦୃଷ୍ଟିରୁ, ଏହା ଅଧିକ ସ୍ପିଡ୍ ଏବଂ ଉନ୍ନତ ରୋଡ୍ ଗ୍ରିପ୍ ପ୍ରଦାନ କରିବ।

ରିପୋର୍ଟ ଅନୁଯାୟୀ, ଏହି ବାଇକରେ ସ୍ମାର୍ଟଫୋନ୍ କନେକ୍ଟିଭିଟି, ଜିପିଏସ୍ ଟ୍ରାକିଂ ଏବଂ ରିଭର୍ସ ପାର୍କିଂ ଭଳି ଫିଚର୍ସ ମଧ୍ୟ ମିଳିବାକୁ ଯାଉଛି। ମୂଲ୍ୟ ବିଷୟରେ କହିବାକୁ ଗଲେ, ହିରୋ ଏହି ଇଲେକ୍ଟ୍ରିକ୍ ବାଇକ୍ କୁ ୧. ୫ ଲକ୍ଷରୁ ୨ ଲକ୍ଷ ମଧ୍ୟରେ ଲଞ୍ଚ କରିପାରିବ, ଯାହା ଭାରତୀୟ ବଜାରରେ ଥିବା ଅନ୍ୟ ଇଲେକ୍ଟ୍ରିକ୍ ବାଇକଗୁଡିକୁ କଠୋର ପ୍ରତିଯୋଗିତା ଦେବ। ଇଲେକ୍ଟ୍ରିକ୍ ଯାନ କ୍ଷେତ୍ରରେ ଏକ ବଡ଼ ସ୍ଥାନ ହାସଲ କରିବାକୁ ଲକ୍ଷ୍ୟ ରଖି ହିରୋ ମୋଟୋକର୍ପ ଏହି ଇଲେକ୍ଟ୍ରିକ୍ ବାଇକ୍ ଉପର କାମ କରୁଛି। ଏହି ବାଇକ୍ କମ୍ପାନୀର ଆଗାମୀ ଇଲେକ୍ଟ୍ରିକ୍ ବାଇକ୍ ସିରିଜର ଏକ ଅଂଶ ହୋଇପାରେ। ହିରୋ ଅନେକ ଇଭି ଟେକ୍ନୋଲୋଜି କମ୍ପାନୀ ସହିତ ହାତ ମିଶାଇଛି, ଯାହା ଦ୍ୱାରା ଏହାର ନୂଆ ପ୍ରଡ଼କ୍ଟ ଶୀଘ୍ର ଏବଂ ଆଡ଼ଭାନ୍ସ ଟେକ୍ନୋଲୋଜି ଭାବରେ ଲଞ୍ଚ ହୋଇପାରିବ। ତେବେ ଲୋକପ୍ରିୟ କମ୍ପାନୀ ହିରୋର ଇଲେକ୍ଟ୍ରିକ ଭର୍ସନ; ପେଟ୍ରୋଲ ଭର୍ସନ ଭଳି ଲୋକପ୍ରିୟତା ହାସଲ କରୁଛି ନା ନାହିଁ ତାହା ଲଞ୍ଚ ପରେ ହିଁ ଜଣାପଡିବ। ତେବେ ଯଦି ଆପଣ ଏକ ନୂଆ ଇଲେକ୍ଟ୍ରିକ୍ ବାଇକ୍ କିଣିବାକୁ ପ୍ଲାନ କରୁଛନ୍ତି ଏହା ଆପଣଙ୍କ ପାଇଁ ଏକ ବେଷ୍ଟ ଅପ୍ସନ ହେବାକୁ ଯାଉଛି।

# ୧୨୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ



**ନୂଆଦିଲ୍ଲୀ, ୨୯।୧୧:** ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନୀତି କ'ଣ ରହିବ ତାହାକୁ ନେଇ ଆଶଙ୍କା ଥିବାରୁ ଷ୍ଟକ୍ ବଜାର କାରବାର ଗୁରୁତର ଭାବେ ପ୍ରଭାବିତ ହୋଇଛି। ନିବେଶକମାନେ ସେୟାର ବିକ୍ରି କରିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୧୯୦ ପଏଣ୍ଟ ହ୍ରାସ ପାଇ ୭୯,୦୪୩ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୩୬୧ ପଏଣ୍ଟ ହ୍ରାସ ପାଇ ୨୩,୯୧୪ ପଏଣ୍ଟରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ଘଟିଥିବା ହ୍ରାସ ପ୍ରଭାବରେ ନିବେଶକମାନଙ୍କ ୧.୫୨ ଲକ୍ଷ କୋଟି ଟଙ୍କା ବୁଡିଯାଇଛି। ଷ୍ଟକ୍ ବଜାରରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ୍ ବଜାର ପୁଞ୍ଜି ପରିମାଣ ୪୪୨.୯୬ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି। ଷ୍ଟକ୍ ବଜାର କାରବାର ମାନ୍ଦା ରହିବାର ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ଟ୍ରମ୍ପ୍‌ଙ୍କ ନୀତିକୁ ନେଇ ଅନିଶ୍ଚିତତା ଗୋଟିଏ ହୋଇଥିବା ବେଳେ ଅନ୍ୟ କାରଣଟି ହେଉଛି ଆମେରିକାରେ ପ୍ରକାଶ ପାଇଥିବା ମୁଦ୍ରାସ୍ଫୀତି ତଥ୍ୟ। ସେହି ତଥ୍ୟ ଏହି ସଙ୍କେତ ଦେଉଛି ଯେ ଆମେରିକାର ଫେଡେରାଲ୍ ରିଜର୍ଭ ତୃତୀୟ ଥର ପାଇଁ ସୁଧରେ ଅଳ୍ପ ହ୍ରାସ କରିପାରେ। ତେଣୁ ଅନ୍ୟ ଦେଶଗୁଡ଼ିକରେ ସୁଧ ହ୍ରାସ ପ୍ରକ୍ରିୟା ବିଳମ୍ବ ହେବାର ଆଶଙ୍କା ଦେଖାଦେଇଛି। ସେଥିପାଇଁ ନିବେଶକମାନେ ପ୍ରଭାବିତ ହେବାକୁ ଥିବା କ୍ଷେତ୍ରଗୁଡ଼ିକର ସେୟାର ବିକ୍ରି କରିଛନ୍ତି। ଆଇଟି କମ୍ପାନିଗୁଡ଼ିକର ସେୟାର ଅଧିକ ବିକ୍ରିହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଇନଫୋସିସ୍, ଆଇସିଆଇସିଆଇ ବ୍ୟାଙ୍କ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଟିସିଏସ୍, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ସେୟାର ମୂଲ୍ୟ ହ୍ରାସ ପାଇଥିଲା।

# ଓଟିପି ଆସିବା ବନ୍ଦ ଖବରକୁ ନେଇ ସ୍ପଷ୍ଟ କଲା ଟ୍ରାଇ

**ନୂଆଦିଲ୍ଲୀ, ୨୯।୧୧:** ଡିସେମ୍ବର ୧ ତାରିଖରୁ ମୋବାଇଲକୁ କୌଣସି ଓଟିପି ଆସିବ ନାହିଁ । ବିନା ଓଟିପିରେ କିଭଳି କାମ କରାଯିବ ତାହାକୁ ନେଇ ଲୋକେ ଚିନ୍ତାରେ ପଡ଼ିଯାଇଥିଲେ। ଏ ଖବରକୁ ନେଇ ଟ୍ରାଇ ଲୋକମାନଙ୍କୁ ଚିନ୍ତା ନକରିବାକୁ ସୂଚନା ଦେଇଛି। ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ)ଏକ୍ସରେ ଏକ ପୋଷ୍ଟ ସେୟାର କରି ସୂଚିତ କରି କହିଛି, 'ଦୂରସଞ୍ଚାର ନିୟାମକ ଦେଶରେ ବୃଦ୍ଧି ପାଉଥିବା ସାଇବର ଅପରାଧକୁ ହ୍ରାସ କରିବା ପାଇଁ ଗତ କିଛିବର୍ଷ ହେବ ଉଦ୍ୟମ ଜାରି ରଖିଛି। ନକଲି କଲ ଓ ମେସେଜକୁ ଅଟକାଇବା ପାଇଁ ଅକ୍ଟୋବର ୧ରୁ ନୂଆ ନିୟମ ଲାଗୁ କରି ଦେଇଛି। ଏଥିସହିତ ଟେଲିକମ କମ୍ପାନିକୁ ମେସେଜ ଟ୍ରେସିବିଲିଟିକୁ ମେନଡେଟ କରିବା ପାଇଁ ନଭେମ୍ବର ୩୦ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ଏହି ନୂଆ ନିୟମ ଲାଗୁ ହେଲେ କାହାରିକୁ ଓଟିପି ମିଳିବାରେ ବିଳମ୍ବ ହେବନାହିଁ। ତେଣୁ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ଖବରକୁ ବିଶ୍ୱାସ କରି ଆଦୌ ବିଚଳିତ ହୁଅନ୍ତୁ ନାହିଁ।

### ବ୍ୟାଙ୍କରେ ଆଦାନୀ ଋଣ ସମୀକ୍ଷା ଆରମ୍ଭ

# ଷ୍ଟେଟ୍ ବ୍ୟାଙ୍କ ଦେଇଛି ୩୩,୮୦୦ କୋଟି

**ନୂଆଦିଲ୍ଲୀ, ୨୯।୧୧:** ଶିଳ୍ପପତି ଗୌତମ ଆଦାନୀଙ୍କ ବିରୋଧରେ ଆମେରିକା ଆଇନ ବିଭାଗ ଲାଞ୍ଚ କାରବାର ଅଭିଯୋଗ ଆଣିବା ପରେ ଭାରତରେ ତାଙ୍କ କମ୍ପାନିଗୁଡ଼ିକୁ ଋଣ ଦେଇଥିବା ବ୍ୟାଙ୍କଗୁଡ଼ିକର ସମୀକ୍ଷା ଆରମ୍ଭ କରିଛନ୍ତି। ନୂଆ ଋଣ ଦେବା ପୂର୍ବରୁ ଯଥାର୍ଥ ଆକଳନକୁ ଆହୁରି କଡ଼ାକଡ଼ି କରିବାର ଆବଶ୍ୟକତା ରହିଛି ନା ନାହିଁ ତାହା ଜାଣିବାକୁ ସେମାନେ ଉଦ୍ୟମ କରୁଛନ୍ତି। ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ୟୁନିୟନ୍ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, କାନାରା ବ୍ୟାଙ୍କ, ଆଇଡିବିଆଇ ବ୍ୟାଙ୍କ ଓ ଆର୍‌ବିଏଲ୍ ବ୍ୟାଙ୍କ ଆଦାନୀ ଗ୍ରୁପ୍‌ର ବିଭିନ୍ନ ସଂସ୍ଥାକୁ ଋଣ ଦେଇଛନ୍ତି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଓ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଆଦାନୀ ଋଣର ସମୀକ୍ଷା ଆରମ୍ଭ କରାଯାଇଛି। ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଆଦାନୀ ଗ୍ରୁପ୍‌କୁ ୩୩,୮୦୦ କୋଟି ଟଙ୍କା ଋଣ ଦିଆଯାଇଛି। ଆଦାନୀ ଗ୍ରୁପ୍ ଏହାର ବିଭିନ୍ନ ପ୍ରକଳ୍ପ ଲାଗି ୨.୪ ଲକ୍ଷ କୋଟି ଟଙ୍କାର ଋଣ ଆଣିଛି। ସେଥିରୁ ୮୮,୧୦୦ କୋଟି ଟଙ୍କା ଦେଶ ଭିତର ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନଠାରୁ ନେଇଛି। ସେଥିରୁ ୭୫,୮୭୭ କୋଟି ଟଙ୍କା ମିଆଦୀ ଋଣ ହୋଇଥିବା ବେଳେ ୧୨,୨୨୩ କୋଟି ଟଙ୍କା ହେଉଛି କାର୍ଯ୍ୟକାରୀ ପୁଞ୍ଜି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକଠାରୁ କମ୍ପାନି ୧୫ ପ୍ରତିଶତ ଋଣ ନେଇଥିବା ବେଳେ ଘରୋଇ ବ୍ୟାଙ୍କରୁ ୪ ପ୍ରତିଶତ ଋଣ ନେଇଛି। ଆଦାନୀ ଗ୍ରୁପ୍‌ରେ ଭାରତୀୟ ଜୀବନ ବୀମା ନିଗମ ଓ ପାୱାର ଫାଇନାନ୍ସ କର୍ପୋରେସନ୍, ରୁରାଲ ଇଲେକ୍ଟ୍ରିଫିକେସନ କର୍ପୋରେସନ୍‌ର ମଧ୍ୟ ଟଙ୍କା ଲାଗିଛି। ଆଦାନୀ ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି ଯେ କମ୍ପାନି ପାଖରେ ୫୯,୭୯୧ କୋଟି ଟଙ୍କାର ନଗଦ ରାଶି ରହିଛି। ଯଦି ସେହି ସବୁ ଟଙ୍କାକୁ ଋଣ ଶୁଝିବାରେ ବ୍ୟବହାର କରାଯିବ, ତଥାପି କମ୍ପାନି ଉପରେ ଆହୁରି ୧,୮୧,୬୦୪ କୋଟି ଟଙ୍କାର ଋଣ ରହିବ। କମ୍ପାନି ପାଖରେ ଯେତିକି ନଗଦ ରହିଛି ତାହା ୩୦ ମାସ ପର୍ଯ୍ୟନ୍ତର ଋଣ ଶୁଝିବା ଆବଶ୍ୟକତା ପୂରଣ କରିପାରିବ। ତେଣୁ ବ୍ୟାଙ୍କଗୁଡ଼ିକ ଦେଇଥିବା ଋଣ ପ୍ରତି ହଠାତ୍ କିଛି ବିପଦ ନଥିବା କୁହାଯାଉଛି।

# ଭାରତରେ ଲଞ୍ଚ ହେଲା ଅଡି କ୍ୟୁ୭ ଫେସ୍‌ଲିଫ୍ଟ



**ନୂଆଦିଲ୍ଲୀ, ୨୯।୧୧:** ଭାରତୀୟ ବଜାରରେ ଅଡି କ୍ୟୁ୭ଫେସ୍‌ଲିଫ୍ଟ ଲଞ୍ଚ କରାଯାଇଛି। ଏହାକୁ ୮୮.୬୬ ଲକ୍ଷ ଟଙ୍କା ମୂଲ୍ୟର ଏକ ଏକ୍ସ ଶୋ'ରୁମ୍ ମୂଲ୍ୟରେ ଭାରତକୁ ଅଣାଯାଇଛି। ଅଡି କ୍ୟୁ୭ଫେସ୍‌ଲିଫ୍ଟ ର ଉଭୟ ଏକ୍ସଟେରିୟର୍ ଏବଂ ଇଣ୍ଟେରିୟରର ଅପଡେଟ୍ କରାଯାଇଛି। ଏଥି ସହିତ, ଇଞ୍ଜିନକୁ ପୂର୍ବ ମଡେଲ ପରି ସମାନ ରଖାଯାଇଛି। ଏହାକୁ ଦୁଇଟି ଭ୍ୟାରିଏଣ୍ଟରେ ଲଞ୍ଚ କରାଯାଇଛି। ତେବେ ଆସନ୍ତୁ ଜାଣିବା ଅଡି କ୍ୟୁ୭ଫେସ୍‌ଲିଫ୍ଟର ଫିଚର୍ସ ଏବଂ ଦାମ୍ ବିଷୟରେ। ଅଡି କ୍ୟୁ୭ଫେସ୍‌ଲିଫ୍ଟରେ ଭର୍ଟିକାଲ୍ କ୍ରୋମ୍ ଏମ୍ବେଲିସମେଣ୍ଟ ସହିତ ଏକ ଅପଡେଟ୍ ଗ୍ରିଲ୍ ଅଛି। ଏହା ଏଚଡି ମ୍ୟାଟ୍ରିକ୍ସ ଏଲଇଡି ହେଡଲାଇଟ୍, ଡିଜିଟାଲ୍ ସିଗ୍ନେଚର ସହିତ ନୂଆ ଲିଡ୍ ଡିଆର୍‌ଏଲ୍ ଏବଂ ଫ୍ରେସ୍ ଏୟାର ଇନଟେକ୍ ସହିତ ଏକ ନୂଆ ବମ୍ପର ଅପଗ୍ରେଡ୍ କରିଛି। ଏହାର ସମ୍ପୂର୍ଣ୍ଣ ସିଲହୁଟ୍ ପୁରୁଣା ମଡେଲ୍ ସହିତ ସମାନ ଦିଆଯାଇଛି। ଅବଶ୍ୟ, ଏହାକୁ ନୂତନ ଭାବରେ ଡିଜାଇନ୍ ହୋଇଥିବା ୧୯-ଇଞ୍ଚର ଆଲଏ ହ୍ୱିଲ୍ ଦିଆଯାଇଛି। ଏଥିରେ ଅପଗ୍ରେଡ୍ ଏଲଇଡି ଇଣ୍ଟରନାଲ୍ ଲାଇଟିଂ ଏଲିମେଣ୍ଟସ ମଧ୍ୟ ପ୍ରଦାନ କରାଯାଇଛି। ଏହାକୁ ୫ ଟି କଲର ଅପ୍ସନରେ ଉପସ୍ଥାପିତ କରାଯାଇଛି। ଯାହାକି **Sakhir Gold, Waitomo Blue, Mythos Black, Samurai Grey** ଏବଂ **Glacier White**। ଅଡି କ୍ୟୁ୭ଫେସ୍‌ଲିଫ୍ଟ ଏକ ଅଲ୍-ବ୍ଲାକ୍ ଇଣ୍ଟେରିୟର୍ ଥିମ୍ ପାଇଥାଏ ଏବଂ ଏଥିରେ ବ୍ଲାକ୍ ଲେଦରେଟ୍ ସିଟ୍ ଅପହୋଷ୍ଟ୍ରି ମଧ୍ୟ ସାମିଲ ରହିଛି। ଏହାର ଇଣ୍ଟେରିୟରକୁ ୨ଟି କଲର ଅପ୍ସନରେ ଅଣାଯାଇଛି, ଯାହାକି **Cedar Brown** ଏବଂ **sega beige**। ଏଥିରେ ପୁରୁଣା ଟ୍ରାଇ-ସ୍କ୍ରିନ୍ ସେଟଅପ୍ ଅଛି, ଯାହା ହେଉଛି ୧୦.୧-ଇଞ୍ଚ୍ ଟଚ୍ ସ୍କ୍ରିନ୍ ଇନଫୋଟେନ୍ମେଣ୍ଟ ସିଷ୍ଟମ୍, ୧୨.୩-ଇଞ୍ଚ୍ ଡିଜିଟାଲ୍ ଡ୍ରାଇଭର ଡ଼ିସପ୍ଲେ ଏବଂ କ୍ଲାଇମେଟ୍ କଣ୍ଟ୍ରୋଲ ପ୍ୟାନେଲ୍ ପାଇଁ ଇନଫୋଟେନ୍ମେଣ୍ଟ ତଳେ ଅନ୍ୟ ଏକ ଡିସପ୍ଲେ ଦିଆଯାଇଛି। ଏଥିରେ ୧୯-ସ୍ପିକର ବାଙ୍ଗ ଆଣ୍ଡ ଓଲୁଫସେନ୍ ଅଡିଓ ସିଷ୍ଟମ, ୪-ଜୋନ୍ କ୍ଲାଇମେଟ କଣ୍ଟ୍ରୋଲ, ପାନୋରାମିକ୍ ସନରୁଫ୍ ଏବଂ ପାର୍କ ଆସିଷ୍ଟ ସହିତ ୩୬୦-ଡ଼ିଗ୍ରୀ କ୍ୟାମେରା ଭଳି ଫିଚର୍ସ ରହିଛି। ଅଡି ପ୍ରଥମେ ଡିଜେଲ ଇଞ୍ଜିନ ସହିତ କ୍ୟୁ୭ ପ୍ରଦାନ କରିଥିଲା, କିନ୍ତୁ ଏହା କିଛି ବର୍ଷ ପୂର୍ବେ ବନ୍ଦ ହୋଇଯାଇଥିଲା। ଯେତେବେଳେ ଅଡି ଭାରତରେ ଡିଜେଲ ଚାଳିତ କାର ବିକ୍ରି ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ସେହି ଦିନଠାରୁ, କ୍ୟୁ୭ ଭାରତରେ ୩.୦ ଲିଟର ଟ୍ୱିନ୍-ଟର୍ବୋ ଭି୬ ପେଟ୍ରୋଲ୍ ଇଞ୍ଜିନ୍ ସହିତ ବିକ୍ରି ହୁଏ ଯାହା ୩୪୦ ଏଚପି ପାୱାର ଏବଂ ୫୦୦ ଏନଏମ ଟର୍କ ଜେନେରେଟ କରେ। ଏହା ଏକ ଅଟୋମେଟିକ ଗିଅରବକ୍ସ ଏବଂ ଅଡିର କ୍ୱାଟ୍ରୋ ଏଡବ୍ଲ୍ୟୁହି ଟେକ୍ନୋଲୋଜି ସହିତ ଆସିଥାଏ। ଏହି ଇଞ୍ଜିନ୍ ଅଡି କ୍ୟୁ୭ ଫେସଲିଫ୍ଟରେ ଦିଆଯାଇଛି। କମ୍ପାନୀ ଦ୍ୱାରା ଦାବି କରାଯାଇଛି ଯେ କ୍ୟୁ୭କୁ ୫.୬ ସେକେଣ୍ଡରେ ତ୍ୱରାନ୍ୱିତ ହୁଏ ଏବଂ ଏହାର ହାଇ ସ୍ପିଡ୍ ୨୫୦ କେପିଏଚ ଅଟେ। ଅଡି କ୍ୟୁ୭ଫେସ୍‌ଲିଫ୍ଟ ଭାରତରେ ଦୁଇଟି ଭ୍ୟାରିଏଣ୍ଟରେ ଲଞ୍ଚ କରାଯାଇଛି, ଯାହା ପ୍ରିମିୟମ୍ ପ୍ଲସ୍ ଏବଂ ଟେକ୍ନୋଲୋଜି। ପ୍ରିମିୟମ୍ ପ୍ଲସ୍ ର ମୂଲ୍ୟ ୮୮. ୬୬ ଲକ୍ଷ ଏବଂ ଟେକ୍ନୋଲୋଜିର ମୂଲ୍ୟ ୯୭. ୮୧ ଲକ୍ଷ ଟଙ୍କା। ଭାରତରେ ଏହା ବିଏମଡବ୍ଲ୍ୟୁ ଏକ୍ସ୫ (୯୭ ଲକ୍ଷ -୯୯ ଲକ୍ଷ ଟଙ୍କା), ମର୍ସିଡିଜ୍ ଜିଏଲ୍ (୯୭.୮୫ ଲକ୍ଷ ଟଙ୍କା) ଏବଂ ଭଲଭୋ ଏକ୍ସସି୯୦ (୧.୦୧ କୋଟି ଟଙ୍କା) ସହିତ ପ୍ରତିଦ୍ୱନ୍ଦ୍ୱିତା କରିବ।

# ଇପିଏସ୍ ପେନ୍‌ସନ୍ ବଢ଼ାଇବା ଯୋଜନା: ଟଙ୍କା ଉଠାଇବାକୁ ମିଳିବ ଏଟିଏମ୍ କାର୍ଡ

**ନୂଆଦିଲ୍ଲୀ, ୨୯।୧୧:** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସଦସ୍ୟମାନଙ୍କ ପେନ୍‌ସନ୍‌ରେ ବୃଦ୍ଧି ଆଣିବା ଉପରେ ସରକାର ବିଚାର କରୁଛନ୍ତି। କର୍ମଚାରୀ ପେନ୍‌ସନ୍ ସ୍କିମ୍ (ଇପିଏସ୍) ରେ ଯୋଡ଼ି ହୋଇଥିବା ସଦସ୍ୟମାନେ ଅବସର ନେବା ପରେ ଯେଭଳି ଅଧିକ ପେନ୍‌ସନ୍ ପାଇବେ ତାହାକୁ ନେଇ ବିଚାରବିମର୍ଶ ଚାଲିଛି। ବର୍ତ୍ତମାନ ଅଧିକାଂଶ ସଦସ୍ୟଙ୍କ ପେନ୍‌ସନ୍ ମାସିକ ୩୦୦୦-୪୦୦୦ ଟଙ୍କା ମଧ୍ୟରେ ରହିଛି ଯାହା ବର୍ତ୍ତମାନ ସମୟର ଦରଦାମ୍ ଦୃଷ୍ଟିରୁ ଯଥେଷ୍ଟ ନୁହେଁ। ତେଣୁ ସଦସ୍ୟମାନଙ୍କ ପେନ୍‌ସନ୍ ବଢ଼ାଇବା ଲାଗି ଏକ ବ୍ୟାପକ ଯୋଜନା ଉପରେ କାମ ଚାଲିଛି। ସେଥିପାଇଁ ଇପିଏସ୍ ସ୍କିମ୍‌ରେ ବ୍ୟାପକ ପରିବର୍ତ୍ତନ କରାଯିବ। ସଦସ୍ୟମାନେ ପେନ୍‌ସନ୍ ଲାଗି ନିଜ ଦରମାରୁ ଯେଭଳି ଅଧିକ ଅର୍ଥ ଦେଇପାରିବେ ସେଥିପାଇଁ ବ୍ୟବସ୍ଥା ହେବ। ସଦସ୍ୟମାନେ ଯେଭଳି ନିଜ ପ୍ରକୃତ ଦରମା ଉପରେ ପେନ୍‌ସନ୍ ଖାତାକୁ ଯୋଗଦାନ ଦେଇପାରିବେ ସେଥିପାଇଁ ଇପିଏସ୍‌ରେ ପରିବର୍ତ୍ତନ କରିବା ଉପରେ ଶ୍ରମ ମନ୍ତ୍ରଣାଳୟ ବିଚାର କରୁଛି। ଏହା ହେଲେ ସଦସ୍ୟମାନେ ଅଧିକ ପେନ୍‌ସନ୍ ପାଇପାରିବେ। ଯେଉଁ ସଦସ୍ୟ ପେନ୍‌ସନ୍ ଖାତାକୁ ଯେତେ ଅଧିକ ଅବଦାନ ଦେବାକୁ ଚାହିବେ ତାହା ଯେଭଳି ଦେଇପାରିବେ ସେଥିପାଇଁ ବ୍ୟବସ୍ଥା ହେବ। ଏହା ଦ୍ୱାରା ପେନ୍‌ସନ୍‌କୁ ସାର୍ବଜନୀନ କରିବା ଲାଗି ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ତାହା ହାସଲ କରିବାର ଯୋଜନା ରହିଛି। ପ୍ରଚଳିତ ନିୟମ ଅନୁସାରେ ଇପିଏଫ୍‌ଓ ଖାତାରେ କର୍ମଚାରୀଙ୍କ ମୂଳ ଦରମାର ୧୨ ପ୍ରତିଶତ ରାଶି ଜମା ହେଉଛି। ତେବେ ନିଯୁକ୍ତିଦାତା ଦେଉଥିବା ୧୨ ପ୍ରତିଶତ ରାଶିର ୮.୩୩ ପ୍ରତିଶତକୁ ପେନ୍‌ସନ୍ ଖାତାରେ ଜମା କରାଯାଉଛି। ଏହି ବ୍ୟବସ୍ଥାରେ ଜଣେ ଘରୋଇ କ୍ଷେତ୍ରର କର୍ମଚାରୀ ଯେତେ ଅଧିକ ଦରମା ପାଉଥାନ୍ତୁ ନା କାହିଁକି ତାଙ୍କ ଦରମାକୁ ମାସିକ ୧୫ ହଜାର ଟଙ୍କା ବିଚାର କରି ତାହା ଉପରେ ଇପିଏଫ୍ ଅବଦାନ ରାଶି କଟାଯାଉଛି। ସେଥିପାଇଁ ସଦସ୍ୟମାନଙ୍କୁ ଅଧିକ ପେନ୍‌ସନ୍ ମିଳିପାରୁନାହିଁ। ନୂଆ ବ୍ୟବସ୍ଥାରେ ସଦସ୍ୟମାନେ ନିଜ ପ୍ରକୃତ ଦରମା ଉପରେ ଅବଦାନ ରାଶି ଦେଇପାରିବେ। ତେବେ ଏହି ଯୋଜନା ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ଏହାର ପୂର୍ଣ୍ଣାଙ୍ଗ ରୂପରେଖ ପ୍ରସ୍ତୁତ କରିବା ଲାଗି ଆହୁରି କିଛି ସମୟ ଲାଗିବ ବୋଲି ଜଣାପଡ଼ିଛି। ଡେଲିଭରି ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଗିଗ୍ କର୍ମଚାରୀଙ୍କୁ ଇପିଏସ୍ ସ୍କିମ୍‌ରେ ଯୋଡ଼ିବାକୁ ମଧ୍ୟ ସରକାର ଯୋଜନା ରଖିଛନ୍ତି। ସେମାନଙ୍କ ମାସିକ ଆୟର ୧ କିମ୍ବା ୨ ପ୍ରତିଶତ ରାଶିକୁ ଅବଦାନ ରାଶି ଭାବେ ସଂଗ୍ରହ କରାଯିବ।

ଅନ୍ୟ ପକ୍ଷରେ ଇପିଏଫ୍‌ଓର ସୂଚନା ପ୍ରଯୁକ୍ତି ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବା ଉପରେ ମଧ୍ୟ ବିଚାର କରାଯାଉଛି। ଏହାହେଲେ ସଦସ୍ୟମାନେ ଅତି ସହଜରେ ଓ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିପାରିବେ। ଦୁଇଟି ପର୍ଯ୍ୟାୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ପ୍ରଥମ ପର୍ଯ୍ୟାୟରେ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ୫୦ ପ୍ରତିଶତ ସମସ୍ୟା ସମାଧାନ କରାଯିବ। ଦ୍ୱିତୀୟ ପର୍ଯ୍ୟାୟକୁ ୨୦୨୫ ଜୁନ୍ ସୁଦ୍ଧା ଶେଷ କରାଯିବ। ସଦସ୍ୟମାନଙ୍କୁ ଏଟିଏମ୍ କାର୍ଡ ଦେବା ଉପରେ ମଧ୍ୟ ସରକାର ବିଚାର କରୁଛନ୍ତି। ତାହାକୁ ବ୍ୟବହାର କରି ସେମାନେ ନିଜ ପିଏଫ୍ ଖାତାର ୫୦ ପ୍ରତିଶତ ପର୍ଯ୍ୟନ୍ତ ରାଶି ଉଠାଇପାରିବେ।

### ସାଟେଲାଇଟ ସ୍ପେକ୍ଟ୍ରମକୁ ନେଇ ସରକାରଙ୍କ ବଡ଼ ବୟାନ

# ମସ୍କ, ମୁକେଶ, ମିତଲଙ୍କ କଡ଼ା ଟକ୍କର



**ନୂଆଦିଲ୍ଲୀ, ୨୯।୧୧:** ଜିଓ ଓ ଏୟାରେଟଲ୍ ଭଳି କମ୍ପାନୀ ଭାରତରେ ଟେଲିକମ ମାର୍କେଟକୁ କବ୍ଜା କରିଥିବା ବେଳେ ଆଗକୁ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ। ଅନ୍ତର୍ଜାତୀୟ ନିୟମ ଅନୁସାରେ, ସାଟେଲାଇଟ ଆବଣ୍ଟନ ଯଦି ପ୍ରଶାସନିକ ସ୍ତରରେ ହେଲା ତେବେ ଭାରତୀୟ ମାର୍କେଟରେ ଏଣ୍ଟ୍ରି ମାରିବେ ଷ୍ଟାର ଲିଙ୍କ ଓ ଆମାଜନର କ୍ୱିପର ଭଳି ବିଦେଶୀ ସଂସ୍ଥା। ଫଳରେ ଘରୋଇ ସଂସ୍ଥା ସହିତ ବଡ଼ ଟକ୍କର ଦେଖିବାକୁ ମିଳିବ। ଏନେଇ କେନ୍ଦ୍ର ଦୂରସଂଚାର ରାଷ୍ଟ୍ରମନ୍ତ୍ରୀ ପେମାସାନି ଚନ୍ଦ୍ରଶେଖର ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ପ୍ରଶାସନିକ ପ୍ରକ୍ରିୟା ମାଧ୍ୟମରେ ସାଟଲାଇଟ ସ୍ପେକ୍ଟ୍ରମ ଆବଣ୍ଟନ ହେବ ବୋଲି ମନ୍ତ୍ରୀ ଲୋକସଭାରେ ଘୋଷଣା କରିଛନ୍ତି। ନିଲାମ ପ୍ରକ୍ରିୟା ବିନା କିପରି ଏହି ସ୍ପେକ୍ଟ୍ରମ ଆବଣ୍ଟନ କରିହେବ ସେନେଇ ସରକାର ଯୋଜନା କରୁଛନ୍ତି। ଏ କ୍ଷେତ୍ରରେ ନିଆଯାଉଥିବା ପ୍ରତିଟି ପଦକ୍ଷେପ ନାଗରିକମାନଙ୍କ ହିତ ସହ ଜ୍ଞାନକୌଶଳ ଓ ଆର୍ଥିକ କ୍ଷେତ୍ରକୁ ଧ୍ୟାନରେ ରଖି ନିଆଯିବ ବୋଲି ସେ କହିଛନ୍ତି। ମନ୍ତ୍ରୀ ଆହୁର କହିଛନ୍ତି ଯେ ଟେଲିକମ ମନ୍ତ୍ରଣାଳୟ ଏହି ମାମଲାକୁ ଟେଲିକମ ରେଗୁଲେଟାରି ଅଥୋରିଟି ଅଫ ଇଣ୍ଡିଆ(ଟ୍ରାଇ)କୁ ପଠାଇଛି। ଟ୍ରାଇ ସ୍ପେକ୍ଟ୍ରମ ଦର, ଲାଇସେନ୍ସ ଓ ଏହା ସହିତ ଜଡିତ ଅନ୍ୟ ସର୍ତ୍ତଗୁଡିକ ଉପରେ ପରାମର୍ଶ ଦେବ। ତା ପରେ ନିଷ୍ପତ୍ତି ନିଆଯିବ। ସ୍ପେକ୍ଟ୍ରମ ଆବଣ୍ଟନ ପ୍ରକ୍ରିୟାରେ ଏଲନ ମସ୍କଙ୍କ ଷ୍ଟାରଲିଙ୍କ, ଆମାଜନର କ୍ୱିପର ଓ ଭାରତର ଜିଓ, ଏୟାରଟେଲ ଏବଂ ଭୋଡାଫୋନ ସାମ୍ନାସାମ୍ନି ହେବେ। କମ୍ପିଟିସନ ବଢ଼ିଲେ ଡାଟା ଶସ୍ତା ହୋଇପାରେ ବୋଲି କୁହାଯାଉଛି। ତେବେ ସ୍ପେକ୍ଟ୍ରମ ଆବଣ୍ଟନ ନେଇ ଏଲନ ମସ୍କ ଓ ଅମ୍ବାନୀଙ୍କ ମଧ୍ୟରେ ବିବାଦ ଜାରି ରହିଛି। ନିୟମ ଅନୁସାରେ ସାଟେଲାଇଟ୍ ସ୍ପେକ୍ଟ୍ରମ ଆବଣ୍ଟନ ପ୍ରଶାସନିକ ସ୍ତରରେ ହେବା ଉଚିତ ବୋଲି ମସ୍କ ଦାବି କରୁଛନ୍ତି। ଅନ୍ୟପଟେ ଘରୋଇ କମ୍ପାନୀ ଏୟାରଟେଲ ଓ ଜିଓ କିନ୍ତୁ ଏହାର ନିଲାମ ଡକାଯାଉ ବୋଲି ଦାବି କରୁଛନ୍ତି। ଷ୍ଟାରଲିଙ୍କ ଓ ଆମାଜନ ଭଳି କମ୍ପାନିଗୁଡ଼ିକ ଭାରତର ସହରାଞ୍ଚଳରେ ନିଜ ସେବା ଯୋଗାଇ ଦେବାର ଯୋଜନା ରଖିଛନ୍ତି। ସହରାଞ୍ଚଳରେ ଜିଓ ଓ ଏୟାରଟେଲ ଆରମ୍ଭରୁ ନିଜ ସେବା ଜାରି ରଖିଛନ୍ତି, ତେଣୁ ସମସ୍ତ କମ୍ପାନିଗୁଡ଼ିକ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ। ତେବେ ଏଲନ ମସ୍କଙ୍କର ୧୦୦ ଦେଶରେ ୪୦ ଲକ୍ଷ ସବସ୍କ୍ରାଇବର ଅଛନ୍ତି। ଏହିସବୁ ଦେଶରେ ଡାଟା ରେଟ୍ ବହୁତ ମହଙ୍ଗା ରହିଛି। ଅପରପକ୍ଷରେ ଘରୋଇ ଟେଲିକମ୍ କମ୍ପାନୀ ଜିଓ ଓ ଏୟାରଟେଲ୍ ବହୁତ କମ୍ ଦାମରେ ଇଣ୍ଟରନେଟ୍ ସେବା ଯୋଗାଉଛନ୍ତି। ହେଲେ ମସ୍କ ଭାରତରେ ଏଣ୍ଟ୍ରି ମାରିଲେ ଡାଟା ଶସ୍ତା ହେବ କି ନାଁ ତା' ସମୟ ଆସିଲେ ଜଣାପଡ଼ିବ।

# ଟେଷ୍ଟିଙ୍ଗ ସମୟରେ ସ୍ପଟ୍ ହେଲା ଏମ୍‌ଜି ଗ୍ଲୋଷ୍ଟର୍ ଫେସ୍‌ଲିଫ୍ଟ

**ନୂଆଦିଲ୍ଲୀ, ୨୯।୧୧:** ଭାରତୀୟ ରାସ୍ତାରେ ଏମ୍‌ଜି ଗ୍ଲୋଷ୍ଟର୍ ଫେସଲିଫ୍ଟର ଟେଷ୍ଟିଙ୍ଗ ଆରମ୍ଭ ହୋଇଛି। ଆମେ ଏହା କହୁଛୁ କାରଣ ନିକଟରେ ଟେଷ୍ଟିଙ୍ଗ ସମୟରେ ଏହା ଦେଖିବାକୁ ମିଳିଛି। ୨୦୨୫ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଭାରତ ମୋବିଲିଟି ୨୦୨୫ରେ ଏହାକୁ ଉପସ୍ଥାପିତ କରାଯାଇପାରିବ। ଏହା ପ୍ରଥମେ ଭାରତରେ ୨୦୨୦ ରେ ଲଞ୍ଚ କରାଯାଇଥିଲା। ଏହା ହେଉଛି ଆଗାମୀ ଫ୍ଲାଗସିପ୍ ଏସୟୁଭି। ସେହି ସମୟରେ, ଏହା ନିଜ ସେଗମେଣ୍ଟରେ ପ୍ରଥମ ଏସୟୁଭି ଥିଲା ଯାହାକି ଏଡାସ ଫିଚର୍ ପ୍ରଦାନ କରିଥିଲା। ଟେଷ୍ଟିଙ୍ଗ ସମୟରେ ଦେଖାଯାଇଥିବା ଏମ୍‌ଜି ଗ୍ଲୋଷ୍ଟର୍ ଫେସଲିଫ୍ଟ ଭର୍ସନ ବିଶ୍ୱ ବଜାରରେ ବିକ୍ରି ହେଉଥିବା ଗ୍ଲୋଷ୍ଟର ସହିତ ସମାନ ଡିଜାଇନ୍ ରହିବ। ଏହାର ଆଗ ପାର୍ଶ୍ୱରେ ଏକ ସ୍ପ୍ଲିଟ୍ ହେଡଲ୍ୟାମ୍ପ ସେଟଅପ୍ ସହିତ ବହୁ ପରିମାଣରେ ରି-ଡିଜାଇନ୍ କରାଯାଇଛି। ଏଥିରେ ସ୍ଲିମ୍ ଏଲଇଡି ଡେ-ଟାଇମ୍ ରନିଙ୍ଗ ଲ୍ୟାମ୍ପଗୁଡିକ ଉପରକୁ ରଖାଯାଇଥିବାବେଳେ ମେନ୍ ହେଡଲ୍ୟାମ୍ପ ୟୁନିଟ୍ ଭୂଲମ୍ବ ଭାବରେ ରଖାଯାଇଛି। ଏହାର ଗ୍ରିଲ୍ ପୂର୍ବ ଅପେକ୍ଷା ବଡ ଅଟେ ଯାହା ରାସ୍ତାର ଉପସ୍ଥିତି ବଢ଼ାଇବାରେ ସାହାଯ୍ୟ କରିବ। ଏହା ସହିତ, ସାଇଡରେ ନୂଆ ଆଲଏ ହ୍ୱିଲ୍ ସହିତ ବଡି କ୍ଲାଡିଂ ମଧ୍ୟ ଅଛି। ଏହାର ପଛରେ ନୂଆ ଏଲଇଡି ଟେଲ ଲ୍ୟାମ୍ପ ଏବଂ ଏକ ନୂଆ ବମ୍ପର ମଧ୍ୟ ଦେଖିବାକୁ ମିଳେ। ଟେଷ୍ଟିଂ ସମୟରେ ଦେଖାଯାଇଥିବା ଗ୍ଲୋଷ୍ଟର ଫେସଲିଫ୍ଟର ଇଣ୍ଟେରିୟର ମଧ୍ୟ ଦେଖିବାକୁ ମିଳିଛି। ଏହାର ଫେସଲିଫ୍ଟ ଭର୍ସନର ଏସୟୁଭି ର କ୍ୟାବିନରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଏହା ନୂଆ ଇଣ୍ଟେରିୟର କଲର୍ ସ୍କିମ୍, ନୂଆ ଡ୍ୟାସବୋର୍ଡ ଏବଂ ବଡ଼ ଇନଫୋଟେନ୍ମେଣ୍ଟ ସ୍କ୍ରିନ ସହିତ ଦେଖାଯାଇପାରେ। ଏଥିରେ, ପୁରୁଣା ଇଞ୍ଜିନ୍ ଅପ୍ସନ ଦେଖିବାକୁ ମିଳିଛି। ଏହି ମଡେଲଟି ୨.୦-ଲିଟର ଟର୍ବୋ ଡିଜେଲ ଇଞ୍ଜିନ୍ ଏବଂ ୨.୦ ଲିଟର ଟ୍ୱିନ୍ ଟର୍ବୋ ୟୁନିଟ୍ ସହିତ ଆସିଛି। ଏହି ଦୁଇଟି ଇଞ୍ଜିନ୍ ଆଠ-ସ୍ପିଡ୍ ଅଟୋମେଟିକ୍ ଟ୍ରାନ୍ସମିସନ୍ ସହିତ ପ୍ରଦାନ କରାଯାଏ। ଏଥିରେ ଉପଲବ୍ଧ ଟର୍ବୋ ଡିଜେଲ ୧୫୯ ବିଏଚପି ପାୱାର ଜେନେରେଟ କରେ ଏବଂ ଟ୍ୱିନ୍-ଟର୍ବୋ ଇଞ୍ଜିନ୍ ୨୧୩ ବିଏଚପି ପାୱାର ଜେନେରେଟ କରେ।

# ଚାଷୀଙ୍କ ସୁନାର କ୍ଷେତକୁ ଲଘୁଚାପ ଭୟ

## ଚିନ୍ତା ବଢ଼ାଇଛି ଝିପିଝିପି ବର୍ଷା ଓ କୋହଲା ପାଗ





**କାକଟପୁର/ଅସ୍ତରଙ୍ଗ,୨୯।୧୧(ସଂଚାର ବ୍ୟୁରୋ):** ଏବେ କ୍ଷେତରେ ଲହଡି ମାରୁଛି ସୁନାର ଫସଲ ଧାନ। ଅମଳକୁ କେବଳ ଅନାଇ ବସିଛି। ବାତ୍ୟା ଦାନାରେ କିଛି କ୍ଷତି ହୋଇନଥିବା ବେଳେ ଫସଲ ମଧ୍ୟ ଭଲ ହୋଇଛି। କିନ୍ତୁ ବାରମ୍ବାର ଚାଷୀଙ୍କୁ ଛାନିଆ କରୁଛି ଲଘୁଚାପ ଭୟ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପରେ ବର୍ଷା ସମ୍ଭାବନା ସୃଷ୍ଟି ହେବା ଶୁଣି ଫଳରେ ଚାଷୀ ଆତଙ୍କିତ ହୋଇଛି। ହେଲେ ସୌଭାଗ୍ୟବଶତଃ ପାଗ କୋହଲା ରହିଥିବା ବେଳେ ବର୍ଷା ସେତେ ମାତ୍ରାରେ ହୋଇନାହିଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ରେ ଶୁକ୍ରବାର କିଛି ସ୍ଥାନରେ ଝିପିଝିପି ବର୍ଷା କିଛି ସମୟ ହୋଇଥିବା ବେଳେ ଚିନ୍ତାରେ କିଛି ଚାଷୀ ବିଲରେ କଟାଧାନକୁ ଖଳା କରି ପାଳ ଗୋଡ଼ାଇଛନ୍ତି।ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ହେବ ବୋଲି କୁହାଯାଉଛି। ହେଲେ ଲଘୁଚାପ ନାଁ ଶୁଣି ଚାଷୀ ଆତଙ୍କିତ ହୋଇ ପଡିଛନ୍ତି। ଯାହା ଚାଷୀକୂଳକୁ ଛାନିଆ କରିବା ସହ ଭୟ ଓ ଆଶଙ୍କା ଦେଖାଦେଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଞ୍ଚଳବାସୀ ଙ୍କ ଧାନ ହେଉଛି ବର୍ଷକର ଆହାର। କିନ୍ତୁ ବ୍ଲକର ସମସ୍ତ ପଂଚାୟତରେ ୮୦ଭାଗ ଜମିରେ କେବଳ ଧାନ ଚାଷ କରାଯାଇଥାଏ। ଏହି ଏକମାତ୍ର ଫସଲ ଉପରେ ନିର୍ଭର କରି ଲୋକମାନେ ଚଳନ୍ତି। ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ପୂର୍ବରୁ ବର୍ଷା ଅଭାବରୁ ଚାଷୀମାନେ ଧାର କରଜ କରି ପୋଖରୀ, କିମ୍ବା ବିଭିନ୍ନ ଉପାୟରେ ଚାଷ ଜମିରେ ପାଣି ମଡ଼ାଇ ଖର୍ଚ୍ଚାନ୍ତ ହେବା ପରେ ଲଘୁଚାପ ଜନିତ ଦାନା ର ପ୍ରଭାବରେ ବର୍ଷା ଚାଷୀଙ୍କୁ ଆଶ୍ୱସ୍ତି ଦେଇଥିଲା। ବର୍ତ୍ତମାନ ୬୦ଭାଗରୁ ଉର୍ଦ୍ଧ ଜମିରେ ଧାନ ପାଚିବାକୁ ଆରମ୍ଭ କରିଛି। ଏଥି ସହିତ ଅମଳ ବି ଆରମ୍ଭ ହୋଇଛି। ଏପରିସ୍ଥିତିରେ ବର୍ଷା ହେଲେ ଧାନ ଫସଲ ଉଜୁଡିବା ସାର ହେବା। ଚାଷ ଜମିରେ ପାଣି ରହିବା ଦ୍ୱାରା ପୋକ ମାନଙ୍କ ପାଦୁର୍ଭାବ ବଢିବ। ଏଥି ସହିତ ଚାଷ ଜମିରେ ପାଣିଥିବାରୁ ପାଚି ଆସିଥିବା ଧାନ କିଆରୀକୁ ଯାଇ ନ ହେବାରୁ ପାଚିଲା ଧାନ ଅମଳ ହୋଇ ପାରିବ ନାହିଁ। ଚାଷ ଜମିରୁ ଜଳ ନିଷ୍କାସନ କରି କ୍ଷେତ ଶୁଖିବା ପରେ ଧାନ ଅମଳ ହେବ। ଯଦି ବର୍ଷା ଯୋଗୁଁ ଧାନ କିଆରୀରେ ଲୋଟି ପଡେ ତାହାହେଲେ ଅମଳ ମଧ୍ୟ କଷ୍ଟସାଧ୍ୟ ହୋଇ ପଡିବ। ଅଦିନିଆ ଲଘୁଚାପ ବର୍ଷା ବର୍ଷୀବ ଶୁଣି ଏବେ ଚାଷୀ କଣ କରିବ କିଛି ଚିନ୍ତା କରି ପାରୁନି। କେବଳ ଭାଗ୍ୟକୁ ଆଦରି ଛାନିଆ ହେବା ସାର ହୋଇଛି।

## ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଲେ ଯବାନ, ମାଟି ତଳୁ ମିଳିଲା ବିସ୍ଫୋରକ

**ବୌଦ୍ଧ,୨୯।୧୧(ସଂଚାର ବ୍ୟୁରୋ):** ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଲେ ଯବାନ ଓ ଅଞ୍ଚଳବାସୀ। ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ବେଳେ ମିଳିଲା ବିସ୍ଫୋରକ ସାମଗ୍ରୀ। ମାଟି ତଳେ ବିସ୍ଫୋରକ ସାମଗ୍ରୀ ପୋତା ଯାଇଥିଲା। ବିସ୍ଫୋରଣ ପୂର୍ବରୁ ମାଟି ଖୋଳି ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରିଛନ୍ତି ଡିଭିଏଫ୍ ଯବାନ ଓ ବମ୍ ସ୍କ୍ୱାର୍ଡ। ଏନେଇ ସୂଚନା ଦେଇଛନ୍ତି ବୌଦ୍ଧ ଏସ୍ପି ନାଗରାଜ ଦେବରକୋଣ୍ଡା। ମନମୁଣ୍ଡା ଥାନା କନାଗୁଡା ଅଞ୍ଚଳରେ ନକ୍ସଲଙ୍କ ଗତିବିଧି ଥିବା ସୂଚନା ମିଳିଥିଲା। ଏହା ପରେ ଡିଭିଏଫ୍ ଯବାନମାନେ କମ୍ବିଂ ଅପରେସନରେ ଯାଇଥିଲେ। କନାଗୁଡ଼ା ଗାଁଠାରୁ ୫୦୦ ମିଟର ଦୂରରେ ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ବେଳେ ବିସ୍ଫୋରକ ସାମଗ୍ରୀ ଠାବ ହୋଇଥିଲା। ବଡ଼ ଧରଣ ଦୁର୍ଘଟଣା ଘଟାଇବା ପାଇଁ ନକ୍ସଲମାନେ ମାଟି ତଳେ ବିସ୍ଫୋରକ ସାମଗ୍ରୀ ପୋତି ରଖିଥିଲେ। ଯବାନ ଓ ବମ୍ ସ୍କ୍ୱାର୍ଡ ମିଳିତ ଭାବେ ଅତି ସତର୍କତାର ସହ ମାଟି ଖୋଳି ଏକ ଡ୍ରମ୍‌ରେ ଭର୍ତ୍ତି ହୋଇଥିବା ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରିଥିଲେ। ଯେଉଁଥିରେ ୨୩୦ଟି ଜିଲୋଟିନ୍ ଷ୍ଟିକ୍ ସମେତ ୧ ମିଟର ସେଫଟି ଫ୍ୟୁଜ୍, ବ୍ୟାଟେରୀ ୫ଟି, ମାଓ ୟୁନିଫର୍ମ ଓ ବହୁ ମାଓ ସାମଗ୍ରୀ ଥିଲା। ଏନେଇ ସୂଚନା ଦେଇଛନ୍ତି ବୌଦ୍ଧ ଏସ୍ପି ନାଗରାଜ ଦେବରକୋଣ୍ଡା।



## ନୃତ୍ୟ ଓ ସଂଗୀତ ନିର୍ଦ୍ଦେଶକ ଦେବେନ୍ଦ୍ର ନାଥଙ୍କ ବିୟୋଗରେ ଶୋକ



**କଟକ,୨୯।୧୧(ସଂଚାର ବ୍ୟୁରୋ):** ବିଶିଷ୍ଟ ନୃତ୍ୟ ଓ ସଂଗୀତ ନିର୍ଦ୍ଦେଶକ ମାଷ୍ଟର ଦେବେନ୍ଦ୍ର ନାଥ ବାରିକ (୭୫) ମୃତ୍ୟୁରେ ସରସ୍ୱତୀ କଳା ପରିଷଦ କନ୍ଦରପୁର ସମ୍ପାଦକ ନାଟ୍ୟକାର ଆଶୋକ ପଟ୍ଟନାୟକ, ସାଂସ୍କୃତିକ ମହୋତ୍ସବ କମିଟି ବୟାଳିଶମୌଜା ସଭାପତି ନାଟ୍ୟକାର ସନ୍ତୋଷ ପତି ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ସେ ଜଣେ ନୃତ୍ୟ ଓ ସଂଗୀତ ନିର୍ଦ୍ଦେଶକ ଭାବେ ବହୁ ଅନୁଷ୍ଠାନ ତଥା ବାଲୁଙ୍କେଶ୍ୱର ରାମଲୀଳା ସମିତି ଦେଉଳି, ମିର୍ଜାଇପୁର ରାମଲୀଳା ସମିତି, ବମ୍ପକୁଦ ରାମଲୀଳା ସମିତି, ଠାକୁର ସାହି ବରାଳ ରାମଲୀଳା ସମିତି ଓ ୪୨ ମୌଜା ରାମଲୀଳା ସମିତି, ଦହିଗାଁରେ ନୃତ୍ୟ ଓ ସଂଗୀତ ନିର୍ଦ୍ଦେଶନା ଦେଉଥିଲେ। ହନୁମାନ ଚାଳିଶା ଓ ରାମଚରିତ ମାନସ ପାରାୟଣରେ ସବୁବେଳେ ନିୟୋଜିତଥିଲେ। ସୂଚନାଯୋଗ୍ୟ ସେ ୪୨ମୌଜା ଟାଇଁକଣା ଗ୍ରାମର ବାସିନ୍ଦା ଅଟନ୍ତି।

## ରୁପା ଇଟା ସହ ନଗଦ ଟଙ୍କା ଜବତ; ୨ ଗିରଫ



**ବ୍ରହ୍ମପୁର,୨୯।୧୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଖଲ୍ଲିକୋଟ ପୋଲିସ୍ କୁ ମିଳିଛି ବଡ ସଫଳତା। ଜାତୀୟ ରାଜପଥ ନଂ୧୬ ଗୁରାପଲ୍ଲି ଟୋଲ୍‌ଗେଟ ନିକଟରେ ଗାଡ଼ି ଯାଞ୍ଚବେଳେ ଏକ କାର୍‌ରୁ ୮୮ କେଜି ରୁପା ସହ ନଗଦ ୫ ଲକ୍ଷ ୪୬ ହଜାର ୬ ଶହ ଟଙ୍କା ଜବତ ଖଲ୍ଲିକୋଟ ପୋଲିସ ଜବତ୍ କରିଛି। ଏକ କାର୍‌ରେ ବ୍ରହ୍ମପୁରରୁ କୋଲକାତା ଅଭିମୁଖେ ଏହି ରୁପା ଇଟା ଚାଲାଣ ହେଉଥିବା ବେଳେ ପୋଲିସର ଯାଞ୍ଚ ବେଳେ ଧରାପଡ଼ିଥିଲା। ଏହା ପରେ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଏହି ରୁପା ଜିଏସଟି ଫାଙ୍କି ଚାଲାଣ ହେଉଥିବା ପୋଲିସ ଜାଣିବାକୁ ପାଇଥିଲା। ଏହା ପରେ ପୋଲିସ ଜିଏସ୍‌ଟି ଅଧିକାରୀଙ୍କୁ ଯୋଗାଯୋଗ କରିଥିଲା। ବର୍ତ୍ତମାନ ଜିଏସ୍‌ଟି ଅଧିକାରୀ ଖଲ୍ଲିକୋଟ ଥାନାରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଥିଲେ। ତେବେ ଜବତ ରୁପା ଇଟାର ଆନୁମାନିକ ମୂଲ୍ୟ ୩୨ ଲକ୍ଷ ହେବ ପୋଲିସ ସୂଚନା ଦେଇଛି।

## ଠିକାଦାର ଓ ଅଧିକାରୀଙ୍କ ଅବହେଳାରୁ ରାସ୍ତା ହୋଇଛି ମରଣଯନ୍ତା



**ରାୟଗଡା,୨୯।୨୪ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ବିଷମକଟକରୁ ଡୁକୁମ ପଞ୍ଚାୟତର ଲକ୍ଷ୍ମୀପୁର ଗ୍ରାମକୁ ସଂଯୋଗ କରିବାକୁ ୨୦୧୧୮ ମସିହା ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧିନରେ ୧୦୪.୨୬ ଲକ୍ଷ ଟଙ୍କା ବ୍ୟୟରେ ଏକ ରାସ୍ତା ନିର୍ମାଣ କରାଯାଇଥିଲା । ଏହି କାର୍ଯ୍ୟର ଦାୟିତ୍ୱ ଏନ୍‌ବିସିସି ଇଣ୍ଡିଆ ଲିମିଟେଡ୍ କୁ ଦିଆଯାଇଥିଲା, ଯେଉଁଠାରେ ଠିକାଦାର ଚନ୍ଦ୍ରକାନ୍ତ ସିଂ ଏହାର ଟେଣ୍ଡର ପାଇ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିଥିଲେ। କିନ୍ତୁ ଅଭିଯୋଗ ଅନୁସାରେ ଏହି ରାସ୍ତାର ନିର୍ମାଣ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ମାତ୍ର ଗୋଟିଏ ବର୍ଷ ପରେ ମଧ୍ୟ ପିଚୁ ଖସିଯାଇଥିଲା । ରାସ୍ତାର କ୍ଷତି ଏତେ ଭୟାନକ ହୋଇଜାଇଥିଲା ଯେ ରାସ୍ତା ଉପର ପିଚୁ ଖସି ବଡ଼ ବଡ଼ ଖାଲ ରେ ପରିଣତ ହୋଇଛି । ଠିକାଦାର ଓ ଏନ୍‌ବିସିସି ଉଭୟ ମିଶି ରକ୍ଷଣାବେକ୍ଷଣ ନିମନ୍ତେ ମିଳିଥିବା ୭.୪୩ ଲକ୍ଷ ଟଙ୍କା ଦୁର୍ବ୍ୟବହାର କରିଥିବା ଅଭିଯୋଗ ରହିଛି । ଏହି ରାସ୍ତାର ପରିସ୍ଥିତି ଏତେ ଖରାପ ଯେ ଏହାରୁ ଗାଡ଼ି ଚଳାନୋ କିମ୍ବା ଜାତ୍ରୀମାନେ ଗମନା ଗମନ କରିବା ଅସମ୍ଭବ ହୋଇଛି । ପ୍ରତିଦିନ ଏହି ରାସ୍ତାରେ ଦୁର୍ଘଟଣା ଘଟୁଛି, ଓ ଗାଁବାସୀମାନେ ଯମଯନ୍ତ୍ରଣାରେ ରହୁଛନ୍ତି। ମରାମତି କାର୍ଯ୍ୟ ହୋଇନଥିବାରୁ ଏହା ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ଏକ ବଡ଼ ଚୁନାଉତିରେ ପରିଣତ ହୋଇଛି। ଏହି ଘଟଣା ପ୍ରଦର୍ଶନ କରୁଛି ଯେ, ଏକ ବଡ଼ ଯୋଜନା ସଫଳତାରେ ଗୁଣବତ୍ତା ଓ ନିୟମିତ ରକ୍ଷଣାବେକ୍ଷଣ କିପରି ଜରୁରୀ । ଗ୍ରାମ୍ୟ ଉନ୍ନୟନ ବିଭାଗ ମରାମତି ନିମନ୍ତେ ଅନୁଦାନ ମାଗିଛି, ଏବଂ ଟଙ୍କା ଆସିଲେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଅଧିକାରୀ ଜଣାଇଛନ୍ତି ।

## ପଂଚାୟତସ୍ତରୀୟ ବିପର୍ଯ୍ୟୟ ପରିଚାଳନା ବୈଠକ



**ସୁବର୍ଣ୍ଣପୁର,୨୯।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିରାମହରାଜପୁର ବ୍ଲକ ସୁବଳୟା ଗ୍ରାମ ପଂଚାୟତ ସଭାଗୃହ ଠାରେ ରେଆର ସୋନପୁର ତରଫରୁ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହାୟତା ରେ ଗ୍ରାମ ପଂଚାୟତ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ବୈଠକ ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି! ନାଇବ ସରପଞ୍ଚ ,ଜୟନ୍ତୀ ମେହେର, ସୁବଳୟା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ବେହେରା, ଯୋଗାଣ ସହାୟକ ଭରତ ଖମାରୀ,ବନ୍ୟା ଆଶ୍ରୟ ସ୍ଥଳୀ ପରିଚାଳନା କମିଟି ର ସମ୍ପାଦକ ଚକ୍ରଧର ପଧାନ,ଏମ ବି କେ ବବିତା ରାଣୀ ମହାପାତ୍ର ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ!ରେଆର ର ପ୍ରକଳ୍ପ ସଂଯୋଜକ ବିଶ୍ୱମ୍ବର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ମିତ୍ରଭାନୁ ମଲ୍ଲିକ ବୈଠକ ର ଉଦେଶ୍ୟ ବିଷୟରେ ଉପସ୍ଥାପନା କରିଥିଲେ!କାର୍ଯ୍ୟକ୍ରମ ରେ ପଂଚାୟତ ର ସି ଆର ପି, ୱାର୍ଡ ସଭ୍ୟ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠି ର ସଦସ୍ୟା ମାନେ ଉପସ୍ଥିତ ଥିଲେ!ଶେଷରେ ସୁଦାମ ଗାଇଗରିଆ ଧନ୍ୟବାଦ ଅର୍ପଣ କରିଥିଲେ

## ଟ୍ରାକ୍ଟର ତଳେ ଚାପି ହୋଇଗଲେ ଡ୍ରାଇଭର



### ପରିବାର ମାଗୁଛି ୫୦ ଲକ୍ଷ

**ନୂଆପଡ଼ା,୨୯।୧୧(ସଂଚାର ବ୍ୟୁରୋ):** ଟ୍ରାକ୍ଟର ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ପରିବାର ଦାବି କରୁଛି ୫୦ ଲକ୍ଷ କ୍ଷତିପୂରଣ। ଫଳରେ କାଲିଠୁ ଉଠିପାରୁନି ମୃତଦେହ। ଏପରି ଏକ ଅଘଟଣ ଗତକାଲି ଅପରାହ୍ଣରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ରାନିମୁଣ୍ଡା ଗାଁରେ ଘଟିଛି।

ମୃତକ ହେଲେ କୋଟାମାଲ ଗ୍ରାମର ପବିତ୍ର ଶବର । ସେ ପ୍ରାୟ ମାସେ ହେଲା ରାନିମୁଣ୍ଡା ଗ୍ରାମର ସୋମିନନ୍ଦ ସୁନାନୀଙ୍କ ଟ୍ରାକ୍ଟରରେ ଡ୍ରାଇଭର ଭାବେ କାମ କରୁଥିଲେ। ଗତକାଲି ଅପରାହ୍ଣ ପ୍ରାୟ ୩ଟା ବେଳେ ରାଣୀମୁଣ୍ଡା ଗ୍ରାମର ଏକ ଜମିରୁ ଅମଳ ହୋଇଥିବା ଧାନ ବସ୍ତା ଧରି ପବିତ୍ର ଆସୁଥିବା ବେଳେ ଟ୍ରାକ୍ଟରଟି ପ୍ରାୟ ୧୫ ଫୁଟ ତଳକୁ ଓଲଟି ପଡ଼ିଥିଲା। ଫଳରେ ତା' ତଳେ ଚାପି ହୋଇ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଖଡ଼ିଆଳ ପୁଲିସ ପହଞ୍ଚି ଶବ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ପରିବାର ଲୋକେ ତାହା ଉଠାଇବାକୁ ଦେଉ ନାହାନ୍ତି। ରାତି ସାରା ସେଠାରେ ଜଗି ରହିବା ସହ ଟ୍ରାକ୍ଟର ମାଲିକଙ୍କଠାରୁ ୫୦ ଲକ୍ଷ କ୍ଷତିପୂରଣ ଦାବି କରୁଛନ୍ତି। ଅନ୍ୟପକ୍ଷରେ ଏହି ଦୁର୍ଘଟଣା ପରେ ଟ୍ରାକ୍ଟର ମାଲିକ ଫେରାର ମାରିବା ସହ ଫୋନ୍ ସ୍ୱିଚ ଅଫ୍ କରି ଦେଇଥିବା ଅଭିଯୋଗ ହୋଇଛି। ମୃତ ପବିତ୍ରଙ୍କ ବିଧବା ସ୍ତ୍ରୀ ସହ ଦୁଇ ଛୋଟ ଛୋଟ ପୁଅ ଅଛନ୍ତି। ସେମାନେ ଏବେ ଅସହାୟ ହୋଇ ପଡ଼ିଛନ୍ତି। ସେମାନଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ସ୍ଥାନୀୟ ସରପଞ୍ଚ ତୁକାରାମ ହିଆଲ ଓ ଗ୍ରାମବାସୀ ଦାବି କରୁଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ;୨ ମୃତ, ୨ଗୁରୁତର

**ବଲାଙ୍ଗିର,୨୯।୧୧(ସଂଚାର ବ୍ୟୁରୋ):** ତୁଷୁରା ଥାନା ଅନ୍ତର୍ଗତ ମାଧିଆପାଲି ବ୍ରିଜ ଉପରେ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ଫଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଗୁରୁତର ଆହତ ହୋଇଛନ୍ତି। ମୃତ୍ୟୁ ବ୍ୟକ୍ତି ଜଣକ ହେଲେ ଅର୍ଜୁନପୁରର ବସନ୍ତ ସାହୁ। ଅନ୍ୟ ଜଣଙ୍କର ପରିଚୟ ମିଳିନାହିଁ। ଆହତ ଦ୍ୱୟଙ୍କ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଜି ଦିନ ପ୍ରାୟ ୧୨ ସମୟରେ ବସନ୍ତ ଓ ଅନ୍ୟ ଜଣେ ଯୁବକ ବାଇକ୍ ଯୋଗେ କୌଣସି କାମରେ ଯାଉଥିଲେ। ଏହି ସମୟରେ ବୀପରିତ ଦିଗରୁ ଆସୁଥିବା ବାଇକ୍ ସହ ସେମାନଙ୍କ ଗାଡ଼ିର ଧକ୍କା ହୋଇଥିଲା। ଘଟଣାସ୍ଥଳରେ ବସନ୍ତଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି।



## ଆର୍ଥିକ ସାକ୍ଷରତା ତାଲିମ୍ ଶିବିର

**ବରଗଡ,୨୯।୧୧(ସଂଚାର ବ୍ୟୁରୋ):** ବରଗଡ ଜିଲ୍ଲା ଅମ୍ବାଭନା ବ୍ଲକ ଅନ୍ତର୍ଗତ ଭୁକ୍ତା ଠାରେ ଏଚଡିଏଫସି ବ୍ୟାଙ୍କ ଓ ମହାଶକ୍ତି ଫାଉଣ୍ଡେସନ ର ପ୍ରକଳ୍ପ ସଂପୂର୍ଣ୍ଣା ଆନୁକୂଲ୍ୟରେ ଦିନିକିଆ ଡିଜିଟାଲ ଆର୍ଥିକ ସାକ୍ଷରତା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ସହକାରୀ କୃଷି ଅଧିକାରି ଉପମା ପିଙ୍ଗ ଯୋଗଦାନ କରି ଆର୍ଥିକ ସାକ୍ଷରତା କ୍ଷେତ୍ରରେ କୃଷି ର ଭୂମିକା ଉପରେ ଆଲୋଚନା କରିଥିବାବେଳେ ଉତ୍କଳିକା ମହିଳା କୃଷକ ଉତପାଦକ ସଙ୍ଘ ର ପରିଚାଳନା ନିର୍ଦ୍ଦେଶକ ସୁକୁମାରୀ ମାଝୀ ଯୋଗଦାନ କରି କୃଷି କ୍ଷେତ୍ରରେ ମା ମାନଙ୍କର ଭୂମିକା ଉପରେ ଆଲୋଚନା କରିଥିଲେ । ମହାଶକ୍ତି ଫାଉଣ୍ଡେସନ ର ତାଲିମ୍ ଦାତା ମମତା ପାଣିଗ୍ରାହୀ ଆର୍ଥିକ ଯୋଜନା, ସଂଚୟ, ବୀମା ଉପରେ ବିସ୍ତୃତ ଭାବରେ ଯୋଗଦାନ କରିଥିବା ମହିଳା ମାନଙ୍କୁ ଗପ ମାଧ୍ୟମରେ ବୁଝାଇଥିଲେ । ଡିଜିଟାଲ କ୍ଷେତ୍ରରେ ମାଆ ମାନେ କିପରି ଭାବରେ ୟୁପିଆଇ ଆପ୍ସ ମାଧ୍ୟମରେ ଠକାମୀ ର ଶିକାର ନ ହୋଇ ସୁରକ୍ଷିତ ଭାବରେ କାରବାର କରିବା ଉପରେ ପ୍ରକଳ୍ପ ସଂପୂର୍ଣ୍ଣା ମୁଖ୍ୟ ମିହିର ରଞ୍ଜନ ସାଗର ବିସ୍ତୃତ ଭାବରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ କୁ ଉତ୍କଳିକା ମହିଳା କୃଷକ ଉତପାଦକ ସଙ୍ଘ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପଂକଜିନି ସାହୁ ପରିଚାଳନା କରିଥିବାବେଳେ ବ୍ଲକ ସଂଯୋଜକ ମାନସୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଉତ୍କଳିକା ମହିଳା କୃଷକ ଉତପାଦକ ସଙ୍ଘ ର ବହୁ ସଂଖ୍ୟା ରେ ମହିଳା ମାନେ ଯୋଗଦାନ କରିଥିଲେ ।




## ବନ୍ୟପ୍ରାଣୀ ଡ଼ିଏଫଓଙ୍କ ଦ୍ୱାରସ୍ଥ ହେଲେ ଡମାଘାଟି ବାସିନ୍ଦା



**ନୟାଗଡ଼,୨୯।୧୧(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ବଡ଼ଶିଲିଙ୍ଗା ପଞ୍ଚାୟତର ଅନେକ ଗ୍ରାମ ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଡମାଘାଟି ଗାଁ। ଡମାଘାଟି ଓ ଆଖପାଖ ମୌଜାର ୫୦ ପରିବାର ଗାଁ ବାହାରେ ରହୁଥିବା ବେଳେ ଅଭୟାରଣ୍ୟ ଭିତରେ ପୁରୁଣା ଘର ଦ୍ୱାର, ଭିଟାମାଟି ଓ ଚାଷ ଜମି ପଡ଼ି ରହିଛି। ଯାହାକୁ ନେଇ ଆଜି ୧୦ରୁ ଉର୍ଦ୍ଧ୍ୱ ପରିବାର ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲଗୁନି ସାରଥି ମଲ୍ଲିକଙ୍କୁ ଭେଟିଛନ୍ତି । ଅଭୟାରଣ୍ୟ ଛାଡ଼ି ବାହାରେ ଜୀବନ ଜିଉଁଥିବା ଲୋକେ ଭିଟାମାଟି ଛାଡ଼ିବା ପାଇଁ ପ୍ରସ୍ତୁତ ବୋଲି ଦାବି ଜଣାଇଛନ୍ତି। ସରକାରଙ୍କ ନିୟମ ମୁତାବକ କ୍ଷତିପୂରଣ ପ୍ରଦାନ କରାଗଲେ, ଆମେ ଭିଟାମାଟି ଛାଡ଼ି ଅନ୍ୟତ୍ର ସ୍ଥାୟୀ ଭାବେ ବାସ କରିବୁ ବୋଲି ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ସ୍ୱାଧିନତାର ବହୁ ବର୍ଷ ପରେ ବି ଗାଁକୁ ରାସ୍ତା, ଶିକ୍ଷା, ବିଦ୍ୟୁତ୍ ଆଲୋକ ଅପହଞ୍ଚ ହୋଇଛି। ଅଭୟାରଣ୍ୟ ହେବା ପରଠାରୁ ଗାଁରେ ବସବାସ କରିବା ମଧ୍ୟ ସମ୍ଭବ ହେଉନାହିଁ ବୋଲି ଜଣାଇଛନ୍ତି । ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସେମାନଙ୍କ ଅଭିଯୋଗ ଶୁଣିବା ସହ ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି । ଅଭୟାରଣ୍ୟ ଛାଡ଼ିଲେ ସରକାରଙ୍କ ନିୟମ ଅନୁସାରେ ସର୍ଭେ କରାଯାଇ ସମସ୍ତ ପ୍ରକାର କ୍ଷତିପୂରଣ ଯୋଗାଇ ଦେବା ସହ ଆବଶ୍ୟକ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ଆଜି ଡମାଘାଟି ଗାଁର ଭ୍ରମର ମଲ୍ଲିକ, ସଙ୍କୀର୍ତ୍ତନ ଜାନୀ, ସିଦ୍ଧାନ୍ତ ଜାନୀ, ହରିହର ପ୍ରଧାନ, ସୁକାନ୍ତ ଜାନୀ, ରଞ୍ଜନ ମଳିକ, ଦୁଷ୍ମନ୍ତ ପ୍ରଧାନଙ୍କ ସମେତ ଅନେକ ଡିଏଫ୍‌ଓଙ୍କୁ ଭେଟିଥିଲେ । ଆଲୋଚନା ପରେ ଡିଏଫ୍‌ଓ ରବିବାର ଡମାଘାଟି ଯାଇ ସମସ୍ତଙ୍କ ସହ ବିସ୍ତୁତ ଆଲୋଚନା କରିବେ ବୋଲି କହିଛନ୍ତି । ଯେଉଁମାନେ ଆଗ୍ରହୀ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି କହିଛନ୍ତି ।

## ଧାନ କିଣା ବ୍ୟବସ୍ଥା ୭୪ ଜଣ ମିଲର୍ସଙ୍କ କବଜାରେ ଲକ୍ଷାଧିକ ଚାଷୀ



**କଳାହାଣ୍ଡି, ୨୯।୧୧(ସଂଚାର ବ୍ୟୁରୋ):** ପ୍ରଶାସନ ନୀରବ ଦ୍ରଷ୍ଟାପ୍ରଶାସନ ପକ୍ଷରୁ ଆଜିଠାରୁ ଧାନ କିଣା ଆରମ୍ଭ କରାଯିବାକୁ ଯୋଜନା କରାଯାଉଥିବା ବେଳେ ମିଲର୍ସ ଚୁକ୍ତି ନ କଲେ ଧାନ ମଣ୍ଡି ପ୍ରଭାବିତ ହେବାର ଏକ ଅହେତୁକ ପରିକଳ୍ପନା ସୃଷ୍ଟି ହୋଇଯାଇଛି। ମିଲର୍ସ ମାନେ ନିଜ ଜିଦରେ ଆଦି ବସି ପ୍ରଶାସନକୁ ଚାପ ପକାଇବାର ଚେଷ୍ଟା କରୁଥିବା ଆଲୋଚନା ହେଉଛି। କଳାହାଣ୍ଡି ଜିଲ୍ଲାରେ ମାତ୍ର ୭୪ ଜଣ ମିଲର୍ସ କଷ୍ଟମ ମିଲିଙ୍ଗ ପାଇଁ ଜିଲ୍ଲା ପ୍ରଶାସନର ଯୋଗାଣ ବିଭାଗ ସହିତ ଚୁକ୍ତି କରିଥାନ୍ତି। ତଦନୁସାରେ ଆଇନ ଅନୁସାରେ ଧାନ କିଣୁଥିବା ସମବାୟ ସମିତି କିମ୍ବା ମହିଳା ଏସ ଏଚ ଜି ଗୁଡିକ ଚାଷୀଙ୍କ ଧାନ କୁ ମଣ୍ଡି ମାନଙ୍କରେ କିଣିବା ପରେ ନିର୍ଦ୍ଧାରିତ ମିଲର୍ସ ମାନଙ୍କୁ କଷ୍ଟମ ମିଲିଙ୍ଗ ପାଇଁ ଦିଆଯାଇଥାଏ। ପ୍ରାୟ ସମସ୍ତ ସମବାୟ ସମିତି ଗୁଡିକରେ ଗୋଦାମ ଗୃହ ସବୁ ନିର୍ମାଣ କରାଯାଇଥିବା ବେଳେ ପ୍ରାୟ ଅଧିକାଂଶ ମଣ୍ଡିରେ ଆର ଏମ ସି ପକ୍ଷରୁ ଗୋଦାମ ଗୃହ ସବୁ ନିର୍ମାଣ କରାଯାଇଛି କିନ୍ତୁ ସେସବୁ କୁ ଧାନ କିଣା ସମୟରେ ବ୍ୟବହାର କରାଯାଉ ନ ଥିବା ଦେଖା ଯାଉଛି। ଅନେକ ଆର ଏମ ସି ଗୋଦାମକୁ ବ୍ୟବସାୟିକ ଭିତ୍ତିରେ ଭଡାରେ ଦିଆଯାଇଥିବା ବେଳେ ସେସବୁ ଧାନ କିଣା ସମୟରେ କାମକୁ ଆସି ପାରୁ ନ ଥିବା ଦେଖା ଯାଉଛି।କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କଷ୍ଟିଙ୍ଗ ସିଟ ରେ ମଣ୍ଡିକୁ ଧାନ ଆଣିବା ଠାରୁ ଆରମ୍ଭ କରି ବସ୍ତା, ସୁତୁଲି, ଲିଫଟିଙ୍ଗ, ଷ୍ଟୋରେଜ ଇତ୍ୟାଦି ସମସ୍ତ ଖର୍ଚ୍ଚ ବ୍ୟବସ୍ଥା କରାଯାଇଛି ଏବଂ ଓଡ଼ିଶା ରେ ସରକାରଙ୍କ ଯୋଗାଣ ବିଭାଗ ନିୟନ୍ତ୍ରଣ ରେ ଧାନ କିଣା ବ୍ୟବସ୍ଥା ପରିଚାଳନା କରାଯାଉଛି। ଦୀର୍ଘ ବର୍ଷ ର ଅବ୍ୟବସ୍ଥା ମଧ୍ୟରେ ମଣ୍ଡି ମାନଙ୍କରେ ମିଲର୍ସ ମାନଙ୍କ ମିୟନ୍ତ୍ରଣ ରେ ଧାନ କିଣା ବ୍ୟବସ୍ଥା ଚାଲୁଥିବା ହେତୁ ସେହି ପ୍ରକ୍ରିୟା ରେ ସମସ୍ତେ ଅଭ୍ୟସ୍ତ ହୋଇଯାଇଥିବା କାରଣରୁ କାଗଜପତ୍ର ରେ ଥିବା ନିୟମ କାନୁନ କୁ ପ୍ରାୟତଃ ଭୁଲିଯାଇଥିବା ପରିଲକ୍ଷିତ ହେଉଛି। ପରିସ୍ଥିତି ଏଭଳି ଅଭ୍ୟାସ ରେ ପରିଣତ ହୋଇଗଲାଣି ଯେ, ଚାଷୀ ଠାରୁ ଆରମ୍ଭ କରି ପ୍ରଶାସନ ସହିତ ସମସ୍ତେ ମିଲର୍ସ ନ ଆସିଲେ ମଣ୍ଡି ଚାଲି ପାରିବ ନାହି ବୋଲି ଏକ ଅହେତୁକ ବିଶ୍ୱାସ ସୃଷ୍ଟି ହୋଇଯାଇଥିବା ପରିଲକ୍ଷିତ ହେଉଛି।

## ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୮୩ଟି ପ୍ରକଳ୍ପ ପ୍ରଦର୍ଶିତ

**ଯୋଡ଼ା,୨୯।୧୧(ସଂଚାର ବ୍ୟୁରୋ):** ଯୋଡ଼ା ବ୍ଲକ ନିକଟସ୍ଥ ବନେଇକଳା ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଯୋଡ଼ା ବ୍ଲକରୁ ୮୩ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଏହି ପ୍ରକଳ୍ପ ରେ ୧୦୨ ଜଣ ମାର୍ଗଦର୍ଶକ ଶିକ୍ଷକ ଓ ୨୪୫ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ଏବଂ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାକୁ ୭ଟି ପ୍ରକଳ୍ପ କୁ ଅନୁମୋଦନ କରାଯାଇଥିଲା। ଉଦଘାଟନ ଉତ୍ସବ ରେ ଯୋଡ଼ା ବ୍ଲକ ଗୋଷ୍ଠୀ ଅଧିକାରିଣୀ ଶ୍ରୀମତୀ ଅରୁଣିମା ସାହୁ ଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିବା ପରେ ପ୍ରତିଯୋଗୀ ମାନେ ନିଜ ନିଜର ପ୍ରକଳ୍ପ ପ୍ରଦର୍ଶିତ କରାଇଥିଲେ. ପ୍ରତେକ ଛାତ୍ର ଛାତ୍ରୀ ମାନଙ୍କର ବିଜ୍ଞାନ ପ୍ରତି ରୁଚି ଓ ପ୍ରକଳ୍ପ ଗୁଡିକୁ ମୁଖ୍ୟ ଅତିଥି ଦେଖିବା ପରେ ଭବିଷ୍ୟତ ରେ ଜଣେ ଜଣେ କୁନି ବୈଜ୍ଞାନିକ ହୋଇ ନିଜର ସ୍ୱପ୍ନ ପୂରଣ କରିବା ପାଇଁ ପିଲାମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଏହି ବିଜ୍ଞାନ, ଗଣିତ ଓ ପରିବେଶ ମେଳାରେ ବାଳ ବୈଜ୍ଞାନିକ ମାନେ ନିଜ ନିଜର ବୈଜ୍ଞାନିକ ପ୍ରତିଭା କୁ ପ୍ରଦର୍ଶିତ କରାଇ ଥିଲେ. ଏହି ବିଜ୍ଞାନ ମେଳା ରେ ମୋଟ ୬୦୦ଜଣ ରୁ ଅଧିକ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ। ଯୋଡ଼ା ବ୍ଲକ ର ସମସ୍ତ ସି. ଆର. ସି. ସି., ବାନେଇକଳା ଉଚ୍ଚ ବିଦ୍ୟାଳର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଯୋଡ଼ା ବ୍ଲକ ର ସମସ୍ତ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ. ବିଜ୍ଞାନ ମେଳାରେ ପ୍ରକଳ୍ପ ଗୁଡିକୁ ମୂଲ୍ୟାୟନ କରି ଜିଲ୍ଲା ସ୍ତର କୁ ପ୍ରଥମ ପ୍ରତିଯୋଗୀ ମାନଙ୍କୁ ମନୋନୀତ କରାଇବା ପାଇଁ ଚାରିଜଣ ବିଜ୍ଞାନ ଶିକ୍ଷକ ଅନିଲ କୁମାର ଗିରି, ଶାନ୍ତନୁ କୁମାର ପ୍ରଧାନ, ଅରୁଣ କୁମାର ମିଶ୍ର ଏମ. ଏମ ମୁର୍ମୁ ମୂଲ୍ୟାୟନ କରି ଥିଲେ. ଏହି କାର୍ଯ୍ୟକ୍ରମ କୁ ସି ଆର ସି ସି ଶ୍ରୀଯୁକ୍ତ ଦୁଃଖବନ୍ଧୁ ମିଶ୍ର ସଂଯୋଜନା କରିଥିଲେ। ଶେଷରେ ପଶ୍ଚିମ ଯୋଡ଼ା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷଜ ଧନ୍ୟବାଦ ଅର୍ପଣ କରିବା ପରେ ସଭାପତି ଶ୍ରୀଯୁକ୍ତ ଯଯାତି କେଶରୀ ବେହେରା ସଭାସଙ୍ଗ ଘୋଷଣା କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

**ଖପ୍ରାଖୋଲ,୨୯।୧୧(ସଂଚାର ବ୍ୟୁରୋ):** ଭିନ୍ନକ୍ଷମ ମାନଙ୍କୁ ସଚେତନ, ପଞ୍ଜିକରଣ କରିବା ସହ ପ୍ରମାଣ ପତ୍ର ଦେବା ଉଦେଶ୍ୟରେ ଆଜି ଖପ୍ରାଖୋଲ ଠାରେ ଭୀମଭୋଇ ଭିନ୍ନକ୍ଷମ ସାମଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଥିଲା । କିନ୍ତୁ ଏହି ଭିନ୍ନକ୍ଷମ ସାମଥ୍ୟ ଅଭିଯାନ ଶିବିର କୁ ଭିନ୍ନ ପ୍ରକାର ଭିନ୍ନକ୍ଷମ ମାନେ ଆସିବା କଥା କିନ୍ତୁ କାହା ପାଇଁ ଏହି କାର୍ଯ୍ୟକ୍ରମ ବୋଲି ଏବେ ସାଧାରଣରେ ଚର୍ଚ୍ଚା ହେଉଛି । ଖାଲି କାର୍ଯ୍ୟକ୍ରମ କରି ବାହା ବାହା ନେଉ ଥିବା ସମ୍ପୃକ୍ତ ବିଭାଗ ଓ ଆୟୋଜନ କରୁଥିବା ସରକାର ଖାଲି ନାମକୁ ମାତ୍ର କାର୍ଯ୍ୟକ୍ରମ କରୁଥିବା ଅଞ୍ଚଳ ରେ ଚର୍ଚ୍ଚା ହେଉଛି ଏଠି ଖାଲି କେବଳ ମୁଣ୍ଡରୁ ଦୋଷ ହଟାଇବାକୁ ପ୍ରାଶାସନ ପକ୍ଷରୁ କାର୍ଯ୍ୟକ୍ରମ ସାରି ବାହାବା ନେଉଥିବା ଅଭିଯୋଗ ହେଉଛି । ତାଙ୍କ ପାଇଁ ପ୍ରଶାସନ କାହିକି ତତ୍ପର ଦେଖାଉନାହି ବୋଲି ଦାବି ହେଉଛି ଏବଂ ଖପ୍ରାଖୋଲ ଅଞ୍ଚଳରେ ଭିନ୍ନକ୍ଷମ ପ୍ରତିଶତ ମଧ୍ୟ କମିକମି ଯାଉଛି ତେବେ କାହିକି ଏଦିଗରେ ପ୍ରଶାସନ ଦୃଷ୍ଟି ଦେଉନି ବୋଲି ପ୍ରଶ୍ନ ଉଠୁଛି ,କେବଳ ଯେ କାର୍ଯ୍ୟକ୍ରମ ସାରି ତହବିଲ ରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚା କରୁଥିବା ସାଧାରଣରେ ଚର୍ଚ୍ଚା ଧରିଛି। ଏହି କାର୍ଯ୍ୟକ୍ରମରେ ଖପ୍ରାଖୋଲ ଚେୟାରମେନ ନିରୁପମା ପଟେଲ ସମେତ ବିଡିଓ, ତହସିଲଦାର, ବିଏସଏସଓ, ଅଙ୍ଗନୱାଡି କର୍ମୀ ଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ ।